ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ (୮+୮=୧୬ ପୃଷ୍ଠା) Balasore, Wednesday, March 23/2022 Page 16 ₹ 7.00 ★★★★

୪୮ଶ ଭାଗ ୧୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ସଂକ୍ଷେପରେ

### ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ିଗଲେ ୨ ଶିଶୁ


**ପାପଡ଼ାହାଣ୍ଡି,୨୨।୩(ଡି.ଏନ୍.ଏ.):** ଘରୁ ହସ ଖୁସିରେ ଗାଧୋଇବାକୁ ବାହାରିଯାଇଥିଲେ ୨ଶିଶୁ। କିନ୍ତୁ ସେମାନେ ଆଉ ଘରକୁ ଫେରି ନ ଥିଲେ। ଉକ୍ତ ପୋଖରୀରେ ବୁଡି ୨ ଶିଶୁଙ୍କ ମୃତ୍ୟୁ ହୋଇଯାଇଛି। ଏପରି ଦୁଃଖଦ ଘଟଣା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ପାଇକ କତରା ଗ୍ରାମରେ ଘଟିଛି। ମୃତକ ୨ଜଣ ହେଲେ ଧନସାଇ ବାଘଙ୍କ ପୁଅ ଜିଜିକଲ (୬) ଓ ତପନ ଭତରାଙ୍କ ପୁଅ ରାଜ (୬)। ଜିଜିକଲ ଓ ରାଜ ପୋଖରୀରେ ଗାଧୋଇବାକୁ ସକାଳୁ ଘରୁ ଯାଇଥିଲେ। ଅପରାହ୍ନ ୨ଟା ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ପୋଖରୀ ହୁଡାରେ ସେମାନଙ୍କ ପୋଷାକ ଦେଖି ଗ୍ରାମବାସୀ ପାଣି ଭିତରକୁ ଯାଇଥିଲେ। ପୋଖରୀରୁ ସେମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ବିଷ ପିଇ ଦମ୍ପତିଙ୍କ ଆତ୍ମହତ୍ୟା

**ମାଲକାନଗିରି,୨୨।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟାରେ ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଡମ୍ବରୁ ସଗରିଆ ଓ ତାଙ୍କ ସ୍ତ୍ରୀ କୁନି ସଗରିଆ। ବୁଦ୍ରା ସଗରିଆ ଓର୍କେଲ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ତାଙ୍କ ପୁତୁରା ଡମ୍ବରୁ ଓ ସ୍ତ୍ରୀ କୁନଙ୍କ ମଧ୍ୟରେ କିଛିଦିନ ଧରି ମନାନ୍ତର ଲାଗି ରହିଥିଲା। ଏହାକୁ ନେଇ ସୋମବାର ରାତିରେ କୁନି ବିଷ ଖାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁନିଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଜାଣିବା ପରେ ମଙ୍ଗଳବାର ସକାଳେ ପୁତୁରା ଡମ୍ବରୁ ବିଷ ଖାଇ ଗୁରୁତର ହୋଇପଡ଼ିଥିଲେ। ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଗୁଣାତ୍ମକ ସାମଗ୍ରୀ ପାଇଁ ବ୍ୟବସାୟ ତିଷ୍ଠିରହେ

**ବାଣିଜ୍ୟ ଶିକ୍ଷା ଶେଷ କରି ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ଇଲେକ୍ଟ୍ରୋନିକ୍ସ ବ୍ୟବସାୟରେ ଅଭିଜ୍ଞତା ହାସଲ କରି ଜଣାଶୁଣା କମ୍ପାନୀ ଏଲ୍‌ଜିର ଉତ୍ପାଦ ବିକ୍ରି କରିବାକୁ ସୁଯୋଗ ମିଳିଲା। ବଜାରରେ ଏକ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ସ ପ୍ରତିଷ୍ଠାନ ଭାବେ ପରିଚୟ ସୃଷ୍ଟି ହେଲା। ବାପାଙ୍କ ପ୍ରେରଣା ଓ ପରିବାରର ସହଯୋଗ ଫଳରେ ଉଦ୍ଦେଶ୍ୟ ସାଧିତ ହୋଇଛି ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ କହିଛନ୍ତି ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ ଡାଇରେକ୍ଟର ସଞ୍ଜୟ ଡିଡ୍‌ୱାନିଆ।**



**ସଞ୍ଜୟ ଡିଡ୍‌ୱାନିଆ**
**ଡାଇରେକ୍ଟର, ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ**




**✪ ପାରିବାରିକ ବ୍ୟବସାୟରୁ ପର୍ସନାଲ ବିଜ୍‌ନେସର ଯାତ୍ରା କିଭଳି ଜାରି ରହିଛି?**

ଭଦ୍ରକରେ ବାପାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଥିଲା। ଉଚ୍ଚଶିକ୍ଷା ଶେଷ ପରେ ବାପାଙ୍କୁ ସହଯୋଗ କରିବା ପାଇଁ ବ୍ୟବସାୟରେ ସାମିଲ ହୋଇଥିଲି। ବେପାର ଅଭିଜ୍ଞତା ହାସଲ ପରେ ୯୦ ଦଶକରେ ଆଉ ଏକ ସୁଯୋଗ ମିଳିଥିଲା। ଆରମ୍ଭ ହୋଇଥିଲା ନିଜସ୍ୱ ଇଲୋକ୍ଟ୍ରୋନିକ୍ସ ବ୍ୟବସାୟ। ଏଲ୍‌ଜି ପକ୍ଷରୁ ବ୍ୟବସାୟ ପାଇଁ ଆବଶ୍ୟକ ସ୍ୱୀକୃତି ପାଇ ଭଦ୍ରକ ସହରରେ ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ ଖୋଲିଥିଲି। ସେବେଠୁ ବ୍ୟବସାୟର ଯାତ୍ରା ଆଗକୁ ବଢ଼ିଚାଲିଛି। ପରିବାର ସହଯୋଗ ଓ ଗ୍ରାହକଙ୍କ ଭଲ ପାଇବା ଯୋଗୁ କାରବାର ଭଲ ରହିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଆଶାବାଦୀ।

**✪ ବାଣିଜ୍ୟର ଛାତ୍ର ହୋଇ ବ୍ୟବସାୟ ପାଇଁ ମନବଳାଇଲେ, ନିଷ୍ପତ୍ତି କେତେ ଦୂର ଠିକ୍ ଥିଲା ବୋଲି ଭାବୁଛନ୍ତି?**

ବ୍ୟବସାୟ କରିବା ପାଇଁ ବିଭାଗର ଆବଶ୍ୟକତା ନାହିଁ। ହେଲେ କଠିନ ପରିଶ୍ରମ ଓ ଲୋକସମ୍ପର୍କ ଜରୁରୀ। ବାଣିଜ୍ୟରେ ଉଚ୍ଚଶିକ୍ଷା ଶେଷ ପରେ ନିଯୁକ୍ତି ପାଇଁ କିଛି ସୁବିଧା ନ ଥିଲା। ବାହାର ରାଜ୍ୟକୁ ନ ଯାଇ ନିଜ ଅଞ୍ଚଳରେ କିଛି କରିବା ପାଇଁ ବହୁ ଲୋକ ପରାମର୍ଶ ଦେଇଥିଲେ। ଫଳରେ ପାରିବାରିକ ବ୍ୟବସାୟରେ ଯୋଗଦେବା ସହ ବ୍ୟବସାୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ ଚେଷ୍ଟା କଲି। ଅଭିଜ୍ଞତା ହାସଲ ଏବଂ ବ୍ୟବସାୟୀ ହେବାର କଳା ମଧ୍ୟ ଗ୍ରହଣ କରି ଜଣାଶୁଣା କମ୍ପାନୀ ଏଲ୍‌ଜି ସହଯୋଗରେ ଏଲ୍‌ଜି ଉତ୍ପାଦ ବିକ୍ରି କରିବାକୁ ସୁଯୋଗ ପାଇଲି। ବଜାରରେ ଏକ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ସ ପ୍ରତିଷ୍ଠାନ ଭାବେ ପରିଚୟ ସୃଷ୍ଟି ହେଲା। ବାପାଙ୍କ ପ୍ରେରଣା ଓ ପରିବାରର ସହଯୋଗ ଫଳରେ ଉଦ୍ଦେଶ୍ୟ ସାଧିତ ହୋଇଛି।

**✪ ବର୍ତ୍ତମାନ ବଜାରରେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ କିଭଳି ରହିଛି?**

କୋଭିଡ୍ ପୂର୍ବରୁ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ ଆଶାନୁରୂପ ଥିଲା। କିନ୍ତୁ ୨୦୨୦ ପ୍ରଥମ ଭାଗରୁ ଆଜି ପର୍ଯ୍ୟନ୍ତ ଆଶା ଓ ଆଶଙ୍କା ମଧ୍ୟରେ ସଂଘର୍ଷ କରୁଛି। ବିଶେଷକରି ଅନ୍‌ଲାଇନ୍ ବ୍ୟବସାୟର ପ୍ରବେଶ ପରଠାରୁ ଅଫ୍‌ଲାଇନ୍ ବ୍ୟବସାୟ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଉପଯୁକ୍ତ ଦରଠାରୁ କମ୍ ଦାମ୍ ଓ ହୋମ୍ ଡେଲିଭରି ସହ ଆକର୍ଷଣୀୟ ଅଫର୍ ଆଦି ପ୍ରତ୍ୟକ୍ଷ ବ୍ୟବସାୟକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ଗୁଣାତ୍ମକ ସାମଗ୍ରୀ ଓ ସୁବିଧା ପ୍ରଦାନ ସହ ଲୋକସମ୍ପର୍କ ଯୋଗୁଁ ବ୍ୟବସାୟିକ ପ୍ରତିଷ୍ଠାନ ତିଷ୍ଠିରହିଛି। ଏସବୁ ପରେ ବ୍ୟବସାୟ କରିବାକୁ ହେଲେ ପରିଶ୍ରମ ସାଙ୍ଗକୁ ସାଧୁତା ରକ୍ଷା କରିବାକୁ ପଡ଼ିବ।

**✪ ଆପଣଙ୍କ ବ୍ୟବସାୟରେ ଟାର୍ଗେଟ କଷ୍ଟମର କିଏ ଏବଂ ସର୍ବାଧିକ ବିକ୍ରୟ ସାମଗ୍ରୀ କ'ଣ?**

ଭଦ୍ରକ ଏକ କୃଷିଭିତ୍ତିକ ଜିଲା। ଏହାର ବଜାରଗୁଡ଼ିକ ମଧ୍ୟ ଗ୍ରାମୀଣ ଓ ସହରଭିତ୍ତିକ ବଜାର। ଭଦ୍ରକ ଜିଲା ସହ ଏହାର ପଡ଼ୋଶୀ ଜିଲାର ଗ୍ରାହକମାନେ ମଧ୍ୟ ଭଦ୍ରକ ସହରକୁ ଆସିଥାନ୍ତି। ଏହି ବଜାର ବିଶେଷକରି ମଧ୍ୟମବର୍ଗଙ୍କ ଦ୍ୱାରା ପରିଚାଳିତ। ଏଠାରେ ସବୁପ୍ରକାରର ଇଲେକ୍ଟ୍ରୋନିକ୍ସ ଉତ୍ପାଦର ଚାହିଦା ରହୁଛି। ବିଶେଷକରି ୩୨ ଇଞ୍ଚ ଏଲ୍‌ଇଡି ଟିଭି ସହ ରେଫ୍ରିଜରେଟର ଓ ୱାଶିଂମେଶିନ ଭଳି ସାମଗ୍ରୀ ସର୍ବାଧିକ ବିକ୍ରି ହେଉଛି। ଏସି, ମାଇକ୍ରୋ ଓଭେନ୍ ଭଳି ଉତ୍ପାଦର ଡିମାଣ୍ଡ ମଧ୍ୟ ରହୁଛି।

**✪ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ବଜାରରେ କ'ଣ ସବୁ ସମସ୍ୟା ରହିଛି ଏବଂ ତାହା ବ୍ୟବସାୟ କ୍ଷେତ୍ରରେ କିଭଳି ଅସୁବିଧା ସୃଷ୍ଟି କରୁଛି?**

କୋଭିଡ୍‌ର ପ୍ରଥମ ଲହରଠାରୁ ଅଦ୍ୟାବଧି ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରାୟ ୪୦% ବେପାର ହ୍ରାସ ପାଇଛି। ବ୍ୟବସାୟରେ ସଙ୍ଘୀୟ ବ୍ୟବସ୍ଥା ସହ ଆନ୍ତର୍ଜାତୀୟ ବାଣିଜ୍ୟ ଚୁକ୍ତି ମଧ୍ୟ ବାଧକ ସାଜିଛି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଓ ଆମଦାନୀରେ ବଡ଼ ସମସ୍ୟା ରହିଥିବାବେଳେ କମ୍ପାନୀଗୁଡ଼ିକ ମଧ୍ୟ ଆବଶ୍ୟକତା ଅନୁସାରେ ସାମଗ୍ରୀ ଯୋଗାଇ ପାରୁନାହାନ୍ତି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ପାଇଁ ଆବଶ୍ୟକ ପ୍ରମୁଖ ଉପାଦାନ ସହ ଚାଇନାରୁ ସାମଗ୍ରୀ ଆସି ପାରୁ ନ ଥିବାରୁ ଉଭୟ କମ୍ପାନୀ ଓ ଡିଲରମାନେ ଗ୍ରାହକଙ୍କ ଚାହିଦା ପୂରଣ କରିପାରୁନାହାଁନ୍ତି।

**✪ ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି?**

ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ରହିଥିବାରୁ ସମୟ ବାହାର କରିବା କଷ୍ଟକର। ତଥାପି ସାଙ୍ଗସାଥୀ ବନ୍ଧୁ ପରିଜନଙ୍କ ସହ ସମୟ ବିତାଇବାକୁ ଚାହେଁ। ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିବାରୁ ଉଭୟ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିଲେ ମଧ୍ୟ ଆବଶ୍ୟକ ସହଯୋଗ ପାଇଁ ପ୍ରଚେଷ୍ଟା ଜାରି ରହିଛି।

**ଜାତୀୟସ୍ତରୀୟ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସର୍ବେକ୍ଷଣ**

# ୪୪୯ ବିଦ୍ୟାଳୟ ସାମିଲ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ତୃତୀୟ ଶ୍ରେଣୀରେ ପଢ଼ୁଥିବା ଛାତ୍ରୀଛାତ୍ରଙ୍କ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣର ସ୍ତର ନିର୍ଦ୍ଧାରଣ ନିମନ୍ତେ ଆସନ୍ତା ୨୩ ତାରିଖଠାରୁ ସର୍ବେକ୍ଷଣ ଆରମ୍ଭ ହେବ। ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ ଏବଂ ଭାରତ ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଏହି ସର୍ବେକ୍ଷଣ କରାଯିବ। ଏହି ସର୍ବେକ୍ଷଣର ମୂଳ ଲକ୍ଷ୍ୟ ହେଉଛି ଦେଶରେ ଶିକ୍ଷାଦାନ ନିମନ୍ତେ ବ୍ୟବହୃତ ହେଉଥିବା ବିଭିନ୍ନ ଭାଷାରେ ତୃତୀୟ ଶ୍ରେଣୀରେ ପଢ଼ୁଥିବା ପିଲାଙ୍କ ଭାଷାଜ୍ଞାନ ଓ ସଂଖ୍ୟା ଜ୍ଞାନ କ୍ଷେତ୍ରରେ ଶିକ୍ଷଣସ୍ତର ଜାଣିବା ଓ ସେମାନଙ୍କ ଶିକ୍ଷଣର ଅଗ୍ରଗତି ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା। ଏହି ସର୍ବେକ୍ଷଣରେ ଓଡ଼ିଶାର ୩୦ଟି ଜିଲାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ମୋଟ ୬୦ ଜଣ ସଂଯୋଜକ ଓ ୩୪୫ ଜଣ କ୍ଷେତ୍ର ଅନୁଧ୍ୟାନକାରୀଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ସର୍ବେକ୍ଷଣରେ ସରକାରୀ, ବେସରକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଉର୍ଦ୍ଦୁ ହିନ୍ଦୀ ଓ ଇଂଲିଶ ଭାଷାରେ ପଢ଼ୁଥିବା ତୃତୀୟ ଶ୍ରେଣୀର ସମସ୍ତ ପିଲାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶାରୁ ୪୪୯ଟି ବିଦ୍ୟାଳୟ ସର୍ବେକ୍ଷଣରେ ସାମିଲ ହୋଇଛି। ରାଜ୍ୟରେ ୨୪ ତାରିଖରେ ପୌର ନିର୍ବାଚନ ଓ ୨୫ରେ ସମସ୍ତ ଉର୍ଦ୍ଦୁ ବିଦ୍ୟାଳୟ ବନ୍ଦ ରହୁଥିବାରୁ ୨୩ରୁ ୨୫, ୨୬ରୁ ୨୮ ଏବଂ ଏପ୍ରିଲ ୪ରୁ ୬ ତାରିଖ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ସର୍ବେକ୍ଷଣ ଶେଷ କରାଯିବାକୁ ନିର୍ଦ୍ଧାରିତ ହୋଇଛି। ସର୍ବେକ୍ଷଣ ପରିଚାଳନା ପାଇଁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଓଡ଼ିଶାରେ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତର ଜାଣିବା ସହିତ ସେମାନଙ୍କ ଶିକ୍ଷଣର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାରେ ଏହି ସର୍ବେକ୍ଷଣ ସହାୟକ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।




# ୪୧ ଡିଗ୍ରୀ ଟପିଲା ଟିଟିଲାଗଡ଼

- ୪୦ ଡିଗ୍ରୀ ଉପରେ ୫ ସହର
- ୨୫ରୁ ଆହୁରି କଲବଲ କରିବ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ପ୍ରବଳ ତାତି। ଚାରିଆଡ଼େ ମୁଣ୍ଡଫଟା ଖରା। ପ୍ରଚଣ୍ଡ ଗ୍ରୀଷ୍ମରେ ସମଗ୍ର ରାଜ୍ୟ ଆଉଟପାଉଟ ହେଉଛି। ଆସନ୍ତା ୨୫ ତାରିଖରୁ ତାତିର ପ୍ରକୋପ ଆହୁରି ବଢ଼ିବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀକୁ ଟପିଯିବ। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ବୃଦ୍ଧି ପାଇବ। ଦିନରେ ବାହାରେ ରହିବା ମୁସ୍କିଲ ହୋଇପଡ଼ିବ। ରାଜ୍ୟକୁ ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ ହେବ। ଏଥିଯୋଗୁ ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ଯାଏ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ମଙ୍ଗଳବାର ୫ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବାଧିକ ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୦.୫, ବୌଦ୍ଧ ୪୦ , ବାରିପଦା ୪୦, ସମ୍ବଲପୁର ୪୦, ହୀରାକୁଦ ୩୯.୫, ଝାରସୁଗୁଡା ୩୮.୮, ତାଳଚେର ୩୮, ସୁନ୍ଦରଗଡ଼ ୩୮, କଟକ ୩୭.୨ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨/୩ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# କୋରାପୁଟରୁ ଧରାପଡ଼ିଲେ ଆଉ ୪ ଅଭିଯୁକ୍ତ

**ସେବାୟତ କୃଷ୍ଣ ପ୍ରତିହାରୀ ହତ୍ୟା ମାମଲା**

- ସାତପଡ଼ା, ଚିଲିକାରେ ୨ଦିନ ଲେଖାଏ ରାତି କାଟିଥିଲେ
- ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ
- ବନ୍ଧୁକ, ୨ ଗୁଳି ଓ ୨ ମୋବାଇଲ ଜବତ

**ପୁରୀ ଅଫିସ,୨୨।୩**

ଶ୍ରୀମନ୍ଦିର ସେବାୟତ ତଥା ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲାରେ ପୁରୀ ପୋଲିସକୁ ଆଉ ଏକ ସଫଳତା ମିଳିଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଆଉ ୩ ଅଭିଯୁକ୍ତଙ୍କ ସମେତ ସେମାନଙ୍କୁ ଲୁଚାଇ ରଖିଥିବା ଅଭିଯୋଗରେ ଆଉ ଜଣଙ୍କୁ ମଙ୍ଗଳବାର କୋରାପୁଟ ଜିଲାରୁ ଗିରଫ କରିଛି ପୁରୀ ପୋଲିସ। ସେମାନେ ହେଲେ ପ୍ରଫୁଲ୍ଲ ମହାପାତ୍ର (ଗୁଟୁ), ଲକ୍ଷ୍ମଣ ସୁଆର(କୁନୁମୁନି), ହରି ପଣ୍ଡା ଏବଂ ଜଗନ ଖଟେଇ। କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଭାଇ ନରସିଂହ ପ୍ରତିହାରୀ ଏତଲାରେ ସମ୍ପୃକ୍ତ ୩ ଅଭିଯୁକ୍ତ(ଗୁଟୁ, କୁନୁମୁନି ଓ ହରି) ହତ୍ୟାକାଣ୍ଡ ଘଟାଇଥିବା ଉଲ୍ଲେଖ କରିଥିଲେ। ଏହି ଗୁଳିକାଣ୍ଡ ମାମଲାରେ ପୋଲିସ ପ୍ରଥମ ପର୍ଯ୍ୟାୟରେ ୬ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ ମଧ୍ୟ ସମ୍ପୃକ୍ତ ୩ ଅଭିଯୁକ୍ତ ଫେରାର ଥିଲେ। ମଙ୍ଗଳବାର ଗିରଫ କରାଯାଇଥିବା ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି କନୱର ବିଶାଳ ସିଂ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ତେବେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଜଗନ ଖଟେଇ ଅଭିଯୁକ୍ତମାନଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ ବୋଲି ପଚରାଉଚରା ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଧାରା–୩୦୨, ୧୨୦(ବି), ୩୪ ଓ ଆର୍ମ୍ସ ଆକ୍ଟ ୨୫ ଓ ୨୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

କୃଷ୍ଣ ପ୍ରତିହାରୀଙ୍କୁ ହତ୍ୟା କରିବା ପରେ ଏହି ଅଭିଯୁକ୍ତମାନେ ପ୍ରଥମେ ସାତପଡ଼ା ଜଙ୍ଗଲକୁ ଯାଇ ଲୁଚି ରହିଥିଲେ। ସେଠାରେ ଦୁଇଦିନ ରହିବା ପରେ ପରିବେଶ ଅସହ୍ୟ ହେବାରୁ ବାହାରି ଆସି ଚିଲିକା ହ୍ରଦ ମଧ୍ୟରେ ଦୁଇ ଦିନ ଓ ଦୁଇ ରାତି ଏକ ଡଙ୍ଗାରେ ସମୟ ଅତିବାହିତ କରିଛନ୍ତି। ପୋଲିସ ଚିଲିକା ହ୍ରଦରେ ଥିବା ବିଭିନ୍ନ ଡଙ୍ଗାରେ ଚଢ଼ାଉ କରୁଥିବାର ଜାଣି ଅଭିଯୁକ୍ତମାନେ ରାଜ୍ୟ ଛାଡ଼ି ଚାଲିଯିବା ପାଇଁ ଯୋଜନା କରିଥିଲେ। ରାଜ୍ୟ ଛାଡ଼ିବା ଉଦ୍ଦେଶ୍ୟରେ ଏମାନେ କୋରାପୁଟ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। କୋରାପୁଟ ଜିଲା ପୋଲିସ ସହାୟତାରେ ପୁରୀ ପୋଲିସ ଟିମ୍ କୋରାପୁଟରେ ପହଞ୍ଚି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୋଲିସ ପ୍ରଥମେ ୪ଟି ଟିମ୍ ଓ ପରବର୍ତ୍ତୀ ପର୍ଯ୍ୟାୟରେ ୭ଟି ଟିମ୍ ଗଠନ କରି ଖୋଜାଖୋଜି ଜାରି ରଖିଥିଲା। ୭ଜଣ ଇନ୍ସପେକ୍ଟର, ଜଣେ ଡିଏସ୍‌ପି ଓ ଜଣେ ଅତିରିକ୍ତ ଏସ୍‌ପି କ୍ରମାଗତ ଭାବେ ଅଭିଯୁକ୍ତଙ୍କ ସମ୍ଭାବ୍ୟ ଠିକଣା ଉପରେ ଚଢ଼ାଉ କରୁଥିଲେ। ସେହିଭଳି ଅଭିଯୁକ୍ତମାନେ ମୋବାଇଲ ଫୋନ୍ ବ୍ୟବହାର କରୁ ନ ଥିବାରୁ ଖୋଜିବା କଷ୍ଟକର ଥିଲା। ପଡ଼ୋଶୀ ଜିଲା ଓ ପଡ଼ୋଶୀ ରାଜ୍ୟର ପୋଲିସ ସହ ସମ୍ପର୍କରେ ରହି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ସିଂ କହିଛନ୍ତି। ସେହିଭଳି ଷଡ଼ଯନ୍ତ୍ରକାରୀଙ୍କ ସମେତ ଗୁଳିକାଣ୍ଡ ବେଳେ ଘଟଣାସ୍ଥଳରେ ଥିବା ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। କ୍ରାଇମ ସିନ୍ ରିକ୍ରିଏସନ୍ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ସରିବା ପରେ କାହାର କ'ଣ ଭୂମିକା ଥିଲା ତାହା ସ୍ପଷ୍ଟ ହୋଇପାରିବ। ଚାର୍ଜସିଟ୍ ଠିକ ସମୟରେ ଦାଖଲ କରାଯିବ। ସ୍ୱଟ୍‌ରୁ ଯେଉଁ ଜମି ବିକ୍ରିବଟା କାଗଜପତ୍ର ଜବତ ହୋଇଥିଲା, ତାହାକୁ ମଧ୍ୟ ଯାଞ୍ଚ ପ୍ରକ୍ରିୟାରେ ସାମିଲ କରାଯାଇଛି। ନରସିଂହ ପ୍ରତିହାରୀଙ୍କ ଏତଲା ଆଧାରରେ ତଦନ୍ତକୁ ଆଗକୁ ବଢ଼ାଯିବ ବୋଲି ଏସ୍‌ପି କହିଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରଖିଥିବା ଗୋଟିଏ ବନ୍ଧୁକ, ୨ଟି ଗୁଳି ଓ ୨ଟି ମୋବାଇଲକୁ ପୋଲିସ ଜବତ କରିଛି।



ଗିରଫ ୪ ଅଭିଯୁକ୍ତ।



ଧରିତ୍ରୀ
DHARITRI
ବୁଧବାର, ମାର୍ଚ୍ଚ ୨୩/୨୦୨୨ (୮+୮=୧୬ ପୃଷ୍ଠା)
Wednesday, March 23/2022




## ରୁଷିଆକୁ ଡରୁଛି ନାଟୋ

ୟୁକ୍ରେନ୍‌କୁ ନାଟୋ ଗ୍ରହଣ କରୁଛି ବୋଲି ଘୋଷଣା କରୁ କିମ୍ବା ଏହା ରୁଷିଆକୁ ଡରୁଥିବା ସ୍ପଷ୍ଟ କରୁ ବୋଲି କହିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

୦୫

୦୬

## ୟାସ୍ତିକା ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ

ବାଂଲାଦେଶ ବିପକ୍ଷ ଆଇସିସି ମହିଳା ବିଶ୍ୱକପ୍ ମ୍ୟାଚରେ ଭାରତର ୟାସ୍ତିକା ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ସବୁ ଖୁସି ଖୁସିରେ

ନିକଟରେ ପ୍ରକାଶିତ ଜାତିସଂଘର ବିଶ୍ୱ ଖୁସି ରିପୋର୍ଟରେ ମୋଟ୍ ୧୪୬ ଦେଶ ମଧ୍ୟରୁ ଭାରତକୁ ୧୩୬ତମ ସ୍ଥାନ କାହିଁକି ମିଳିଛି ବୁଝିବା କଷ୍ଟକର। ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ବୋଲି କହୁନାହୁଁ, କିନ୍ତୁ ବୃଦ୍ଧିପାଇଥିବା ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଦରକୁ ଯେଉଁଭଳି ଭାବରେ ନାଗରିକମାନେ ସ୍ୱାଗତ କରିଛନ୍ତି ସେଥିରୁ ମନେହେଉଛି ଖୁସିର ମାତାପିତା ଏହି ଭାରତରେ ଅଛନ୍ତି। ସବୁ ବାଧାବିଘ୍ନ ସତ୍ତ୍ୱେ ଭାରତୀୟ ଜନସାଧାରଣଙ୍କ ସନ୍ତୁଷ୍ଟି ସ୍ତରକୁ ସ୍ୱୀକାର କରିବାକୁ ହେବ। ଏଥିସହିତ ଏଭଳି ମଧ୍ୟ ଅନୁଭବ ହେଉଛି ଯେ, ଭାରତୀୟମାନେ ଧନୀ ହୋଇଗଲେଣି। ସରକାରଙ୍କ ନିୟନ୍ତ୍ରଣାଧୀନ ଯେତେସବୁ ସାମଗ୍ରୀ ରହିଛି ତାହାର ଅତ୍ୟଧିକ ମୂଲ୍ୟବୃଦ୍ଧି ହେବା ସହିତ ବିଭିନ୍ନ ଟିକସର ପରିମାଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେହି ସମୟରେ ଇପିଏଫ୍ ଭଳି ସଞ୍ଚୟ ବ୍ୟବସ୍ଥାରେ ସୁଧହାର ହ୍ରାସ କରାଯାଉଛି। ଅର୍ଥାତ୍ ଦୁଇ ଗାଲରେ ଚାପୁଡ଼ା।

### ତଥାଗତ ସତପଥୀ

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ମାସ ୧୧ ତାରିଖରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୧୪୦ ଡଲାର ପାଖାପାଖି ଛୁଇଁଥିଲା। ଯେତେବେଳେ ଅଶୋଧିତ ତୈଳଦର ଅନ୍ତର୍ଜାତୀୟ ବଜାରରେ କମ୍ ଥିଲା ସେତେବେଳେ ସପ୍ତାହକୁ ୭ ଥର ଭାରତର ତୈଳ ବଜାରରେ ଦରବୃଦ୍ଧି କରାଯାଉଥିଲା। ଇତିମଧ୍ୟରେ ଉତ୍ତରପ୍ରଦେଶ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଆସିଲା। ସେହି ସମୟରେ, ସରକାର ଏକାଥରରେ ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଓ ଡିଜେଲ ୧୦ ଟଙ୍କା ହ୍ରାସ କରି ଜନସାଧାରଣଙ୍କୁ ଆହୁରି ଖୁସି କରାଇଦେଇଥିଲେ। ସେହିଭଳି ଖୁସି ଖୁସିରେ ଲୋକେ ଭୋଟ ଦେଇଦେଲେ। ଏବେ ସେହି ଖୁସି ଫଳରେ, ହଠାତ୍, ଅତ୍ୟଧିକ ଦର ବୃଦ୍ଧି କରିଦିଆଯାଇଛି (୨୨ ମାର୍ଚ୍ଚ ୨୦୨୨ରେ ପେଟ୍ରୋଲ ଲିଟର ପିଛା ୮୫ ପଇସା, ଡିଜେଲ ୮୬ ପଇସା ବଢ଼ିଥିବା ବେଳେ ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ହୋଇଛି); ଯାହାକୁ ସ୍ୱାଗତ କଲାଭଳି ଭାରତୀୟମାନେ ନୀରବ ରହି ଖୁସି ହେଉଛନ୍ତି।

**ସରକାରଙ୍କ ନିୟନ୍ତ୍ରଣାଧୀନ ଯେତେସବୁ ସାମଗ୍ରୀ ରହିଛି ତାହାର ଅତ୍ୟଧିକ ମୂଲ୍ୟବୃଦ୍ଧି ହେବା ସହିତ ବିଭିନ୍ନ ଟିକସର ପରିମାଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେହି ସମୟରେ ଇପିଏଫ୍ ଭଳି ସଞ୍ଚୟ ବ୍ୟବସ୍ଥାରେ ସୁଧହାର ହ୍ରାସ କରାଯାଉଛି। ଅର୍ଥାତ୍ ଦୁଇ ଗାଲରେ ଚାପୁଡ଼ା।**

ଓଡ଼ିଆରେ ଢଗ ଅଛି–'ଚାଖଣ୍ଡେ ପେଟ ପାଇଁ ସବୁ ନାଟ'। ଭାରତରେ ଅର୍ଥନୈତିକ ବିଷୟକୁ ନେଇ ଶାନ୍ତିପୂର୍ଣ୍ଣଠାରୁ ହିଂସାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉଥିଲା। ସାଧାରଣ ନାଗରିକ ଏବଂ ବିଶେଷକରି ଆମର ପୂର୍ବ ପିଢ଼ି ଜାଣିଥିଲେ ଯେ ଦକ୍ଷ ସରକାରର ମୁଖ୍ୟ କର୍ତ୍ତବ୍ୟ ହେଲା ଅର୍ଥନୀତିକୁ ସମ୍ଭାଳିବା; ଯାହାଫଳରେ ଦରଦାମ୍ ନିୟନ୍ତ୍ରିତ ରହିବ ଏବଂ ସାଧାରଣ ଲୋକେ ଖୁସିରେ ରହିପାରିବେ। ଏବେ ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକଙ୍କୁ ଧାର୍ମିକ ଓ ରାଜନୈତିକ ଚିନ୍ତାଧାରାରେ ବୁଡ଼େଇ ରଖି ଖୁସିର ଲହର ବଣ୍ଟାଯାଉଛି। ମୁସଲମାନମାନେ ହିଜାବ ପିନ୍ଧି ଭାବୁଛନ୍ତି ଖୁସିରେ ରହିବେ। ହିନ୍ଦୁମାନେ ଭାବୁଛନ୍ତି ତାହାକୁ ବିରୋଧ କରି ଖୁସିରେ ରହିବେ। ୧୯ ବର୍ଷର ଉତ୍ତରାଖଣ୍ଡ ଯୁବକ ଦୌଡୁଥିବାର ଭିଡିଓ ଦେଖି ଦେଶର ଅନେକ ନାଗରିକ ସେଥିରେ ଖୁସି ହେଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ବିଫଳ ବୈଦେଶିକ ନୀତି, ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ଭାରତୀୟ ନାଗରିକଙ୍କୁ ବ୍ୟସ୍ତ କରୁନାହିଁ। କେହି ଚିନ୍ତା କଲେ ତାଙ୍କୁ ଚିନ୍ତା କରିବାରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦିଆଯାଉଛି। ବଡ଼ବଡ଼ିଆଙ୍କୁ ଆଣ୍ଠୁ ଭାଙ୍ଗି ମୁଣ୍ଡିଆ ମାରିବା ଚରିତ୍ରକୁ ଭାରତୀୟ ପରମ୍ପରା ଓ ନମ୍ରତାର ପ୍ରତୀକ ଭାବେ ଦର୍ଶାଯାଉଛି। ଏଥିରେ ଅନେକେ ଖୁସି ହେଉଛନ୍ତି। ଯେତେବେଳେ ଏତେସବୁ ଖୁସି ଚାରିଆଡ଼େ ଖେଳୁଛି, ସେତେବେଳେ ଦେଶ ନିଶ୍ଚିତ ଭାବେ ସୁଖ ସମୃଦ୍ଧିରେ ଭରପୂର। ଯେଉଁମାନେ ବୁଝିପାରୁନାହାନ୍ତି ତ୍ରୁଟି ସେମାନଙ୍କର। କାରଣ ଏହି ସମୟରେ ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଭଳି ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଉତ୍ଫୁଲ୍ଲତାରେ ବାଧା ଦେଉଥିବା ଭଳି ମନେ ହେଉନାହିଁ। ଆଗରୁ ଭାବୁଥିଲୁ ଭିଡ଼କୁ ନୁହେଁ। ଏବେ ଯେହେତୁ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରୁନାହାନ୍ତି, ସେଥିପାଇଁ ଭାବିବା କଥା ସମସ୍ତଙ୍କ ଭଳି ମସ୍‌ଗୁଲ ରହି ଦେବାଳିଆ ହେଲେ ହେବା ପଛେ, ଭିଡ଼ରେ ରହି ଖୁସିରେ ବଞ୍ଚିବାର ସମୟ ଆସିଲାଣି।

# ୨ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ

## କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା



ପ୍ରତାପ ଜେନା   ଦିବ୍ୟ ଶଙ୍କର ମିଶ୍ର

- ଅଭିଯୋଗ କଲେ ପରିବାର ଲୋକ
- ଗୁମର ନ ଖୋଲିବା ପାଇଁ ମାରିଦେଲେ
- ପୋଲିସ ନ ପାରିଲେ ସିବିଆଇ ତଦନ୍ତ କରୁ

**ନୟାଗଡ଼ ଅଫିସ/ରଣପୁର,୨୨।୩(ସ୍ୱ.ପ୍ର.)**

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି। ଏହି ଘଟଣାରେ ଦୁଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ପ୍ରତାପ ଜେନା ସମ୍ପୃକ୍ତ ଅଛନ୍ତି ବୋଲି ମାନସଙ୍କ ସ୍ତ୍ରୀ, ମା ଓ ଭାଇ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମାନସଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଛି। ହେଲେ ହତ୍ୟାକାରୀଙ୍କୁ ଗିରଫ କରାଯାଉନାହିଁ। ହତ୍ୟାକାରୀଙ୍କ ପଛରେ ମନ୍ତ୍ରୀ ଓ ବଡ଼ବଡ଼ିଆଙ୍କ ହାତ ଥିବାରୁ ଉକ୍ତ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ହେଲାଣି। ତେଣୁ ଉଭୟ ମନ୍ତ୍ରୀଙ୍କ ସମେତ ବଡ଼ବଡ଼ିଆଙ୍କୁ ଗିରଫ କରାଯାଉ, ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ମାନସଙ୍କ ପରିବାର ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଛି। ଶର୍ମିଷ୍ଠାଙ୍କ ସହିତ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ରାଜ୍ୟ ସଭା ସାଂସଦ ପ୍ରତାପ ଦେବଙ୍କ ଭଳି ଅନେକ ନେତାଙ୍କ ସହ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ମାନସଙ୍କ ସ୍ତ୍ରୀ ଯମୁନା ସ୍ୱାଇଁ କହିଛନ୍ତି, ମୋ ସ୍ୱାମୀଙ୍କ ହତ୍ୟା ପଛରେ ୨ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ପ୍ରତାପ ଜେନା ଜଡ଼ିତ ଅଛନ୍ତି। ସେମାନଙ୍କ ଫଟୋ ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ଆସିଛି। ମେମୋରି ଚିପ୍‌ରେ ମାଡାମ୍ ଶର୍ମିଷ୍ଠା ରାଉତଙ୍କ କିଛି କଳା କାରନାମା ରହିଥିଲା। ସେହି ମେମୋରି ଚିପ୍ ଜବତ ହେଲେ ସବୁ ଗୁମର ଫିଟିବ। ନ୍ୟାୟ ନ ପାଇଲେ ମୁଁ ନବୀନ ନିବାସ ସମ୍ମୁଖରେ ଆତ୍ମହତ୍ୟା କରିବି ବୋଲି ସେ କାନ୍ଦି କାନ୍ଦି କହିଛନ୍ତି। ମାନସଙ୍କ ମା'ଜୟନ୍ତୀ ସ୍ୱାଇଁ ବି ଏ ସଂକ୍ରାନ୍ତରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି, ଏହି ଘଟଣାରେ ୨ ମନ୍ତ୍ରୀଙ୍କ ସମେତ ବଡ଼ବଡ଼ିଆଙ୍କ ହାତ ଅଛି। ଶର୍ମିଷ୍ଠା ରାଉତ ମୋ ପୁଅକୁ ମାରିଦେଲେ। ମୋ ପୁଅ କିଛି କଳାକାରନାମା ଜାଣିଥିଲା। ମେମୋରି ଚିପ୍‌ରେ କିଛି ଥିଲା, ଗୁମର ଖୋଲିଯିବା ଭୟରେ ମୋ ପୁଅକୁ ରାସ୍ତାରୁ ହଟାଇ ଦିଆଗଲା। ପୁଅ ମାନସ ସମେତ ଆମ ପରିବାରକୁ ନ୍ୟାୟ ମିଳୁ ବୋଲି ସେ କହିଛନ୍ତି। ଭାଇ ରାକେଶ କହିଛନ୍ତି, ଏହି ହତ୍ୟା ପଛରେ ବଡ଼ବଡ଼ ନେତା ☞ପୃଷ୍ଠା–୨

### ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍

**ଅତିରିକ୍ତ ଏସ୍‌ପିଙ୍କ ସହ ଫଟୋ ଭାଇରାଲ୍**

ପୃଷ୍ଠା-୨

## ଶର୍ମିଷ୍ଠାଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨୨।୩**

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଶର୍ମିଷ୍ଠା ରାଉତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମାନସ ଅପହରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ନାମରେ ଚାନ୍ଦବାଲି ଥାନାରେ ୬୩/୨୦୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରି ଏଡାଇବା ପାଇଁ ଶର୍ମିଷ୍ଠା ଗତମାସ ୨୩ରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଗତ ୧୬ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହା ଏକ ସମ୍ବେଦନଶୀଳ ମାମଲା ଏବଂ ଆବେଦନକାରୀ ମାମଲାର ମୁଖ୍ୟ ଅଭିଯୁକ୍ତ ଅଟନ୍ତି। ତାଙ୍କ ନାମରେ ହତ୍ୟା ପରି ସଙ୍ଗିନ ଅଭିଯୋଗ ରହିଥିବା ଦର୍ଶାଇ କୋର୍ଟ ତାଙ୍କ ଆଗୁଆ ଆବେଦନକୁ ଖାରଜ କରି ଦେଇଛନ୍ତି। ଏଥିସହିତ ଜାମିନ ଖାରଜ ଦିନଠାରୁ ୪ସପ୍ତାହ ମଧ୍ୟରେ ଆବେଦନକାରିଣୀ ତଳ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କଲେ, ତାକୁ ତଳକୋର୍ଟ ତ୍ୱରିତ ☞ପୃଷ୍ଠା–୨

## ଭାଇ ପରମେଶ୍ୱର ବିଜୟୱାଡାରୁ ଠାବ

### ଶର୍ମିଷ୍ଠାଙ୍କୁ ଫେରାରରେ ସହଯୋଗ କରୁଥିଲେ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ଦିନକୁ ଦିନ ପୋଲିସ ନୂଆ ତଥ୍ୟ ପାଇବାରେ ଲାଗିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମ୍ପୂର୍ଣ୍ଣା ୱେବ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱରଙ୍କୁ ଭଦ୍ରକ ପୋଲିସର ଏକ ଟିମ୍ ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ମଙ୍ଗଳବାର ଠାବ କରିଛି। ପରମେଶ୍ୱର ବିଜୟୱାଡାରେ ରହି ଶର୍ମିଷ୍ଠାଙ୍କୁ ଫେରାର ହେବାରେ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ପରମେଶ୍ୱର ଧରାପଡ଼ିଗଲେଣି, ତାଙ୍କୁ ସେଠାରେ ପଚରାଉଚରା କରାଯାଉଛି। ☞ପୃଷ୍ଠା–୨







# ଧରାପଡ଼ିଲେ ନକଲି ବର

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି,୨୨।୩(ଡି.ଏନ୍.ଏ.)**



ନକଲି ବର ସାଜିଥିବା ଲକ୍ଷ୍ମୀକାନ୍ତ ତିୱାରୀ।

- ବାଜା ବଜାଇ ଆସିଥିଲେ କନ୍ୟାଘରକୁ
- ଆଣିଥିଲେ ସାଙ୍ଗରେ ନକଲି ସୁନା ଅଳଙ୍କାର
- ସନ୍ଦେହ ପରେ ଅଟକ ରଖି ପୋଲିସ ଜିମା ଦେଲେ ଗ୍ରାମବାସୀ
- ପ୍ରଧାନଶିକ୍ଷକ ଅଛି, ୮୦ ହଜାର ଦରମା ପାଉଛି କହି ଠକିଥିଲେ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚାଉଳଶୁଖା ଗାଁର ଜଣେ ଝିଅକୁ ବିବାହ କରିବାକୁ ଆସି ଜଣେ ନକଲି ବର ହରଡ଼ଘଣାରେ ପଡ଼ିଛନ୍ତି। ତାଙ୍କ ଠକାମି ଜଣାପଡ଼ିବା ପରେ ବର ସାଜିଥିବା ବିବାହିତ ବ୍ୟକ୍ତି ଜଣକ ବିବାହ ବେଦିରୁ ସିଧା ଥାନାରେ ପହଞ୍ଚିଛନ୍ତି। ପୋଲିସ ତାଙ୍କୁ ଅଟକ ରଖିଛି। ତାଙ୍କ ପରିଚୟ ହେଲା ଲକ୍ଷ୍ମୀକାନ୍ତ ତିୱାରୀ। ତାଙ୍କ ଘର କଣ୍ଟାବାଞ୍ଜି ଥାନା ସାଲେପଡ଼ା ଗ୍ରାମରେ। ବିବାହିତ ଲକ୍ଷ୍ମୀକାନ୍ତ ନିଜକୁ ସଞ୍ଜୟ ସାହୁ ନାମରେ ପରିଚୟ ଦେଇ ନକଲି ବର ସାଜି ବିବାହ କରିବାକୁ ଆସିଥିବା ଘଟଣା ଅଞ୍ଚଳବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

କିଛି ମାସ ପୂର୍ବରୁ କଳାହାଣ୍ଡିର ସଞ୍ଜୟ ସାହୁ ନାମକ ଜଣେ ଯୁବକ ବିବାହ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଚାଉଳଶୁଖା ଗାଁର ସାହୁ ପରିବାରର ଜଣେ ଝିଅକୁ ଦେଖିବାକୁ ଆସିଥିଲେ। ନିଜକୁ ଏକ ସ୍କୁଲର ପ୍ରଧାନ ଶିକ୍ଷକ ବୋଲି ପରିଚୟ ଦେବା ସହ ମାସିକ ୮୦ ହଜାର ଟଙ୍କା ଦରମା ପାଉଥିବା କହିଥିଲେ। ଯୁବକଙ୍କ କଥାକୁ ବିଶ୍ୱାସ କରି ସାହୁ ପରିବାରର ଲୋକେ ନିଜ ଝିଅକୁ ସମ୍ପୃକ୍ତ ସଞ୍ଜୟ ସାହୁଙ୍କ ସହ ବିବାହ ଦେବାକୁ ରାଜି ହୋଇଥିଲେ। ବରଯାତ୍ରୀରେ ଦୁଇ ଶହ ଲୋକ ଆସିବେ, ଭଲ କରି ଚର୍ଚ୍ଚା କରିବେ। ଯୌତୁକରେ ସାମଗ୍ରୀ ଦେବେନି, ଯାହା ଦେବାକୁ ଚାହିଁବେ ଟଙ୍କା ଆକାରରେ ଦେବେ ବୋଲି ନକଲି ବର ସାହୁ ଝିଅ ପକ୍ଷଙ୍କୁ କହିଥିଲେ। ସରକାରୀ ଶିକ୍ଷକ ବୋଲି କହିଥିବାରୁ ଝିଅ ସୁଖରେ ରହିବ ଭାବି ଝିଅପକ୍ଷ ବିବାହ ପ୍ରସ୍ତାବରେ ☞ପୃଷ୍ଠା–୨

**ଆଜିର ମନ୍ତବ୍ୟ**

"ମହମ୍ମଦ ଅଲୀ ଜିନ୍ନା ଭାରତକୁ ଥରେ ବିଭାଜନ କରିଥିଲେ। କିନ୍ତୁ ଭାଜପା ନେତାମାନେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରି ଦେଶକୁ ପ୍ରତିଦିନ ବିଭାଜନ କରିବାରେ ଲାଗିଛନ୍ତି।

–ସଞ୍ଜୟ ରାଉତ, ଶିବସେନା ଏମ୍‌ପି




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: .............................



ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭିତତ୍ରସ୍ତ ଅବସ୍ଥାରେ ରଖିଥାନ୍ତି। ଗୋଟିଏ ସ୍ଥାନରୁ ତଡିଦେଲେ ଅନ୍ୟ ସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁଠି ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖ ଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ଉପରେ ପାଣି ସିଞ୍ଚୁଛି**
**ଭିତରେ ଭିତରେ ଶିଅ କାଟୁଛି ।**

ଆଗରେ ମିଷ୍ଟଭାଷୀ ଅଥଚ ଭିତରେ କପଟାଚରଣ। ଉପରେ ମଧୁର ବା ଚିକ୍କଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ଅତିରିକ୍ତ ଏସ୍‌ପିଙ୍କ ସହ ଫଟୋ ଭାଇରାଲ୍

## ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍

**ଭଦ୍ରକ ଅଫିସ, ୨୨।୩**

କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସୁଛି। ଭଦ୍ରକ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡାଙ୍କ ସହ ମାନସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତଙ୍କ ଏକ କାର୍ଯ୍ୟକ୍ରମର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋ ଭାଇରାଲ ହେବା ପରେ ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ଯଦିଓ ଶର୍ମିଷ୍ଠା ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ବର୍ତ୍ତମାନ ଫେରାର ଅଛନ୍ତି କିନ୍ତୁ ତାଙ୍କୁ ଗିରଫ କରିବା ପାଇଁ ଭଦ୍ରକ ଓ କମିଶନରେଟ ପୋଲିସର ୪ଟି ଟିମ୍ ରାଜ୍ୟ ବାହାରେ ଖୋଜୁଥିବା ଏସ୍‌ପି ଚରଣ ସିଂ ମୀନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ପଣ୍ଡାଙ୍କ ଏହି ଫଟୋ ଭାଇରାଲକୁ ନେଇ




ଭାଇରାଲ ହୋଇଥିବା ଫଟୋ।

ଏସ୍‌ପିଙ୍କୁ ପଚାରିବାରୁ ଏହା ଏକ ସରକାରୀ କାର୍ଯ୍ୟକ୍ରମର ଫଟୋ, ତଥାପି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ପଣ୍ଡାଙ୍କୁ ପଚାରିବାରୁ ଜେଲ ପରିସରର ଏହି ଫଟୋ। ଜେଲରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହେଉଥିଲା ଓ ମୁଁ ସେଠାକୁ ଅତିଥି ହୋଇ ଯାଇଥିଲି। ଏହି କାର୍ଯ୍ୟକ୍ରମ (କିରଣ)ରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ଜେଲ୍ ପରିସରରେ ମହିଳାମାନଙ୍କ ସମସ୍ୟା ବୁଝିବା ପାଇଁ ଭୁବନେଶ୍ୱର ସ୍ଥିତ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଁ ସେଥିରେ ମୁଖ୍ୟଅତିଥି ହୋଇ ଯୋଗ ଦେଇଥିଲି। ଏଣୁ ମୋର ଶର୍ମିଷ୍ଠାଙ୍କ ସହ କୌଣସି ଲିଙ୍କ୍ ନାହିଁ କି ତାଙ୍କୁ ମୁଁ ଚିହ୍ନିନାହିଁ ବୋଲି ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏହି ଭାଇରାଲ୍ ଫଟୋଟି ଶର୍ମିଷ୍ଠାଙ୍କ ନିଜ ଫେସବୁକ୍ ଆକାଉଣ୍ଟରେ ୨୦୨୧ ନଭେମ୍ବର ୧୩ରେ ପୋଷ୍ଟ ହୋଇଥିବା ଜଣାପଡ଼ିଛି। ଏଥିରେ କିରଣ ସପୋର୍ଟ ସେଣ୍ଟର ନାମକ ଏକ ପ୍ରୋଜେକ୍ଟ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଡାଇରେକ୍ଟରେଟ ଅଫ୍ ପ୍ରିଜିନ୍ସ ସପୋର୍ଟ କରିଥିବା ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। ଅତିରିକ୍ତ ଏସ୍‌ପି ପଣ୍ଡାଙ୍କ ବ୍ୟତୀତ ଭଦ୍ରକ ଜେଲର ରୁଷି ନାୟକ, ସାମାଜିକ କର୍ମୀ ନମ୍ରତା ଚଢ଼ା, ସୋଫିଆ ଶେଖ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଭାଇରାଲ ଫଟୋରେ ଦେଖିବାକୁ ମିଳିଛି।

ପ୍ରଥମ ପୃଷ୍ଠାରୁ...

### ୨ ମନ୍ତ୍ରୀଙ୍କ ସମ୍ପୃକ୍ତି...

ଓ ମନ୍ତ୍ରୀ ଅଛନ୍ତି। ମୁଖ୍ୟ ହତ୍ୟାକାରୀ ୱେବ୍ ନ୍ୟୁଜ୍ ପୋର୍ଟାଲ ସମ୍ପୂର୍ଣ୍ଣାର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠା ରାଉତ ଗିରଫ ହେବା ଦରକାର। ପୋଲିସ ଥାନାକୁ ଡକାଇ ତାଙ୍କୁ ଛାଡି ଦେଇଛି। ଶର୍ମିଷ୍ଠାଙ୍କ ସହ ବଡ଼ ନେତା, ମନ୍ତ୍ରୀ ଅଛନ୍ତି। ମେମୋରି ଚିପ୍‌ରେ କିଛି ଗୁମର ରହିଥିଲା କିମ୍ବା ଭାଇ କିଛି ଗୁମର ଜାଣିଥିଲେ। ଏଣୁ ତାଙ୍କୁ ରାସ୍ତାରୁ ହଟାଇ ଦିଆଯାଇଛି। ପୋଲିସ ଯଦି ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରିପାରୁନି ତେବେ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

ମାନସଙ୍କ ସ୍ତ୍ରୀଙ୍କ ଅଭିଯୋଗ ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଆପଣମାନେ ସତ୍ୟ କ'ଣ ସବୁ ଜାଣିଛନ୍ତି। ବିଜେଡି ଗୋଟିଏ ଅତ୍ୟନ୍ତ ଶୃଙ୍ଖଳିତ ଦଳ। ଆମେ ଅନୁଶାସନ ଭିତରେ ରହି ବିଧିବ୍ୟବସ୍ଥା ମାନି ରାଜନୀତି କରୁ। ନିଶ୍ଚିତ ଭାବେ ବିଜେଡି ଆଇନକୁ ଅନୁପାଳନ କରିବ ବୋଲି ଦିବ୍ୟଶଙ୍କର କହିଛନ୍ତି।

ଅନ୍ୟପକ୍ଷେ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଟେଲିଫୋନ ଉଠାଇ ନ ଥିଲେ।

### ଶର୍ମିଷ୍ଠାଙ୍କ ଆଗୁଆ ଜାମିନ...

ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଚାନ୍ଦବାଲି ଥାନାରେ ମାନସଙ୍କ ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ଗତ ଫେବୃଆରୀ ୧୪ରେ ଅଭିଯୋଗ କରାଯାଇଥିଲା। ଚାନ୍ଦବାଲି ଥାନା ପୋଲିସ ଆଇପିସି ଦଫା ୩୬୩ ଓ ୩୪ରେ ଏକ ମାମଲା (ନଂ ୬୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ହେଲେ ପରେ ମାନସଙ୍କ ମୃତଦେହ ନୟାଗଡ଼ ଜିଲାରୁ ଜବତ କରାଯିବା ପରେ ଉକ୍ତ ମାମଲାରେ ଆଇପିସି ଦଫା ୩୦୨, ୩୬୪, ୪୬୫, ୪୭୧ ଓ ୨୦୧ ଲଗାଯାଇ ତଦନ୍ତ ଜାରି ରହିଛି।

### ଭାଇ ପରମେଶ୍ୱର...

ପରମେଶ୍ୱର ନିଶ୍ଚିତ ଭାବେ ଶର୍ମିଷ୍ଠାଙ୍କ ସହ ମୋବାଇଲରେ କଥା ହୋଇଥିବେ। ଏପରି କି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାରୁ ସେ ସମ୍ପର୍କରେ ମଧ୍ୟ ଗଣମାଧ୍ୟମ ଓ ସମ୍ପର୍କୀୟଙ୍କଠୁ ସୂଚନା ପାଇ ଶର୍ମିଷ୍ଠାଙ୍କୁ ସ୍ଥାନ ବଦଳାଇବା ପାଇଁ କହିଥିବେ। ତେଣୁ ପରମେଶ୍ୱରଙ୍କୁ ବିଶଦ ଜେରା ଏବଂ ତାଙ୍କ ମୋବାଇଲର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଯାଞ୍ଚ କରିବା ପରେ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ କେଉଁଠି ଅଛନ୍ତି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ଭଦ୍ରକ ଅତିରିକ୍ତ ଏସ୍‌ପି ଯତିନ୍ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏହି ମାମଲାରେ ଭଦ୍ରକ ପୋଲିସ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ(ବୈଷୟିକ) ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଏବଂ ଖଣ୍ଡଗିରିସ୍ଥିତ ରାଜ କମ୍ୟୁନିକେଶନ ମାଲିକ ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠୀଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ କହିଛି।

### ଶର୍ମିଷ୍ଠାଙ୍କ ଘର, ଅଫିସରେ ଚଢ଼ାଉ

ମାନସ ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ଏଯାବତ୍ ୫ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱରଙ୍କୁ ବିଜୟୱାଡାରୁ ଠାବ କରି ପଚରାଉଚରା କରୁଛି। ହେଲେ ଏଯାବତ୍ ଶର୍ମିଷ୍ଠାଙ୍କ କୌଣସି ପତ୍ତା ପାଇନାହିଁ। ଅପରପକ୍ଷରେ ଯେଉଁ ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଛି, ତାହା ଏପର୍ଯ୍ୟନ୍ତ ପୋଲିସକୁ ମିଳିପାରିନାହିଁ। ଉକ୍ତ ଚିପ୍ ଓ ଅନ୍ୟାନ୍ୟ ପ୍ରମାଣ ପାଇବା ଉଦ୍ଦେଶ୍ୟରେ ଭଦ୍ରକ ପୋଲିସର ଏକ ୩ ଜଣିଆ ଟିମ୍ ଶର୍ମିଷ୍ଠାଙ୍କ ଘର, ଅଫିସ ଏବଂ ବନ୍ଧୁବାନ୍ଧବଙ୍କ ଘରେ ଚଢ଼ାଉ କରିଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସ୍କାଏ ଟାୱାର ଆପାର୍ଟମେଣ୍ଟରେ ଥିବା ଶର୍ମିଷ୍ଠାଙ୍କ ଘର, ଦୟାଲ ଆଶ୍ରମରେ ଥିବା ଅଫିସ ଏବଂ ଭାଇଙ୍କ ଘର ସମେତ ବନ୍ଧୁବାନ୍ଧବଙ୍କ ଘରେ ପୋଲିସ ଯାଞ୍ଚ କରିଛି। ସେଠାରୁ ପୋଲିସ ଟିମ୍ ବିଭିନ୍ନ କାଗଜପତ୍ର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି।

### ଶର୍ମିଷ୍ଠାଙ୍କୁ ଦିନକୁ ୩୦ ଥର କଲ୍ କରୁଥିଲେ ନିରଞ୍ଜନ

ମାନସ ହତ୍ୟା ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ(ବୈଷୟିକ) ନିର୍ଦ୍ଦେଶକ ନିରଞ୍ଜନ ସେଠୀ ସୋମବାର ଗିରଫ ହେବା ପରେ ପୋଲିସ ତାଙ୍କ ଠାରୁ ମୋବାଇଲ ଜବତ କରିଥିଲା। ତେବେ ଉକ୍ତ ମୋବାଇଲର କଲ୍ ଡିଟେଲ୍ସ ଯାଞ୍ଚ କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ମାନସ ନିଖୋଜ ହେବା ପରେ ନିରଞ୍ଜନ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ସହ ଦିନକୁ ୨୦ରୁ ଅଧିକ ଥର କଲ୍ କରିଥିଲେ। ଏପରିକି ଦିନକୁ ୩୦ ଥର କଲ୍ କରୁଥିଲେ ବୋଲି ସିଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ଏଭଳି ତଥ୍ୟ ମିଳିବା ପରେ ମାନସ ଅପହରଣ ଓ ହତ୍ୟା ଘଟଣାରେ ଶର୍ମିଷ୍ଠା ଏବଂ ନିରଞ୍ଜନଙ୍କ ସମ୍ପୃକ୍ତି ଅଧିକ ଦୃଢ଼ୀଭୂତ ହେବାରେ ଲାଗିଛି।

### ଧରାପଡ଼ିଲେ ନକଲି...

ରାଜି ହୋଇଯାଇଥିଲେ। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ସୋମବାର ବିବାହ କରିବାକୁ ନକଲି ବର ଏକ ଗାଡ଼ିରେ ୪/୫ ଜଣ ଲୋକଙ୍କ ସହ ଚାଉଳଶୁଖା ଗାଁରେ ପହଞ୍ଚିଥିଲେ। ଝିଅ ପକ୍ଷ ସମ୍ପୂର୍ଣ୍ଣ ପ୍ରସ୍ତୁତିରେ ବରପକ୍ଷଙ୍କୁ ଅପେକ୍ଷା କରିଥିଲେ। କେବଳ ବର ଗାଡ଼ି ଆସିବା ପରେ କୌଣସି ବରଯାତ୍ରୀ ନ ଆସିବାରୁ ସାହୁ ପରିବାରବର୍ଗ ଓ ସମ୍ପର୍କୀୟ ସନ୍ଦେହ କରିଥିଲେ। ଏହାପରେ ବରକୁ ନାନା ପ୍ରଶ୍ନ କରି ଅଟକ ରଖିଥିଲେ। ଗାଁ ଲୋକେ ଠକ ବର ବୋଲି ଜାଣିବା ପରେ ଆଣିଥିବା ସୁନା ଗହଣାକୁ ଯାଞ୍ଚ କରିବାରୁ ତାହା ନକଲି ବୋଲି ଜଣାପଡ଼ିଥିଲା। ଏହାପରେ ଉତ୍କ୍ଷିପ୍ତ ଗାଁ ଲୋକେ ନକଲି ବରକୁ ଉତ୍ତମ ମଧ୍ୟମ ଦେଇ ବିବାହକୁ ବନ୍ଦ କରିଥିଲେ। ନକଲି ବର ପରିଚୟ ମିଳିବା ପରେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ଏନେଇ କଣ୍ଟାବାଞ୍ଜି ପୋଲିସ ସମ୍ପୃକ୍ତ ନକଲି ବରକୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ମୁତାବକ ନକଲି ବର ସାଜି ବିବାହ କରିବାକୁ ଆସିଥିବା ଲକ୍ଷ୍ମୀକାନ୍ତ ବିବାହିତ ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଏନେଇ ଏସ୍‌ପି ନୀତିନ କୁଶଲକରଙ୍କୁ ପଚାରିବାରୁ ଏହି ମାମଲାରେ ତଦନ୍ତ ଚାଲିଛି, ପରେ ସୂଚନା ଦିଆଯିବ ବୋଲି କହିଛନ୍ତି। ଏହି ଘଟଣା ନକଲି ଡାକ୍ତର ସାଜି ବିଭିନ୍ନ ରାଜ୍ୟରେ ବହୁ ଝିଅଙ୍କୁ ବିବାହ କରି ପରେ ଜେଲ ଯାଇଥିବା ଠକ ରମେଶ ସ୍ୱାଇଁଙ୍କ ଘଟଣାକୁ ତାଜା କରିଦେଇଛି। ତେବେ କଣ୍ଟାବାଞ୍ଜି ପୋଲିସ ଦ୍ୱାରା ଅଟକ ଥିବା ନକଲି ବର ତିଆରୀ ଅନ୍ୟ ସ୍ଥାନରେ ବିବାହ କରିଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି କଳାନୁରାଗୀ, ସଂଗୀତ ପ୍ରିୟତା, ଚଳଚ୍ଚିତ୍ରପ୍ରେମୀ ଭାବରେ ସମୟ ଅତିବାହିତ କରିବେ। ବାରମ୍ବାର ଦେହ ଖରାପ ହେଉଥିବାର ଅନୁଭବ କରିପାରନ୍ତି । ଏଣେ କାମଗୁଡ଼ିକ ଯଥା ସମୟରେ ହେଉ ନ ଥିବାରୁ ମନ ବିରକ୍ତ ରହିବ। ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ**: ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। କେତେକ ସମୟରେ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହେବାକୁ ବାଧ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନ ନ ପାଇବା କାରଣରୁ ଫେରି ଆସିବାକୁ ପଡ଼ିବ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଫାଇଲ କାମ ବଢ଼ିଯିବ।

**ମିଥୁନ**: ଭୁଲ୍ ବୁଝାମଣାର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ । କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହେବେ। କର୍ମ କ୍ଷେତ୍ରରେ କହିଥିବା କଥାଟିକୁ ଅନ୍ୟମାନେ ବଡ଼ ଆକାରରେ କଦର୍ଥ କରି ଚିନ୍ତା କରିବେ।

**କର୍କଟ**: କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି ତେଣେ ନିଜଲୋକଙ୍କଠାରୁ ମଧ୍ୟ ଆସ୍ଥାହରାଇ ବସିବେ। ବନ୍ଧୁ ବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଖୋଜୁଥିବା ଜିନିଷଟିର ସନ୍ଧାନ ସନ୍ଧ୍ୟା ସମୟରେ ପାଇବେ।

**ସିଂହ**: ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ। ପରିସ୍ଥିତିରେ ପଡ଼ି ବହୁତ୍‌ଗୁଡ଼ିଏ ଟଙ୍କା ଖର୍ଚ୍ଚକରିବେ।

**କନ୍ୟା**: ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ବିବାଦରେ ମନସ୍ତାପ କରିବା ବ୍ୟତୀତ ଲାଭ କିଛି ହେବନି। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ି ହେବ ନାହିଁ । ଆୟ ଅପେକ୍ଷା ବ୍ୟୟ ଅଧିକ କରିବାକୁ ବାଧ ହେବେ।

**ତୁଳା**: ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସୀରେ ଅତିବାହିତ ହେବ। କୌଣସି ମନ ଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଫାଇଲ୍ କାମରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। । ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ।

**ବିଛା**: ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ । କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ।


**ଧନୁ**: ନିକଟସ୍ଥ ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ । ଆଜି ଅପରାହ୍ନରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**ମକର**: କିଛି ନ ବୁଝି ନ ଶୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ ।

**କୁମ୍ଭ**: ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ,କଳା,ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ**: ବିଭିନ୍ନ କାମ ହାତକୁ ନେଇ କଳ୍ପନାରାଇଜରେ ଘୂରି ବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥ ଲାଭ, ଶାରିରୀକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି ।


# classifieds Everyday
0674-2580101, 2549302




**BRIDE WANTED**

**Groom Odiya Telugu debanga weaver OBC 38/5'5", Self Employed wants matching bride, caste no bar, Bhubaneswar. Contact- 8456916505, 9437031397.** D-70783

For Bhubaneswar based Brahmin ER. groom, age-34, Contact, khushimatrimony.com. 9040305159. D-71524

**GROOM WANTED**

Government Job, ବୟସ-44, ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-23454

40Yrs. (5'4"- ଉଚ୍ଚତା) ସରକାରୀ Teacher, (ଦରମା- 54,000/-) ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି)। Contact: 9516567713. D-23458

ଭୁବନେଶ୍ୱରସ୍ଥିତ ୫୮ ବୟସ୍କା ନିଃସନ୍ତାନ ଏକାକୀ ରହୁଥିବା ବିଧବା ବ୍ରାହ୍ମଣ Private ଚାକିରିଆ ଝିଅଙ୍କୁ ବରପାତ୍ର ଆବଶ୍ୟକ। 9437703488. D-23455




**SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

Sum Hospital ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Independent bungalow for immediate sale main road, Jharsuguda. Contact: 9861193320.** D-23452

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1KM. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71879




2BHK house with Car Parking is available at Palasuni. Contact 9425275445. D-23442




Refreshing your mind and body with the best therapy, 7873794731. D-23292

Newly open SPA positively health benifit with expert. Contact: 7749976301. D-71960

Ayurvedic full body massage by experienced male/ female therapist. 7381172169. D-71480

Newly open full body massage ladies and gents. 8327740003. D-71879

All types body massage with hiprofile smart lady room service available. 8917243035. D-71341

Newly opening SPA positively health benefits with expert therapist. 8917332216. D-71959

**Relax, Refresh your body, Mind at Saikrupa Spa with best therapies. 8984068077.** D-23343




**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an Affidavit vide CF No. 34 dated 22.03.2022 before the Executive Magistrate, Bhubaneswar, I, Prabir Kumar Samal Son of Late Khageswar Samal, declare that my name may be mentioned as "Prabir Kumar Samal" instead of *Prabira Kumar Samal* for all purposes, since both the names relate to one and the same person, i.e. myself. D-71622

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୩୧,୪୭,୮୩୬ | ୬୧,୦୭,୬୨୪ | ୪୦,୯୨,୧୯,୦୦୭ |
| ଭାରତ | ୪,୩୦,୧୦,୯୭୧ | ୫,୧୬,୬୭୪ | ୪,୨୪,୭୦,୫୧୫ |
| ଓଡ଼ିଶା | ୧୨,୮୭,୨୨୫ | ୯୧୧୬(+୫୩) | ୧୨,୭୭,୫୮୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୯ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ବୈପାରିଗୁଡ଼ା,୨୨।୩(ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ାସ୍ଥିତ ମଙ୍ଗଳ ବିଭାଗ ପରିଚାଳିତ ସେବାଶ୍ରମ ବିଦ୍ୟାଳୟରେ ୯ ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଦ୍ୱିତୀୟ ଶ୍ରେଣୀର ରତନ ଶିଶା, ଦୁର୍ଯ୍ୟୋଧନ ହନ୍ତାଳ,ତୃତୀୟ ଶ୍ରେଣୀର ସୁଶୀଳ କୁମାର ସାନ୍ତା, ପଞ୍ଚମ ଶ୍ରେଣୀର ପବିତ୍ର ମାଠପଡ଼ିଆ, ପିଣ୍ଟୁ ଜାନି, ଷଷ୍ଠ ଶ୍ରେଣୀର ଜଲେନ୍ଦ୍ର ଗାଦବା ,ସପ୍ତମ ଶ୍ରେଣୀର ପୂର୍ଣ୍ଣ ଖରା , କମୁଲୁ ଖରା ଓ କାର୍ତ୍ତିକ ପୂଜାରୀ । ମଙ୍ଗଳବାର ସେମାନଙ୍କୁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରୁ ସମସ୍ତଙ୍କୁ ମେଡିକାଲରୁ ଛଡ଼ାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧୀରାଜ ସାହୁ କହିଛନ୍ତି।


ଚିକିତ୍ସାଧୀନ ଥିବା ଛାତ୍ରମାନେ।

## ଦୋରାଗୁଡ଼ା ସେବାଶ୍ରମ

ଖବରରୁ ଜଣାପଡ଼ିଛି ଏହି ଛାତ୍ରାବାସର ଅନ୍ତେବାସୀମାନେ ପୂର୍ବରୁ ମଧ୍ୟାହ୍ନଭୋଜନ କରୁଥିଲେ। କରୋନା କଟକଣା ଯୋଗୁ ଛାତ୍ରାବାସରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ବାତିଲ ହୋଇଛି। ଏ ବାବଦ ଚାଉଳ ସେମାନଙ୍କ ଅଭିଭାବକମାନଙ୍କୁ ପ୍ରଦାନ କରାଯାଉଛି। ସକାଳେ ଓ ରାତିରେ ସେମାନଙ୍କୁ ରନ୍ଧାଖାଦ୍ୟ ଏବଂ ସନ୍ଧ୍ୟାରେ ଜଳଖିଆ ପ୍ରଦାନ କରାଯାଉଛି। ମଧ୍ୟାହ୍ନଭୋଜନ ସମୟରେ ପିଲାମାନେ ଭୋକ ସମ୍ଭାଳି ପାରୁନାହାନ୍ତି। ବାହାରକୁ ଯିବାକୁ ବାରଣ କରିବା ସତ୍ତ୍ୱେ ସେମାନେ ଗେଟ୍ ଡେଇଁ ବାହାର ଜଳଖିଆ ଦୋକାନରେ କିଣି ଖାଉଛନ୍ତି। ବାହାରର ଅପମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଏପରି ହୋଇଥାଇପାରେ ବୋଲି ଶିକ୍ଷକ ଭକ୍ତବନ୍ଧୁ ସାହୁ କହିଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ନିହତ

**ମାଲକାନଗିରି,୨୨।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାର ଗଞ୍ଜୁରିମୁର୍ଗା ବଜାରରେ ଜିନିଷପତ୍ର କିଣୁଥିବାବେଳେ ଜଣେ ପୋଲିସ କର୍ମଚାରୀଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ତାଙ୍କ ନାମ ସଞ୍ଜୟ କଞ୍ଜାମ ବୋଲି ଜଣାପଡ଼ିଛି। ଖବର ପାଇ ଆମ୍ପାବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ତେବେ ସଞ୍ଜୟ ମାଓବାଦୀ ବିରୋଧୀ ଅଭିଯାନରେ ସାମିଲ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା କାଙ୍କେର ମାଓବାଦୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଫରେଷ୍ଟ ଗାର୍ଡଙ୍କୁ କଚାଡ଼ି ମାରିଲା ଦନ୍ତା

**ବାରିପଦା ଅଫିସ/ ରାସଗୋବିନ୍ଦପୁର, ୨୨।୩ (ଡି.ଏନ.ଏ.)**

ହାତୀ ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଯାଇଥିବା ଜଣେ ଫରେଷ୍ଟ ଗାର୍ଡଙ୍କୁ ଦନ୍ତା କଚାଡ଼ି ମାରି ଦେଇଛି। ମୃତକ ହେଲେ ଚନ୍ଦ୍ରକାନ୍ତ ରାଉତ(୪୦)। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜର ଅମର୍ଦ୍ଦା ଫରେଷ୍ଟ ବିଟ୍ ଅଧୀନ ବାଉଁଶୁଳୀ ଗ୍ରାମରେ। ତାଙ୍କ ମରଶରୀରକୁ ବାରିପଦା ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇ ଶେଷ ସମ୍ମାନ ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ୨ ମାସ ପୂର୍ବେ ବନରକ୍ଷୀ ଚନ୍ଦ୍ରକାନ୍ତ ଅମର୍ଦ୍ଦା ଫରେଷ୍ଟ ବିଟ୍‌କୁ ବଦଳି ହୋଇ ଆସିଥିଲେ। ସୋମବାର ରାତି ୧୦ଟା ସମୟରେ ସେ ହାତୀ ଘଉଡ଼ାଇବା ପାଇଁ ବାଉଁଶୁଳୀ ଗ୍ରାମକୁ ଯାଇଥିଲେ। ସେଠାରେ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବିଭାଗ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଏମ୍.ଜଗଜୟାନନ୍ଦ, ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ସମସ୍ତ ରେଞ୍ଜ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ମୃତ ବନରକ୍ଷୀଙ୍କ ଘର ଉଦଳା ଥାନା ଅଞ୍ଚଳରେ। ତାଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ଓ ବିଭାଗ ପକ୍ଷରୁ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯିବ। ପରିବାରର ଜଣେ ସଦସ୍ୟଙ୍କୁ ନିୟମାନୁଯାୟୀ ଅନୁକମ୍ପା ମୂଳକ ଚାକିରି ପ୍ରଦାନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଯୋଶୀ କହିଛନ୍ତି।

# ମିନିବସ୍ ଓଲଟି ୫ ଗୁରୁତର, ୩୫ ଆହତ


ଓଲଟି ପଡ଼ିଥିବା ବସ୍

**ଢେଙ୍କାନାଳ ଅଫିସ, ୨୨।୩**

କ୍ଷମତାଠାରୁ ଅଧିକ ଯାତ୍ରୀ ଧରି ଯାଉଥିବାବେଳେ ଢେଙ୍କାନାଳ ସଦର ଥାନା ବଣସିଂହ ସ୍ୱାସ୍ଥ୍ୟକେନ୍ଦ୍ର ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଭାରସାମ୍ୟ ହରାଇ ଘରୋଇ ମିନିବସ୍ ସମଲେଇ (ନଂ. ଓଆର୍ ୦୬ ଏଫ୍ ୧୬୦୫) ଓଲଟି ପଡ଼ିଛି। ଏଥିରେ ୩୫ ଯାତ୍ରୀ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ବସ୍‌ଟି ବଣସିଂହ ଅଞ୍ଚଳରୁ ଢେଙ୍କାନାଳ ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ବସ୍ ଭିତରେ ଫସି ରହିଥିବା ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ, ଘରୋଇ ଗାଡ଼ି ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାମୁନି ଦେହୁରୀ (୯), ନିରଞ୍ଜନ ଦାସ (୬୦), ଶୁଭ୍ରାଂଶୁ ରାଉତ (୨୭)ଙ୍କ ସମେତ ଅନ୍ୟ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରିଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୨୫ ଜଣଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟମାନଙ୍କ ଚିକିତ୍ସା ଚାଲିଛି। ତେବେ ଆହତଙ୍କ ଚିକିତ୍ସା ବେଳେ ଟକ୍ସାଇଡ୍ ଇଞ୍ଜେକ୍ସନ ଅଭାବ ଦେଖାଦେଇଥିଲା। ସେହିପରି ମାତ୍ର ଜଣେ ଡାକ୍ତର ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଜିଲାପାଳ ସରୋଜ କୁମାର ସେଠୀଙ୍କ ହସ୍ତକ୍ଷେପ ପରେ ଟକ୍ସାଇଡ୍ ଇଞ୍ଜେକ୍ସନ ଅଣାଯାଇ ଚିକିତ୍ସା କରାଯାଇଥିଲା।

କଟକ ସ୍ଥାନାନ୍ତର ହୋଇଥିବା ଗୁରୁତରଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଆହତଙ୍କ ପାଇଁ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଦର ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ବସ୍ ଜବତ କରିବା ସହିତ ତଦନ୍ତ ଚଳାଇଛନ୍ତି।









“ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା’ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# ବେରୋଜଗାରୀର ବିସ୍ଫୋରକ ସ୍ଥିତି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଜାନୁୟାରୀ ଶେଷ ସପ୍ତାହରେ ବିହାରର ପାଟନାଠାରୁ ଆରମ୍ଭ କରି ଉତ୍ତର ପ୍ରଦେଶର ପ୍ରୟାଗରାଜ ପର୍ଯ୍ୟନ୍ତ ବେରୋଜଗାର ଯୁବତୀ ଯୁବକଙ୍କ ରଣହୁଙ୍କାର ଦେଶକୁ ଆଲୋଡ଼ିତ କରିଥିଲା। ରେଲ୍‌ୱେ ଭର୍ତ୍ତିରେ ହୋଇଥିବା ଅନିୟମିତତାକୁ କେନ୍ଦ୍ରକରି ଉପରୋକ୍ତ ଦୁଇ ରାଜ୍ୟର ହଜାର ହଜାର ଯୁବତୀଯୁବକ ସ୍ୱତଃସ୍ଫୂର୍ତ୍ତ ଭାବେ ବିକ୍ଷୋଭ ପ୍ରଦର୍ଶନ ସହ ରେଳରୋକୋ କରିଥିଲେ। ସରକାର ନିଜ ଭୁଲ୍ ସ୍ୱୀକାର କରି ତୁରନ୍ତ ପଦକ୍ଷେପ ନେବା ପରିବର୍ତ୍ତେ ଆନ୍ଦୋଳନକାରୀଙ୍କୁ ବିଭିନ୍ନ ମକଦ୍ଦମା ଓ ଦଫା ଲଗାଇ ରାତିଅଧିଆ ଗିରଫ କରିଥିଲେ। ଏପରିକି ପ୍ରତିଯୋଗୀ ପରୀକ୍ଷା ପାଇଁ ସେମାନେ ଯେଉଁସବୁ କୋଚିଂ କେନ୍ଦ୍ରରେ କୋଚିଂ ନେଉଥିଲେ ତା’ର ଅଧ୍ୟାପକମାନେ ମଧ୍ୟ ପୋଲିସ ଦମନରୁ ବର୍ତ୍ତି ନ ଥିଲେ। ତେବେ ରେଲ୍‌ୱେରେ ଭର୍ତ୍ତିକୁ ନେଇ ଯୁବତୀ ଯୁବକମାନଙ୍କ ଏତେବଡ଼ ପ୍ରତିବାଦର ପରିଣାମ ଯାହା ହେଉନା କାହିଁକି, ତାହା ଦେଶରେ ବେରୋଜଗାରୀର ଭୟାବହ ସ୍ଥିତିକୁ ଉଜାଗର କରିଦେଇଛି।

ରେଲ୍‌ୱେ ଭର୍ତ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ଯୁବତୀ ଯୁବକମାନଙ୍କ ଉପରୋକ୍ତ ପ୍ରତିବାଦ ଅସ୍ୱାଭାବିକ ନ ଥିଲା। ବର୍ଷ ବର୍ଷ ଧରି ନୂଆ ଚାକିରି ନ ବାହାରିବା, ଚାକିରି ପାଇଁ ଭର୍ତ୍ତି ପରୀକ୍ଷାରେ ଅନିଶ୍ଚିତତା, ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ପରୀକ୍ଷା ଦେବା ପରେ ବର୍ଷ ବର୍ଷ ଧରି ତା’ର ଫଳ ନ ବାହାରିବା, ଏପରିକି ଚାକିରି ପାଇଁ ଚୟନ ହେବା ପରେ ବି ବର୍ଷ ବର୍ଷ ଧରି ନିଯୁକ୍ତି ନ ମିଳିବା ଆଦି ସାଙ୍ଗକୁ ବେରୋଜଗାରୀର ବର୍ଦ୍ଧିତ ଜ୍ୱାଳା ଦେଶର ଚାକିରି ଆଶାୟୀ କୋଟି କୋଟି ଯୁବତୀ ଯୁବକଙ୍କୁ ହତାଶ କରିଆସିଛି। କେବଳ ରେଲ୍‌ୱେ ନୁହେଁ, ସରକାରଙ୍କ ସମସ୍ତ ଭର୍ତ୍ତି ବୋର୍ଡରେ ଏଭଳି ଅନିୟମିତତା, ଭ୍ରଷ୍ଟାଚାର ଓ ସମ୍ବେଦନହୀନତା ଚାକିରି ଆଶାୟୀମାନଙ୍କୁ ଲଗାତର ପ୍ରତାରିତ କରିଛି। ବେରୋଜଗାରୀର ସ୍ଥିତି ଏତେ ଉତ୍କଟ ହୋଇଛି ଯେ ସାଧାରଣ ଚପରାସୀ କିମ୍ବା ସଫେଇ କର୍ମଚାରୀ ପଦବୀ ପାଇଁ ହଜାର ହଜାର ସଂଖ୍ୟାରେ ସ୍ନାତକ, ସ୍ନାତକୋତ୍ତର ଏପରିକି ବିଟେକ୍, ଏମ୍‌ବିଏ ପାସ୍ କରିଥିବା ପିଲା ଆବେଦନ କରିବା ଦେଖାଯାଉଛି। ରେଲ୍‌ୱେରେ ଯେଉଁ ପରୀକ୍ଷାକୁ ନେଇ ଏତେ ବିବାଦ ସୃଷ୍ଟି ହୋଇଛି, ସେଥିରେ ମାତ୍ର ୩୫ ହଜାର ପଦବୀ ପାଇଁ ସର୍ବମୋଟ ୧.୩୭ କୋଟି ଯୁବତୀ ଯୁବକ ଆବେଦନ କରିଥିଲେ। ଅତଏବ ଚାକିରି ଆଶାୟୀ ପିଲାମାନେ ରେଲ୍‌ୱେର ଭର୍ତ୍ତି ପ୍ରକ୍ରିୟାରେ ଅନିୟମିତତା ଓ ସମ୍ବେଦନହୀନତାକୁ ଦେଖିଥିଲେ, ସେମାନଙ୍କ ପାଖରେ ପ୍ରତିବାଦ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆଜି ସରକାରଙ୍କ ଦମନ ଓ କିଛି ତ୍ରୁଟି ସୁଧାର ପଦକ୍ଷେପ ଫଳରେ ହୁଏତ ତତ୍କାଳିକ ଭାବେ ଏହି ଆନ୍ଦୋଳନ ଏବେ ଥଣ୍ଡା ପଡ଼ିଯାଇଛି। କିନ୍ତୁ ଦେଶରେ ବେରୋଜଗାରର ଭୟଙ୍କର ସ୍ଥିତିରେ କୌଣସି ଆଖିଦୃଶିଆ ସୁଧାର ନ ଆସିବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗ ପୁଣି ଥରେ ଯେ ବିସ୍ଫୋରକ ରୂପ ନେବ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଦେଶରେ ବେରୋଜଗାରୀର ସ୍ଥିତି ଯେ ଅତ୍ୟନ୍ତ ଭୟଙ୍କର, ଏହାର ସ୍ପଷ୍ଟ ସଙ୍କେତ ବିଭିନ୍ନ କ୍ଷେତ୍ରରୁ ମିଳୁଛି। ନିକଟରେ କେନ୍ଦ୍ର ସରକାରଙ୍କ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ ବେରୋଜଗାର କାରଣରୁ ଯୁବତୀ ଯୁବକଙ୍କ ମଧ୍ୟରେ ଆତ୍ମହତ୍ୟାର ହାର ଲଗାତର ବଢ଼ିବାରେ ଲାଗିଛି। ବେରୋଜଗାର କାରଣରୁ ୨୦୧୮ରେ ୨୭୪୧ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୧୯ରେ ୨୮୫୧ ଓ ୨୦୨୦ରେ ୩୫୪୮ ଜଣ ଆତ୍ମହତ୍ୟା କରିଛନ୍ତି। ଖୋଦ୍ ସରକାରୀ ତଥ୍ୟ ଅନୁଯାୟୀ ଗତବର୍ଷ ମଧ୍ୟରେ ଦେଶରେ ବେରୋଜଗାରୀର ହାର ସର୍ବୋଚ୍ଚ ସ୍ତରରେ ରହିଛି। କୋଭିଡ୍ ମହାମାରୀର ଆଗରୁ ହିଁ ଦେଶରେ ବେରୋଜଗାରୀ ହାର ଚିନ୍ତାଜନକ ଥିବା ବେଳେ କୋଭିଡ୍ ମହାମାରୀ ଏହାକୁ ଆହୁରି ଉତ୍କଟ କରିଛି। ଦେଶର ୧.୮୯ କୋଟି ଲୋକ କୋଭିଡ୍ ଯୋଗୁ ନିଜର ଚାକିରି ହରାଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୦ ଲକ୍ଷ ଲୋକ ନିୟମିତ ଦରମା ପାଉଥିବା କର୍ମଚାରୀ ରହିଛନ୍ତି। କେନ୍ଦ୍ର ସରକାରଙ୍କ ସଂସ୍ଥା ଜାତୀୟ ପରିସଂଖ୍ୟାନ ଅଫିସ ଦ୍ୱାରା ସଦ୍ୟତମ ଜାରି ତଥ୍ୟ ଅନୁଯାୟୀ ଦେଶରେ ଗତବର୍ଷ ବେରୋଜଗାରୀ ହାର ୧୨.୭ ପ୍ରତିଶତ ରହିଥିଲା। ସେଥିମଧ୍ୟରୁ ପୁରୁଷମାନଙ୍କ କ୍ଷେତ୍ରରେ ଏହି ହାର ୧୨.୨ ପ୍ରତିଶତ ରହିଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ତାହା ୧୪.୩ ପ୍ରତିଶତ ରହିଛି।

ଭାରତରେ ଜନସଂଖ୍ୟା ଅନୁପାତରେ ରୋଜଗାର କରୁଥିବା ଲୋକଙ୍କ ହାର ବିଶ୍ୱର ଅନେକ ଦେଶ ତୁଳନାରେ କମ୍ ରହିବା ସହ ତାହା ଲଗାତର କମିବାରେ ଲାଗିଛି। ଏହା ଶ୍ରମଶକ୍ତିର ଅଂଶଗ୍ରହଣର ହାରରେ ଦେଖିବାକୁ ମିଳିଥାଏ। ୨୦୨୦ରେ ଏହି ହାର ଭାରତରେ ୪୬ ପ୍ରତିଶତ ଥିବା ବେଳେ ଚାଇନାରେ ୬୭ ପ୍ରତିଶତ, ଇଣ୍ଡୋନେସିଆରେ ୬୬ ପ୍ରତିଶତ, ମାଲେସିଆରେ ୬୪ ପ୍ରତିଶତ, ବ୍ରାଜିଲରେ ୫୯ପ୍ରତିଶତ ଏବଂ ଇଥିଓପିଆ ଓ ଘାନା ପରି ଦେଶଗୁଡ଼ିକରେ ଏହା ଯଥାକ୍ରମେ ୬୭ ପ୍ରତିଶତ ଓ ୬୬ ପ୍ରତିଶତ ରହିଥିଲା। ୨୦୨୧ରେ ଭାରତରେ ଏହି ହାର ୪୩.୧ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଗତବର୍ଷ ମହାମାରୀର ଦ୍ୱିତୀୟ ଲହର ସମୟରେ ୪୦.୯ ପ୍ରତିଶତକୁ ହ୍ରାସ ପାଇଛି। ଭାରତରେ ଏହି ହାର ବେରୋଜଗାରୀର ହାର ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରୁଛି। କାରଣ ଉପଯୁକ୍ତ ରୋଜଗାର ଅଭାବରୁ ଯାହା କାମ ମିଳୁଛି ତାକୁ କରିବାକୁ ଭାରତର ଆଶାୟୀ ଲୋକେ ବାଧ୍ୟ ହେଉଛନ୍ତି।

୨୦୧୪ରେ ବାର୍ଷିକ ଦୁଇ କୋଟି ଲୋକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିଥିଲେ। ଏହି ହିସାବରେ ଦେଖିଲେ ମୋଦିଙ୍କ ଗତ ୮ବର୍ଷର ଶାସନ କାଳରେ ମୋଟ ୧୬ କୋଟି ଲୋକଙ୍କୁ ରୋଜଗାର ମିଳିବା କଥା। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ ନୂଆ ରୋଜଗାର ତ ମିଳିଲାନି। ବରଂ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଦେଶର ଲକ୍ଷ ଲକ୍ଷ ଲୋକଙ୍କ ରୋଜଗାରକୁ ଛଡ଼େଇ ନେଇଛି। ବିମୁଦ୍ରୀକରଣ, ଜିଏସ୍‌ଟି ଓ ଯୋଜନାହୀନ ଲକ୍‌ଡାଉନ୍ ଘୋଷଣା ପରି ସରକାରଙ୍କ ଦାୟିତ୍ୱହୀନ ପଦକ୍ଷେପ ଯୋଗୁ ଦେଶର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ ଏବଂ କର୍ମଚାରୀ ନିଜର ରୋଜଗାର ହରାଇଛନ୍ତି। କଂଗ୍ରେସ ଶାସନ କାଳର ରୋଜଗାରହୀନ ବିକାଶ ଏବେ ଭାଜପା ଶାସନ କାଳରେ ରୋଜଗାରହାନି ବିକାଶରେ ପରିଣତ ହୋଇଛି। ରିଜର୍ଭ ବ୍ୟାଙ୍କ ଆକଳନ ଅନୁଯାୟୀ ମୋଦିଙ୍କ ଶାସନର ପ୍ରଥମ ଦୁଇବର୍ଷ ମଧ୍ୟରେ ଦେଶର ୨୦ ଲକ୍ଷ ଯୁବତୀ ଯୁବକ ରୋଜଗାର ହରାଇଛନ୍ତି। ୨୦୧୩ରେ ଦେଶରେ କାର୍ଯ୍ୟରତ ବ୍ୟକ୍ତିଙ୍କ ସଂଖ୍ୟା ୪୪ କୋଟି ଥିବା ବେଳେ ୨୦୧୬ରେ ତାହା ୪୧ କୋଟିକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଅବସ୍ଥାରେ ଏହି ସଂଖ୍ୟା ୩୪ କୋଟିକୁ ହ୍ରାସ ପାଇଛି।

ବେରୋଜଗାରୀ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ସମ୍ବେଦନହୀନତା ପ୍ରଦର୍ଶନ କରାଯାଇଛି। ସରକାର ନିଜର ଅପାରଗତା ଉଜାଗର ହେବା ଭୟରେ ବେରୋଜଗାରୀର ବାର୍ଷିକ ତଥ୍ୟକୁ ଆଉ ପ୍ରକାଶ କରୁନାହାନ୍ତି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏନେଇ ଲଗାତର ଅତ୍ୟନ୍ତ ସମ୍ବେଦନହୀନ ମନ୍ତବ୍ୟ ଦେବା ଦେଖିବାକୁ ମିଳିଛି। ବେରୋଜଗାରୀ ପ୍ରସଙ୍ଗକୁ ହାଲୁକା କରିବା ପାଇଁ ପ୍ରଧାନମନ୍ତ୍ରୀ କେତେବେଳେ ରାସ୍ତାକଡ଼ରେ ପକୋଡ଼ି ଛାଣିବାକୁ ରୋଜଗାର ବୋଲି କହିଥିବା ବେଳେ କେତେବେଳେ ରୋଜଗାର ଆଶାୟୀ ହେବା ପରିବର୍ତ୍ତେ ରୋଜଗାର ପ୍ରଦାନକାରୀ ହେବାକୁ ଦେଶର ଯୁବ ସମ୍ପ୍ରଦାୟକୁ ପରାମର୍ଶ ଦେବାକୁ ଭୁଲିନାହାନ୍ତି। ଏପରି କହି ସରକାର ଦେଶରେ ରୋଜଗାର ସୃଷ୍ଟି ପାଇଁ ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ଏଡ଼େଇଯିବାକୁ ଚାହୁଁଥିବା ଜଣାପଡ଼ିଛି।

ସରକାର ରୋଜଗାର ଦେବା ନେଇ କେତେ ଗମ୍ଭୀର ତାହା ଖୋଦ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ଲକ୍ଷ ଲକ୍ଷ ପଦବୀରୁ ଜଣାପଡୁଛି। ସରକାର ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୦୨୦ ସୁଦ୍ଧା କେବଳ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୮.୭୨ ଲକ୍ଷରୁ ଅଧିକ ପଦବୀ ଖାଲି ରହିଛି। ସେଥିମଧ୍ୟରୁ ରେଲ୍‌ୱେରେ ୨.୬୫ ଲକ୍ଷ, ସୈନ୍ୟବାହିନୀରେ ୧.୨୫ ଲକ୍ଷ, ୧୨ଟି ସରକାରୀ ବ୍ୟାଙ୍କରେ ୪୧,୧୭୭, ଗ୍ରାମୀଣ ସ୍ୱାସ୍ଥ୍ୟକର୍ମୀ ବାବଦରେ ୬୩,୯୪୧ଟି ପଦବୀ ଖାଲି ରହିଛି। ଏହା ବ୍ୟତୀତ ଦେଶସାରା ପୋଲିସ ବିଭାଗରେ ୫.୩୧ ଲକ୍ଷ ପଦବୀ ଖାଲି ରହିଛି। ଦେଶର ବିଚାର ବିଭାଗ, ଶିକ୍ଷା ବିଭାଗ ଆଦିରେ ବି ଲକ୍ଷ ଲକ୍ଷ ସଂଖ୍ୟାରେ ପଦବୀ ଖାଲି ରହିଛି। ଯଦି ଦେଶର ସବୁ ରାଜ୍ୟରେ ଖାଲିଥିବା ସରକାରୀ ପଦବୀକୁ ହିସାବକୁ ନିଆଯିବ, ତା’ହେଲେ ଏହି ସଂଖ୍ୟା କୋଟିଏରୁ ଅଧିକ ହୋଇଯିବ। ଏହା ପ୍ରତିଦିନ ବଢ଼ିବାରେ ଲାଗିଛି। କାରଣ ଉପରୋକ୍ତ ଶୂନ୍ୟ ପଦବୀସବୁ ଆଗରୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଅବସର ନେବା ପରେ ଶୂନ୍ୟ ହୋଇଛି। ଏସବୁ ପଦବୀ ମୋଦିଙ୍କ ଅମଳରେ ସୃଷ୍ଟି ହୋଇନି। ପୂର୍ବ ସରକାରଙ୍କ ସମୟରେ ସରକାରୀ କାର୍ଯ୍ୟର ଆବଶ୍ୟକତାକୁ ନେଇ ସୃଷ୍ଟି ହୋଇଥିଲା। ତାକୁ ଗତ ୮ବର୍ଷ ମଧ୍ୟରେ ସମ୍ପ୍ରସାରିତ କରାଯାଇନାହିଁ। ସରକାରୀ ସେବାର ପରିଧିକୁ ବଢ଼ାଇ ଅଧିକରୁ ଅଧିକ ନିଯୁକ୍ତି ଦେବା ପରିବର୍ତ୍ତେ ଓଲଟା ଅନେକ ଶୂନ୍ୟପଦକୁ ଉଚ୍ଛେଦ କରିଦିଆଯାଇଛି।

ଦେଶରେ ରୋଜଗାର ବଢ଼ାଇବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେବା ପରିବର୍ତ୍ତେ ସରକାରଙ୍କ ଆର୍ଥିକ ନୀତି ଓଲଟା ରୋଜଗାରକୁ ହ୍ରାସ କରିଚାଲିଛି। ସରକାରଙ୍କ ବହୁ ପ୍ରଚାରିତ ମୁଦ୍ରୀକରଣ ଯୋଜନାରେ ଯେଉଁସବୁ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ସଂସ୍ଥାର ଘରୋଇକରଣ ବା ବିକ୍ରି ହେବ, ତାହା ସେସବୁରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ରୋଜଗାରକୁ ଛଡ଼େଇନେବ। ଏହାବ୍ୟତୀତ ସରକାରଙ୍କ ପ୍ରସ୍ତାବିତ ଶ୍ରମ ସଂସ୍କାର ପଦକ୍ଷେପ ମଧ୍ୟ ଶ୍ରମିକମାନଙ୍କୁ ମନଇଚ୍ଛା ଛଟେଇ କରିବାକୁ ଘରୋଇ ମାଲିକମାନଙ୍କୁ ଅବାଧ ସୁଯୋଗ ଦେବ। ଦେଶରେ ହିନ୍ଦୁ-ମୁସଲମାନ, ଭାରତ-ପାକିସ୍ତାନର ବିତର୍କ ମଧ୍ୟ ଦେଇ ରୋଜଗାରର ପ୍ରସଙ୍ଗକୁ ଏଡ଼େଇଦେବାକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ଚାଲିଛି। ନିକଟରେ ଅନୁଷ୍ଠିତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ଏହା ପ୍ରସଙ୍ଗ ନ ହେବା ଉପରୋକ୍ତ ଷଡ଼ଯନ୍ତ୍ରର ହିଁ ଅଂଶବିଶେଷ ବୋଲି କୁହାଯାଇପାରେ। ଅତଏବ ଦେଶର ବିଶେଷ କରି କୋଟି କୋଟି ଯୁବତୀ ଯୁବକଙ୍କ ସ୍ୱାର୍ଥରେ ‘ରୋଜଗାର’ ସବୁଠାରୁ ବଡ଼ ପ୍ରସଙ୍ଗ ହେବା ଏକାନ୍ତ ଜରୁରୀ।

**ମୋ: ୯୪୩୭୧୬୬୩୯୧**

# ଶାନ୍ତି ଲୋଡ଼ା



ଇଂ. ରୌଶନ ଖାନ୍

ବିଶ୍ୱବନ୍ଦିତ ରସୁଲ୍ ହଜରତ ମହମ୍ମଦଙ୍କ ଦ୍ୱାରା ଶରିୟତ ବା ଧର୍ମବିଧାନ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥିବାରୁ ତାଙ୍କୁ ‘ଖାତମନ୍ ନବିୟିନ୍’ ବା ନବିଶ୍ରେଷ୍ଠ ରୂପେ ଅଭିହିତ କରାଯାଇଛି। ଇସଲାମ୍‌ର ପୁନରଭ୍ୟୁଦୟ ସମ୍ବନ୍ଧରେ ତାଙ୍କର ମହାନ୍ ବାଣୀକୁ ଚରିତାର୍ଥ କରି ୧୪୦୦ ବର୍ଷ ପରେ ଭାରତରେ ଜନ୍ମିତ ତାଙ୍କର ଦାସାନୁରକ୍ତ ଜଣେ ମୁସଲିମ ସନ୍ଥଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ଦିନ ଲୁଧିଆନା ଠାରେ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ‘ଅହମଦିୟା ମୁସଲିମ ସମ୍ପ୍ରଦାୟ’ ରଖାଗଲା। ଏହା ପ୍ରତିଷ୍ଠା କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବରେ ସଂସାର ସମ୍ମୁଖରେ ରଖିବା ଏବଂ ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତ୍ତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା। ସେହିପରି ଇସଲାମକୁ ଆଳ କରି ଜିହାଦ ନାମରେ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ଼ ପ୍ରତିବାଦ କରିବା ସହିତ ଏହା ଜଣାଇବାକୁ ହେବ ଯେ ହଜରତ ମହମ୍ମଦ ସମଗ୍ର ମାନବଜାତି ପାଇଁ କରୁଣାର ସାଗର ହୋଇ ଆବିର୍ଭୂତ ହୋଇଥିଲେ।

ତେବେ ବର୍ତ୍ତମାନର ସଂକଟମୟ ସ୍ଥିତିରେ ‘ଜିହାଦ’ର ଅସଲ ତତ୍ତ୍ୱକୁ ଲୋକଲୋଚନକୁ ଆଣିବା ଦିଗରେ ମସିହ ମଉଦ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ; ଯାହାର ସମ୍ୟକ୍ ଆଲୋଚନା କରାଯାଉଛି। ତାଙ୍କର ଅନେକ ବହୁମୁଖୀ ଦୈବୀ ଯୋଜନା ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି: ‘ୟଜଉଲ୍ ହରବ୍’। ଅର୍ଥାତ୍ ସାମ୍ପ୍ରଦାୟିକ ସଂଘର୍ଷକୁ ସମାପ୍ତ କରିବା। ଏହାର ତାତ୍ପର୍ଯ୍ୟ ହେଉଛି, ଏହି ଯୁଗରେ କେବଳ ଆତ୍ମଶୁଦ୍ଧି ଓ କୁରଆନରେ ରହିଥିବା ଶାନ୍ତି ଓ ଅହିଂସାମୂଳକ ବାଣୀର ପ୍ରଚାର ଓ ପ୍ରସାର ପାଇଁ ଜିହାଦ କରାଯିବ। ସୁତରାଂ ଅହମଦ କହିଥିଲେ: ‘‘ଯେଉଁ କାର୍ଯ୍ୟ ପାଇଁ ପ୍ରଭୁ ମୋତେ ଆଦେଶ ଦେଇଛନ୍ତି, ତାହା ହେଉଛି ... ସତ୍ୟକୁ ପ୍ରକଟ କରିବା ପାଇଁ ଧର୍ମୀୟ ଯୁଦ୍ଧର ଅନ୍ତ କରି ମୈତ୍ରୀର ଭିତ୍ତି ପ୍ରତିଷ୍ଠା କରିବି।’’ (ଲେକଚର ଲାହୋର, ପୃ- ୩୪)

ଧାର୍ମିକ କଠୋରବାଦ ଯେଉଁ ସଂକୀର୍ଣ୍ଣତାକୁ ଜନ୍ମ ଦେଇଛି, ତାହା ଆତଙ୍କବାଦ ନାମରେ ଧର୍ମାନ୍ଧତା ଓ ନିଷ୍ଠୁରତାର ରାକ୍ଷସ ସାଜି ଆଜି କେବଳ ଭାରତବର୍ଷ କାହିଁକି ସମଗ୍ର ପୃଥିବୀକୁ ଗ୍ରାସ କରିବାରେ ଲାଗିଛି। ଆଇ.ଏସ୍., ଅଲ୍ କାଏଦା ଓ ଜେ.ଇ.ଏମ୍. ଇତ୍ୟାଦି ତଥାକଥିତ ଜିହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୋଧରେ କ୍ରୂର ଅଟ୍ଟହାସ୍ୟର ସ୍ପଷ୍ଟ ଚିତ୍ର ଦେଖାଉଛି। ଅନ୍ୟପଟେ ଶାନ୍ତି ପ୍ରତିଷ୍ଠା ବାହାନାରେ ମହାଶକ୍ତିଗୁଡ଼ିକର ଅଯଥା ହସ୍ତକ୍ଷେପ ମାନବଜଗତକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଠେଲି ଦେଇଛି। ରୁଷିଆର ୟୁକ୍ରେନ ଆକ୍ରମଣ ପରେ ଏବଂ ନିକଟରେ ରୁଷୀୟ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ତାଙ୍କର ଆଣବିକ ଶକ୍ତିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ଫଳରେ ଆଣବିକ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି।

ସଂପ୍ରତି ପୃଥିବୀବାସୀ ଶାନ୍ତି କାମନା କରି ଯୁଦ୍ଧ ନ ହେବା ପାଇଁ ଚାହୁଁଛନ୍ତି। ଏହି ସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ ଅହମଦୀୟା ଜମାଅତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି :‘ସଦ୍ୟ ଆବିଷ୍କୃତ ମହା ଶକ୍ତିଶାଳୀ ପରମାଣୁ ଓ ଉଦ୍‌ଜାନ ବୋମା ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦ୍ୱାରା ରୁଷିଆ ଓ ତାହାର ସହଯୋଗୀ ରାଷ୍ଟ୍ର ଏବଂ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ମଧ୍ୟରେ ଲଢ଼େଇ ହେବା ପରେ ସେମାନଙ୍କ ଶକ୍ତି ଦୁର୍ବଳ ହୋଇପଡ଼ିବ। ସନ୍ତ୍ରାସବାଦ ବିରୋଧରେ ସଂଘର୍ଷ ହେଉ ଅବା ଜିହାଦ ନାମରେ ନିରୀହ ମଣିଷଙ୍କ ରକ୍ତପାତ, ସମଗ୍ର ମାନବ ସମାଜ ଆଜି ଆସନ୍ନ ମହାଯୁଦ୍ଧର ବିଭୀଷିକାରେ ଆତଙ୍କିତ। ଏପରି ଶଙ୍କାକୁଳ ପରିସ୍ଥିତିରେ ଅହମଦୀୟା ସଂପ୍ରଦାୟର ପଞ୍ଚମ ଖଲିଫା ହଜରତ୍ ମିର୍ଜା ମସରୁର ଅହମଦ୍ ବିଶ୍ୱର ପ୍ରମୁଖ ଧର୍ମଗୁରୁ ଓ ରାଷ୍ଟ୍ରମୁଖ୍ୟମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଶକ୍ତିଶାଳୀ ରାଷ୍ଟ୍ରଗଣ ଶାନ୍ତିରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବା ପରିବର୍ତ୍ତେ କଥାବାର୍ତ୍ତା ଜରିଆରେ ବିବାଦର ସମାଧାନ କରନ୍ତୁ। ନ୍ୟାୟ ଭିତ୍ତିକ ଶାନ୍ତିର ଲକ୍ଷ୍ୟ ନେଇ ପୃଥିବୀକୁ ଏକତ୍ରିତ କରିବା ପାଇଁ କୌଣସି ଯୁଦ୍ଧକ୍ଷେତ୍ର ନୁହେଁ, ବରଂ ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ଅଧିକ ଶ୍ରେୟସ୍କର। ଯୁଗ ପ୍ରବର୍ତ୍ତକ ମସିହ ମଉଦ କହିଥିଲେ:‘‘ଏବେ ଧର୍ମରକ୍ଷା ଓ ପ୍ରସାର ପାଇଁ କୌଣସି ଫୌଜି ଜିହାଦର ଆବଶ୍ୟକତା ନାହିଁ। ଧର୍ମ ଆଳରେ ଯୁଦ୍ଧ, ନରସଂହାର ଓ ରକ୍ତପାତକୁ ନିଷିଦ୍ଧ କରାଯାଇଛି। କାରଣ ଜିହାଦ ଏବେ ଆଧ୍ୟାତ୍ମିକ ରୂପ ଧାରଣ କରିଛି।’’ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ଯୁଗରେ ଆଉ ବନ୍ଧୁକ ଚାଳନାର ଅନୁମତି ନାହିଁ। ଆସନ୍ତୁ, ଆମେମାନେ ସମାଜରୁ ହିଂସା ଓ କୁସଂସ୍କାରର କାଳିମା ଦୂର କରିବା ପାଇଁ ଶପଥ ନେବା।

**କେରଙ୍ଗ (ଖୋର୍ଦ୍ଧା), ମୋ:୯୪୩୭୬୮୪୮୫୯**

## ଏଇ ଭାରତରେ

ଦିଲ୍ଲୀ ନିବାସୀ ଉଷା ଗୁପ୍ତାଙ୍କ ବୟସ ୮୮ ଛୁଇଁଲାଣି। ପରିଣତ ବୟସରେ ଗରିବଙ୍କ ସେବା ମନସ୍କତା ତାଙ୍କୁ ନିଆରା ପରିଚୟ ଦେଇଛି। ଏବେ ସେ ଆଚାର ବିକ୍ରିକରି ସେମାନଙ୍କ ସେବା ପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି ଓ ଅସହାୟ ଗରିବଙ୍କୁ ଖାଇବାକୁ ଦେଉଛନ୍ତି। ଏବେ ସୁଦ୍ଧା ସେ ୬୫,୦୦୦ ଏଭଳି ଲୋକଙ୍କୁ ଖାଇବାକୁ ଦେଇସାରିଲେଣି। ଉଷା ଓ ତାଙ୍କ ସ୍ୱାମୀ ରାଜକୁମାର କୋଭିଡ୍-୧୯ ମହାମାରୀରେ ଆକ୍ରାନ୍ତ ହୋଇଥିଲେ ଓ ପରେ ରାଜଙ୍କ ଦେହାନ୍ତ ହୋଇଥିଲା। ମହାମାରୀ ସମୟରେ ଲୋକଙ୍କ କଷ୍ଟମୟ ଜୀବନକୁ ଦେଖି ସେମାନଙ୍କୁ ସାହାଯ୍ୟ କରିବାକୁ ଉଷା ନିଷ୍ପତ୍ତି ନେଇଥିଲେ। ସେ ତାଙ୍କ ନାତୁଣୀ ଡ. ରାଧିକା ବାତ୍ରାଙ୍କ ସହଯୋଗରେ ‘ପିକଲ୍ସ ଓ୍ୱିଥ୍ ଲଭ୍’ ସଂସ୍ଥା ଗଠନ ସହ ଆଚାର ଓ ଚଟଣି ତିଆରି କରି ବିକ୍ରି ଆରମ୍ଭ କରିଥିଲେ। ସେଥିରୁ ଯାହା ଆୟ ହେଲା ତାହାକୁ ସେ ଗରିବଙ୍କ ସେବାରେ ଲଗାଇଲେ ଓ ଏଯାବତ୍ ତାହା କରିଆସୁଛନ୍ତି। କେବଳ ଏତିକି ନୁହେଁ, ସେ କୋଭିଡ୍-୧୯ରେ ପ୍ରଭାବିତ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୯୭**

- ପୂର୍ବ ଜେରୁଜେଲମରେ ଇହୁଦୀ ବସତି ନିର୍ମାଣ ବିରୁଦ୍ଧରେ ନିରାପତ୍ତା ପରିଷଦରେ ଅଣାଯାଇଥିବା ଏକ ପ୍ରସ୍ତାବ ଉପରେ ଆମେରିକାର ଭିଟୋ ପ୍ରୟୋଗ।
- ଜେଏମ୍‌ଏମ୍ ଉତ୍କୋଚ ମାମଲାର ଅନ୍ୟତମ ଅଭିଯୁକ୍ତ ଶୈଳେନ୍ଦ୍ର ମହାତୋଙ୍କ ସ୍ୱୀକାରୋକ୍ତିକୁ ଅଦାଲତ ରେକର୍ଡ କରିଛନ୍ତି।
- ଆନ୍ଧ୍ରପ୍ରଦେଶ ଯୋଗାଣ ମନ୍ତ୍ରୀ ଜି. ହନୁମନ୍ଥା ରାଓଙ୍କ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | | 1 | | | | |
| | | | 2 | 4 | | | | 5 |
| | | | | | | | | 9 |
| | | 2 | | 7 | 6 | | | |
| 9 | | 8 | | | | | 2 | |
| | 1 | | | | | | 9 | |
| | | | | | | 9 | 4 | 7 |
| | 6 | | | | | | | |
| 8 | | 9 | | | 3 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 9 | 2 | 3 | 7 | 5 |
| 6 | 5 | 2 | 8 | 7 | 3 | 4 | 9 | 1 |
| 9 | 7 | 3 | 4 | 5 | 1 | 6 | 2 | 8 |
| 4 | 6 | 7 | 3 | 2 | 8 | 1 | 5 | 9 |
| 8 | 2 | 9 | 1 | 4 | 5 | 7 | 3 | 6 |
| 5 | 3 | 1 | 9 | 6 | 7 | 2 | 8 | 4 |
| 2 | 1 | 6 | 5 | 3 | 9 | 8 | 4 | 7 |
| 3 | 9 | 8 | 7 | 1 | 4 | 5 | 6 | 2 |
| 7 | 4 | 5 | 2 | 8 | 6 | 9 | 1 | 3 |

ଗତକାଲିର ଉତ୍ତର

# କାନ୍ଧୁରା ହସ



ଦ୍ୱିତୀ ଚନ୍ଦ୍ର ସାହୁ

ଧାଡ଼ି ଧାଡ଼ି ହୋଇ ରହିଛି ନୂଆ ଘର। ନୂଆ ରଙ୍ଗରେ ଧଉଳା ହୋଇ ବେଶ୍ ଆକର୍ଷଣୀୟ ଲାଗୁଛି। ଦୁଇ ଧାରରେ ଠିଆ ହୋଇଥିବା ଘରକୁ ଦି’ ଫାଳ କରି ଲମ୍ବିଛି କଳା ମଚମଚ ପିଚୁ ରାସ୍ତା। ରାସ୍ତାର କଡ଼େ କଡ଼େ ଠାଏ ଠାଏ ମଇଳା ପକାଇବା ରଙ୍ଗିନ କୁଣ୍ଡ। ଏପାଖ ସେପାଖ ହୋଇ ନାନା ଜ୍ୟାମିତିକ ଚିତ୍ର ବହନ କରୁଥିବା କୃତ୍ରିମ ବସ୍ତି। ବସ୍ତି ତ କୁହାଯିବନି। ଠୁକୁରୁ ଠୁକୁରୁ ପାଦଚଲା ଆରମ୍ଭ କରୁଥିବା ଗୋଟେ ସାନ ସହର। ଏଇଥିପାଇଁ ସହର କହିବାକୁ ବାଧ୍ୟ ହେଲି ଆଜିକାଲି ସହରତଳିରେ ଗଢ଼ି ଉଠିଥିବା ରିୟଲ ଇଷ୍ଟେଟ କମ୍ପାନୀ ଦ୍ୱାରା ନିର୍ମିତ ଅଚିରେ ଭ୍ରମ ସୃଷ୍ଟି କରୁଥିବା ଝଲମଲ ଅଞ୍ଚଳ ପରି ଲାଗୁଥିଲା ଅବିକଳ। ପ୍ରବେଶରେ ସୁନ୍ଦର ସିମେଣ୍ଟର ତୋରଣ ସହ ବିରାଟ ଫାଟକ। ପରସ୍ପରକୁ ଛେଦ କରୁଥିବା କଲୋନୀ। ଅନବରତ ପାଣି, ବିଦ୍ୟୁତ୍ ଆଲୁଅର ବ୍ୟବସ୍ଥା। ବିଦ୍ୟୁତ୍ ଚାଲିଗଲେ ବିକଳ୍ପ ବିଦ୍ୟୁତ୍ ଯୋଗାଇବାର ସୁବିଧା। ଘର କହିଲେ ଚାରି ବଖରିଆ ଘର। ସେଥିରେ ଗୋଟେ ରୋଷେଇ ଘର ଓ ଆଉ ଗୋଟେ ଛୋଟ ଘର। ପୂଜା ଘର କରିପାର ଅବା ଗୋଦାମ ଗୃହ। ଘର ପଛକୁ ଆଉ ଗୋଟେ ଛୋଟ ଆଜବେଷ୍ଟସ ଗୁହାଳ। ଗୁହାଳକୁ ଲାଗି ଦି’ଟା ପାଇଖାନା। ଗୁହାଳ ପଛପଟେ ବାଡିବଗିଚା ଲାଗି ସାମାନ୍ୟ ଅଳ୍ପ ସ୍ଥାନ। ତମାମ କଲୋନୀ ଚାରିପଟେ ତାରବାଡ଼। ତାରି ଭିତରେ ରହୁଛନ୍ତି ସୁନ୍ଦରଗଡ଼ ହେମଗିରି ବ୍ଲକର ବିସ୍ଥାପିତ ଅଞ୍ଚଳର ଭିଟାମାଟି ହରାଇଥିବା ଲୋକେ। ବହୁଦୂର ପର୍ଯ୍ୟନ୍ତ ଜଙ୍ଗଲର ଦେଖା ନାହିଁ। ପାହାଡ଼ ଛୁଇଁବାକୁ ହେଲେ କୋଶେ ବାଟ ଚାଲିବାକୁ ହେବ। ଚାରିପଟେ ଟାଙ୍ଗରା ଭୂଇଁ। ତାରି ଭିତରେ ବିସ୍ଥାପିତ ମଣିଷ। ଅବଶ୍ୟ ମିଳିଛି ପ୍ରଚୁର ଅର୍ଥ। ଚାଷଜମିକୁ ଏକର ପିଛା ପନ୍ଦର ଲକ୍ଷ। ଘର ବାବଦକୁ ଖର୍ଚ୍ଚ ବାର ଲକ୍ଷ। ଯିଏ ନିଜେ କରିବାକୁ ଆଗ୍ରହୀ ପାଇବ ମାତ୍ର ଛଅ ଲକ୍ଷ। ଗାଁରେ ହରାଇଥିବା ଘର ବାବଦକୁ ବର୍ଗଫୁଟକୁ ପାଞ୍ଚଶହ ହିସାବରେ ଯିଏ ଯେତିକି ପାଇଲା ସେତିକି ନେଇ ଘର ଛାଡିବ। ଅଠର ବର୍ଷରୁ ଊର୍ଦ୍ଧ୍ୱ ପାରିବାରିକ ସଦସ୍ୟ ପାଇଁ ଆଉ ଗୋଟେ ନୂଆଘର। ବିବାହ ଯୋଗ୍ୟାଙ୍କ ପାଇଁ ଅଲଗା ବ୍ୟବସ୍ଥା। ପାଖାପାଖି କୋଡିଏରୁ ଚବିଶ ଲକ୍ଷ ଯାଏ ହିସାବ ଅନୁଯାୟୀ ବଢିଲା ଝିଅମାନେ ପାଇଛନ୍ତି ଅର୍ଥ। ତା’ ପାଇଁ ପୁଣି ଅଲଗା ଗୋଟେ ଘର। ଏସବୁବାଦ୍ ପ୍ରତି ଘର ପିଛା ମାସିକ ତିନି ହଜାର ଟଙ୍କା ଆଗାମୀ ୩୦ ବର୍ଷ ଯାଏ ଦେବାକୁ କମ୍ପାନୀ ଦେଇଛି ପ୍ରତିଶ୍ରୁତି। ତା’ ସହିତ ୩୦ବର୍ଷ ଯାଏ କଲୋନୀର ସମସ୍ତ ପରିଚାଳନା ଦାୟିତ୍ୱ ବୁଝିବ କମ୍ପାନୀ। ଏକାଥରକେ ଗଳଗଳ କରି ମିଳିଥିବା ହିସାବର ବିବରଣୀ ପ୍ରଦାନ କଲେ ଅନ୍ୟତମ ବାସଚ୍ୟୁତ ତଥା ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଏ।

ଖଣି ପାଇଁ ସାନଘୁମୁଡାର ବାସଚ୍ୟୁତ ହୋଇଥିବା ୧୨୨ ପରିବାର ଲାଗି ନିର୍ମିତ ହୋଇଛି ୧୧୭ଟି ଘର। ବାକି କିଛି ଅନ୍ୟତ୍ର ରହୁଛନ୍ତି। ଚିକିତ୍ସାଳୟ, ପଢାଘର, ବିଦ୍ୟାଳୟ, ହାଟବଜାର, ମନ୍ଦିର, ମନୋରଞ୍ଜନ କେନ୍ଦ୍ର ସବୁ ଖଞ୍ଜି ଦେଇଛି କମ୍ପାନୀ। ପ୍ରଚୁର ଅର୍ଥ ମିଳିଛି, ତା’ ସହିତ ସବୁ ସୁବିଧା ଥାଇ ଘର। ବଞ୍ଚିବା ଖୁବ୍ ଭଲ ଲାଗୁଥିବ! ଏତିକି କଥାରେ ଭୋ ଭୋ ହୋଇଗଲେ ଭୋଏ। ଶୁଖିଲା ପତର ଖରାମାସରେ ଯେମିତି ଉଡି ଉଡି ଏଠି ସେଠି ବାଡ଼େଇହୋଇ ତା’ର ପରିଚୟ ହରେଇଦିଏ। କେଉଁ ଗଛରୁ ଆସିଛି ଜାଣିପାରେନି। ସେମିତି ଗତି ଆମ ଲୋକଙ୍କର ହୋଇଛି ବୋଲି ଆତ୍ମଗ୍ଲାନିକୁ ବଖାଣିଲେ। ଦାଣ୍ଡବାଡ଼କୁ ଲାଗି ଜଙ୍ଗଲ। କଳକଳ ହୋଇ ବୋହିଯାଉଥିବା ଝରଣା। ଗାଁ ମୁଣ୍ଡର ଦେମୂଳି। ଅଗଣା ଥିବା ପୁରୁଷ ପୁରୁଷର ଘର। ଶୀତକାକର ଓ ଗରମରୁ ରକ୍ଷା କରୁଥିବା ଅନ୍ଧୁତିଶାଳ। ଜମିର ଧାନ। ବଣ ଡଙ୍ଗରର ଜାତିଜାତିକା ପାଚିଲା ଫଳ ଖାଇବା ଏସବୁ କେଉଁଠି ମିଳିବ। ଚୁଲି ନିଆଁରେ ପୋଡା ବାଇଗଣ ଓ ପାତଲ ଘଣ୍ଟାର ସୁଆଦ ଠିଆ ଚୁଲିରେ ମିଳିବ କିମିତି? ଏତେ ସବୁ ବାଦ୍ ମନ ଗୋଟେ ଅଛି ଆଜ୍ଞା! ଯେଉଁଠି ଜୀବନଯାକ ବଡ଼ ବଡ଼ ମାଟିଘର ଅଗଣା, ଉଚା ପିଣ୍ଡାରେ ବଢିଛୁ, ବଣ ପାହାଡ଼ର ମିଠା ମିଠା ବାସ୍ନାର ପବନରେ ମାତିଛୁ, ଝର ପାଣିରେ ବୁଡିଛୁ, ସେଠି ମାତ୍ର ଦଶ ଡିସିମିଲ ଜାଗା ଭିତରେ କେମିତି ଜିଇ ହେବ! ନିଃଶ୍ୱାସ ମାରିଲେ ଏଠି ଧଇଁସଇଁ ଲାଗୁଛି। ପୁଷ ପୂନେଇଁ, ନବାନ୍ନ ହେଉ କି ଫାରସ ନାଟ କିଛି ନାହିଁ ଏଠି। ଭାଇ ଭାଇ ଅଲଗା ଘର। ନିଜ ନିଜ ଘରେ ପରବପର୍ବାଣି ତ ଓ ହସଖୁସି। ପଇସା ଥାଇ ଇମିତି ଜୀବନ କିଛି ଗୋଟେ ଅଛି କି ଆଜ୍ଞା! ତୁମେ କୁହ ଆଗେ! ‘ଓଲଟା ପ୍ରଶ୍ନର ଉତ୍ତର ମୋ ପାଖେ କି ମୋ ସାଥିରେ ଥିବା ବନ୍ଧୁଙ୍କ ପାଖରେ ନ ଥିଲା। ସେଠୁ ସାହି ସାହି ବୁଲିଲୁ। ବିସ୍ଥାପିତଙ୍କ ଅବସ୍ଥା ଓ ବ୍ୟବସ୍ଥାକୁ ଦେଖିଲୁ। ଆଲୋଚନା ହେଲା ବହୁତ। ହାତରେ ପଇସା ଅଛି। କିନ୍ତୁ କାହାରି ପାଖେ ସ୍ୱପ୍ନ ନାହିଁ। ମୁଠା ମୁଠା ପଇସା ଭିତରେ ବି ତୁଚ୍ଛା ଦୁଃଖର କୋହ। ସବୁଠି ସେଇ ସେଇ ବେଦନା। ସମସ୍ତଙ୍କର ମୁହଁରେ ସେଇ ଏକା କଥା- ‘ଭଲ ଲାଗିଲେ ରହିବୁ, ନ ଲାଗିଲେ ବି ରହିବୁ। ଆମର ଆଉ ଗତିବୃତ୍ତି କାହିଁ!’

ସମସ୍ତେ ଇଟା ସିମେଣ୍ଟର ଘର ଭିତରେ ଥାଇ ମୁକ୍ତ ଆକାଶ ତଳେ ଥିବା ଫକିର। ହାତକୁ କାମ ନାହିଁ। କମ୍ପାନୀ ଦେଉଥିବା ତିନି ହଜାରକୁ ନେଇ ଗତିଶୀଳ ଜୀବନ। ଯୁବତୀଯୁବକଙ୍କ ହାତରେ ମୋବାଇଲ। ସାମାଜିକ ଗଣମାଧ୍ୟମ ଭିତରେ ବିତୁଛି ଦିନରାତି। କମ୍ପାନୀ ପୁଳା ପୁଳା ଟଙ୍କା ଦେଇଛି, ହେଲେ ଜଣେ କାହାକୁ ରୋଜଗାର ଦେଇପାରିନି। ଆଖପାଖରେ ଜମି କିଣି ପୁଣି ଚାଷବାସ କରିବାକୁ କିଛି ବାସଚ୍ୟୁତଙ୍କ ଇଚ୍ଛା। ଅଥଚ କିଣିବାକୁ ଜମି ମିଳୁନି।ସେଇଠି ହିଁ ଭବିଷ୍ୟତ ଜୀବନର ବିପଦ ଜଳଜଳ ହୋଇ ସ୍ପଷ୍ଟ ଦିଶୁଛି। ଏସବୁ ଭିତରେ ଅଶୀ ବର୍ଷ ବୟସ୍କ ଶତ୍ରୁଘ୍ନ ଭଇଁସା କହିଲେ - ‘ଏଠି ପାନି ସରସର, ଖର୍ଚ୍ଚାପାନି ଝରଝର। ଉପର ସବେ ମଲମଲ, ମନର କଥା ମନ ଜାନୁଛେ, କାନ୍ଦି ଜାଉଁଛେ ପରାନ। ‘ବାସ୍ତବରେ ସମସ୍ତଙ୍କ ମୁହଁରେ ନେସି ହୋଇଛି କାନ୍ଧୁରା ହସ, ଯେଉଁଥିରେ ନାହିଁ ଖୁସିର ଉଶ୍ୱାସ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା, ମୋ: ୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ନାଗରିକଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ

ମହାଶୟ,

ହଜାର ହଜାର ଭାରତୀୟ ବିଭିନ୍ନ ଦେଶରେ ରହିଛନ୍ତି। ସେମାନଙ୍କ ଭିତରୁ କିଏ ପାଠ ପଢୁଥିବା ବେଳେ ଆଉ କିଏ ଚାକିରି କରୁଛନ୍ତି। ସମୁଦାୟ କେତେ ଭାରତୀୟ ବିଦେଶରେ ଅଛନ୍ତି ତାହାର ତାଲିକା ସରକାରଙ୍କ ନିକଟରେ ରହିଛି। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଦେଶରେ ଏମାନଙ୍କ ଉପରେ ବିପଦ ଦେଖାଦେଲେ ସରକାର ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ତେବେ ଅତୀତରେ ବିଦେଶରେ ପ୍ରବଳ ଯୁଦ୍ଧ ଘନଘଟା ମଧ୍ୟରେ ସେଠାରେ ରହିଥିବା ଭାରତୀୟମାନଙ୍କୁ ଭାରତ ସରକାର ବିମାନ ପଠାଇ ଆଣିବାରେ ବିପୁଳ ଅର୍ଥ ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଯୁଦ୍ଧ ଚାଲିଛି । ଏହି ଯୁଦ୍ଧରେ ବହୁ ନାଗରିକଙ୍କର ମୃତ୍ୟୁ ଘଟୁଛି। ଜଣେ ଭାରେତୀୟ ଡାକ୍ତରୀ ଛାତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେଠାରେ ଥିବା ଅସହାୟ ଅନେକ ହଜାର ଭାରତୀୟଙ୍କୁ ଭାରତ ସରକାର ଆଣିଛନ୍ତି। ଏଥିପାଇଁ ଫେରନ୍ତା ଭାରତୀୟମାନେ ସରକାରଙ୍କୁ ଧନ୍ୟବାଦ ଦେଉଛନ୍ତି। ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର କୂଟନୀତିକ ସ୍ତରରେ ବହୁ ପଦକ୍ଷେପ ମଧ୍ୟ ନେଇଛନ୍ତି। ଭବିଷ୍ୟତରେ ବିଦେଶରେ ଏପରି ବିବାଦ ନ ଲାଗୁ, ଭାରତ ସରକାର ଭାରତୀୟମାନଙ୍କୁ ଆଣିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ନ କରନ୍ତୁ।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃତକ୍ଷଣେ ବିଶ୍ୱର ଅସୀମ ଅବସାଦ।

-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ସିବିଆଇ, ଇଡି ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଭାଜପା ନେତୃତ୍ୱାଧୀନ ସରକାରଙ୍କ ସବୁଠୁ ବଡ଼ ସହଯୋଗୀ।

- ଶତ୍ରୁଘ୍ନ ସିହ୍ନା, ଆସାନସୋଲର ଟିଏମ୍‌ସି ପ୍ରାର୍ଥୀ

# କ୍ୱିଭ୍ ଉପାନ୍ତରୁ ରୁଷିଆ ବେଦଖଲ

## ମାରିଉପୋଲରେ ଘମାଘୋଟ ଲଢ଼େଇ

କ୍ୱିଭ୍, ୨୨।୩

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମଙ୍ଗଳବାର ୨୭ ଦିନରେ ପହଞ୍ଚିଥିବା ବେଳେ ଲଢ଼େଇ ଥମିବାର କୌଣସି ଉପାୟ ବାହାରିପାରିନାହିଁ। ଉଭୟ ପକ୍ଷଙ୍କ ପ୍ରତିନିଧି ପୂର୍ବରୁ ସ୍ଥଗିତ ଥିବା ଆଲୋଚନା ସୋମବାର ଆଗେଇ ନେଇଥିଲେ ହେଁ ଯୁଦ୍ଧବିରତି ଦିଗରେ ଏହା ସଫଳ ହୋଇପାରିନାହିଁ। ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ସମେତ ପୂର୍ବ ଭାଗରେ ଥିବା ବନ୍ଦର ସହର ମାରିଉପୋଲ, ଓଡେଶା ଆଦି ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଦଖଲ କରିବାକୁ ରୁଷିଆ ନିଜର ବଳ ପ୍ରୟୋଗ କରିଚାଲିଛି। ରୁଷୀୟ ସୈନ୍ୟଙ୍କୁ ରୋକିବା ପାଇଁ ୟୁକ୍ରେନ୍ ସୁରକ୍ଷାବଳ ରାସ୍ତାଘାଟରେ ସେମାନଙ୍କ ସହ ଲଢ଼େଇ ଜାରି ରଖିଛନ୍ତି। ଏହା ଭିତରେ କ୍ୱିଭ୍ ପାଇଁ ଗୁରୁତ୍ୱ ରଖୁଥିବା ଏକ ଉପାନ୍ତ ଅଞ୍ଚଳ ମକାରିଭ୍‌କୁ ରୁଷୀୟ ସୈନ୍ୟ କବ୍‌ଜା କରିଥିବାବେଳେ ତାହାକୁ ମୁକ୍ତ କରାଯାଇଥିବା ୟୁକ୍ରେନ୍ ମଙ୍ଗଳବାର ଦାବି କରିଛି। ସେପଟେ ମାରିଉପୋଲରେ ଅସ୍ତ୍ର ଛାଡ଼ିବାକୁ ୟୁକ୍ରେନ୍ ମନା କରିବା ପରେ ରୁଷିଆ ସେଠାରେ ଧ୍ୱଂସଲୀଳା ଚଳାଇଛି।

ମକାରିଭ୍‌ରୁ ମସ୍କୋ ସୈନ୍ୟଙ୍କୁ ହଟାଯିବା ପରେ ତାହାକୁ କ୍ୱିଭ୍ ସୁରକ୍ଷାବଳ ନିଜ ନିୟନ୍ତ୍ରଣରେ ରଖିଥିବା ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମକାରିଭ୍ ଦେଇ ଯାଇଥିବା ରାଜପଥରେ ୟୁକ୍ରେନ୍ ସୈନ୍ୟ ଜଗି ରହି କ୍ୱିଭ୍‌କୁ ଉତ୍ତର-ପଶ୍ଚିମ ପଟୁ ଘେରିବା ପାଇଁ ରୁଷିଆକୁ ରୋକିପାରିବେ। ତେବେ କ୍ୱିଭ୍‌ର ଉତ୍ତର-ପଶ୍ଚିମରେ ଥିବା ଉପାନ୍ତ ଅଞ୍ଚଳ ବୁଚା, ହୋଷ୍ଟୋମେଲ, ଇର୍‌ପିନ୍‌ର କେତେକ ଅଂଶକୁ ରୁଷିଆ ମାଡ଼ି ବସିଥିବା ଜଣାପଡ଼ିଛି। ସେଠାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଫୋର୍ସ ଏୟାର ପାୱାର ଏବଂ ଆର୍ଟିଲାରୀ ବ୍ୟବହାର କରି ୟୁକ୍ରେନ୍ ସହରଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଆମେରିକାର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀଙ୍କ କହିବା ଅନୁସାରେ, ଗତ ୨ ଦିନରେ ରୁଷିଆ ୟୁକ୍ରେନ୍‌ରେ ଏୟାର ଷ୍ଟ୍ରାଇକ୍ ବଢ଼ାଇଛି। କେବଳ ୨୪ ଘଣ୍ଟାରେ ପ୍ରାୟ ୩୦୦ ଥର ଏୟାର ଷ୍ଟ୍ରାଇକ୍ କରିଛି। ଆକ୍ରମଣ ଦିନଠାରୁ ମସ୍କୋ ୧,୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଛାଡ଼ି ସାରିଲାଣି। ଆଗକୁ ଆହୁରି ଖରାପ ସ୍ଥିତି ଉପୁଜିବ ବୋଲି ଆମେରିକା ରାଷ୍ଟ୍ରପତି ଜେ ବାଇଡେନ୍ କହିଛନ୍ତି।



ଇଭାନୋ ଫ୍ରାଙ୍କିଭିସ୍କଠାରେ ଥିବା ଏକ ଶୁଟିଂ ସେଣ୍ଟରରେ ୟୁକ୍ରେନ୍ ମହିଳାମାନେ ବନ୍ଧୁକ ଚାଳନା ତାଲିମ ନେଉଛନ୍ତି।

# ରୁଷିଆକୁ ନାଟୋ ଡରୁଛି

## ସ୍ୱୀକାର କରିବାକୁ କହିଲେ ଜେଲେନ୍‌ସ୍କି

ୱାଶିଂଟନ୍, ୨୨।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ଆମେରିକା ନେତୃତ୍ୱାଧୀନ ନାଟୋ ସାମରିକ ମେଣ୍ଟକୁ ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବାରମ୍ବାର ସହାୟତା ମାଗି ଚାଲିଛନ୍ତି। ରୁଷିଆର ଆକ୍ରମଣକୁ ବନ୍ଦ କରିବା ନିମନ୍ତେ ୟୁକ୍ରେନ୍ ଆକାଶକୁ ନୋ-ଫ୍ଲାଏ ଜୋନ୍ କରିବାକୁ ମଧ୍ୟ ଦାବି କରିଛନ୍ତି। ହେଲେ ନାଟୋର ପ୍ରତିକ୍ରିୟା ଓ ପଦକ୍ଷେପକୁ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ନିରାଶା ଓ କ୍ରୋଧ ପ୍ରକାଶ କରିଛନ୍ତି। ନାଟୋ ରୁଷିଆକୁ ଭୟ କରୁଥିବା ଖୋଲାଖୋଲି କହୁ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏକ ଇଣ୍ଟରଭ୍ୟୁରେ ସେ କହିଛନ୍ତି, ୟୁକ୍ରେନ୍‌କୁ ନାଟୋ ଗ୍ରହଣ କରୁଛି



ବୋଲି ଏବେ ଘୋଷଣା କରୁ କିମ୍ବା ନାଟୋ ରୁଷିଆକୁ ଡରୁଥିବା ସ୍ପଷ୍ଟ କରୁ। ନାଟୋ ଦେଶଗୁଡ଼ିକ ଆମକୁ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରିବେ ବୋଲି ଜାଣିଲେ ହିଁ ଆମେ ଶାନ୍ତ ଓ ସ୍ଥିର ରହିପାରିବୁ। ଏଠାରେ ହିଁ ବୁଝାମଣା ହୋଇପାରିବ ଏବଂ ଯୁଦ୍ଧ ଶେଷ ହେବ ବୋଲି ଜେଲେନ୍‌ସ୍କି କହିଛନ୍ତି।

# ଭାରତ-ଆମେରିକା ଆଲୋଚନା

ନୂଆଦିଲ୍ଲୀ, ୨୨।୩

ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ଆଲୋଚନା ହୋଇଛି। ଆମେରିକା ରାଜନୈତିକ ବ୍ୟାପାର ବିଭାଗ ଅନୁସଚିବ ଭିକ୍ଟୋରିଆ ନୁଲାଣ୍ଡ ସୋମବାର ନୂଆଦିଲ୍ଲୀରେ ଭାରତର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କୁ ଭେଟି ଏ ବାବଦରେ କଥା ହୋଇଛନ୍ତି। ଏହାସହ ଦକ୍ଷିଣ ଏସିଆ, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଉପରେ ମଧ୍ୟ ଉଭୟେ ଆଲୋଚନା କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ଫେବୃୟାରୀ



୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଆମେରିକା ଓ ଭାରତ ମଧ୍ୟରେ ଏହା ପ୍ରଥମ ଉଚ୍ଚସ୍ତରୀୟ ବୈଠକ।

## ସଂକ୍ଷେପରେ

### ଘୃଣା ବିସ୍ତାର ପାଇଁ 'କଶ୍ମୀର ଫାଇଲ୍ସ' ଟିକସମୁକ୍ତ



**ନୂଆଦିଲ୍ଲୀ, ୨୨।୩:** କଶ୍ମୀର ପଣ୍ଡିତଙ୍କ ଗଣହତ୍ୟା ଏବଂ ସେମାନଙ୍କ ପଳାୟନ ଉପରେ ନିର୍ମିତ ଫିଲ୍ମ 'ଦ କଶ୍ମୀର ଫାଇଲ୍ସ' ଉପରେ ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ପ୍ରତିକ୍ରିୟା ରଖିଛନ୍ତି। ଏହି ଚଳଚ୍ଚିତ୍ରକୁ ଟିକସ ମୁକ୍ତ ଘୋଷଣା କରି ଭାଜପା ସରକାର ଲୋକଙ୍କ ହୃଦୟରେ ଘୃଣା ବଢ଼ାଇବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ଫାରୁକ୍ କହିଛନ୍ତି, କଶ୍ମୀର ଫାଇଲ୍ସକୁ ପ୍ରତ୍ୟେକ ପୋଲିସ, ଯବାନଙ୍କ ସମେତ ଦେଶବାସୀ ଦେଖିବା ଉଚିତ ବୋଲି ଭାଜପା କହୁଛି। ଏହା ଦ୍ୱାରା ସେମାନେ ଆମକୁ ଅଧିକ ଘୃଣା କରିପାରିବେ, ଯେପରି ସ୍ଥିତି ଜର୍ମାନୀରେ ଆଡଲଫ୍ ହିଟ୍‌ଲର ସୃଷ୍ଟି କରିଥିଲେ। ସେତେବେଳେ ୬୦ ଲକ୍ଷ ଇହୁଦୀଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିଥିଲା। ହେଲେ ଭାରତରେ କେତେ ନାଗରିକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ତାହା ଜଣାନାହିଁ ବୋଲି କହିଛନ୍ତି। ସେହିପରି ୧୯୯୦ରେ କଶ୍ମୀର ପଣ୍ଡିତଙ୍କ ସହ ହୋଇଥିବା ଅମାନବୀୟ ବ୍ୟବହାର ପାଇଁ ସେ ଦାୟୀ ନୁହନ୍ତି ବୋଲି ମଧ୍ୟ କହିଛନ୍ତି। ଯଦି ସେ ଦୋଷୀ ବୋଲି ପ୍ରମାଣିତ ହୁଏ, ତେବେ ଦେଶର ଯେ କୌଣସି ସ୍ଥାନରେ ସେ ଫାଶୀ ସ୍ୱୀକାର କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

### ଲାଲୁ ଗୁରୁତର, ଏମ୍ସରେ ଭର୍ତ୍ତି

**ନୂଆଦିଲ୍ଲୀ, ୨୨।୩:** ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କୁ ମଙ୍ଗଳବାର ରାଞ୍ଚିର ରାଜେନ୍ଦ୍ର ମେଡିକାଲରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ହୃତ୍‌ପିଣ୍ଡ ଏବଂ ବୃକକ୍‌ରେ ସମସ୍ୟା ରହିଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ପଠାଯାଇଥିବା ରାଜେନ୍ଦ୍ର ହସ୍ପିଟାଲର ନିର୍ଦ୍ଦେଶକ କାମେଶ୍ୱର ପ୍ରସାଦ କହିଛନ୍ତି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁଙ୍କୁ ଝାଡ଼ଖଣ୍ଡର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗତ ଫେବୃୟାରୀରେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଜାମିନ ପାଇଁ ଲାଲୁ ଝାଡଖଣ୍ଡ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ୧୧ ତାରିଖରେ କୋର୍ଟ ଏହି ଆବେଦନର ଶୁଣାଣିକୁ ଏପ୍ରିଲ ୧ ପର୍ଯ୍ୟନ୍ତ ଘୁଞ୍ଚାଇଥିଲେ।

### ୨ ଶିକ୍ଷୟିତ୍ରୀଙ୍କୁ ହତ୍ୟା, ଛାତ୍ର ଗିରଫ

**ଷ୍ଟକ୍‌ହୋମ୍, ୨୨।୩:** ସୁଇଡେନ୍‌ର ମାଲ୍‌ମୋ ସହରରେ ଜଣେ ୧୮ ବର୍ଷୀୟ ହାଇସ୍କୁଲ ଛାତ୍ର ୨ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରିଛନ୍ତି। ଘଟଣା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାଁରେ କୌଣସି ଆପରାଧିକ ରେକର୍ଡ ନ ଥିବାବେଳେ ସେ କାହିଁକି ଓ କିପରି ଉଭୟଙ୍କୁ ହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ସ୍କୁଲର ତୃତୀୟ ମହଲାରେ ଛାତ୍ର ଜଣକ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ସେଠାରେ ମୃତଦେହ ଉଦ୍ଧାର ସହ ଅଭିଯୁକ୍ତଙ୍କଠାରୁ କିଛି ମାରଣାସ୍ତ୍ର ଜବତ କରିଛି।

### ପାକିସ୍ତାନରେ ହିନ୍ଦୁ ଯୁବତୀଙ୍କୁ ହତ୍ୟା



**ଇସଲାମାବାଦ୍, ୨୨।୩:** ପାକିସ୍ତାନ ସୁକୁର ରୋହିରରେ ଜଣେ ହିନ୍ଦୁ ଯୁବତୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ଯୁବତୀଙ୍କ ନାମ ପୂଜା ଓଏଡ୍ ଓ ଘର ସିନ୍ଧରେ। ୧୮ ବର୍ଷୀୟା ପୂଜାଙ୍କୁ ଦୁର୍ବୃତ୍ତମାନେ ଅପହରଣ ଉଦ୍ୟମବେଳେ ସେ ପ୍ରତିବାଦ କରିବାରୁ ହତ୍ୟାର ଶିକାର ହୋଇଥିଲେ। ଶତାଧିକ ହିନ୍ଦୁ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଥିବା ମାନବାଧିକାର କର୍ମୀମାନେ ଅଭିଯୋଗ ଆଣିଛନ୍ତି । ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଉଥିବାବେଳେ ଅଧିକ ମାତ୍ରାରେ ମହିଳା ଏହାର ଶିକାର ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପାକିସ୍ତାନ ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା କାରଣରୁ ସଂଖ୍ୟାଲଘୁଙ୍କ ଉପରେ ମୁସଲମାନଙ୍କ ଅତ୍ୟାଚାର ବଢ଼ିଚାଲିଛି। ପାକିସ୍ତାନରେ ମୋଟ ୧.୬୦ ପ୍ରତିଶତ ହିନ୍ଦୁ ବାସ କରୁଥିବାବେଳେ ସିନ୍ଧରେ ୬.୫୧% ବସବାସ କରନ୍ତି।

# ରୁଷିଆ ପ୍ରତି ଭାରତର ଆଭିମୁଖ୍ୟ ଅସ୍ଥିର

ୱାଶିଂଟନ୍, ୨୨।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ କିଛିମାତ୍ରାରେ ଅସ୍ଥିର ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ରୁଷିଆ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରେ କ୍ୱାଡ୍ ଦେଶଗୁଡ଼ିକ ମଧ୍ୟରେ ଭାରତ ଏକମାତ୍ର ଦେଶ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ପାଶ୍ଚାତ୍ୟ ଏବଂ ରୁଷିଆ ସହ ନୂଆଦିଲ୍ଲୀ ସନ୍ତୁଳିତ ସମ୍ପର୍କ ରଖିବା ନିମନ୍ତେ ଭାରତ ଆବଶ୍ୟକ କୂଟନୀତି ଆପଣାଇଛି। ୟୁକ୍ରେନ୍‌ରେ ହିଂସା ବନ୍ଦ ପାଇଁ ଭାରତ ନିବେଦନ କରିଥିଲେ ମଧ୍ୟ ରୁଷିଆର ଆକ୍ରମଣକୁ ଏ ପର୍ଯ୍ୟନ୍ତ ନିନ୍ଦା କରିନାହିଁ କିମ୍ବା କୌଣସି କଟକଣା ଲଗାଇନି। ଏକ ବିଜ୍‌ନେସ୍ ଫୋରମକୁ ପ୍ରତିକ୍ରିୟା ଦେଇ



ଜୋ ବାଇଡେନ୍

ବାଇଡେନ୍ କହିଛନ୍ତି, ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ ବା ନାଟୋ ମେଣ୍ଟକୁ ଭାଙ୍ଗିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉଦ୍ୟମ କରିଥିଲେ ହେଁ ଏଥିରେ ସେ ସଫଳ ହୋଇପାରିନାହାନ୍ତି। ବରଂ ଏହି ସମୟରେ ନାଟୋ ଅଧିକ ଏକଜୁଟ୍ ଏବଂ ମଜଭୁତ ହୋଇଛି। ନାଟୋ ସମେତ ପ୍ରଶାନ୍ତ ମହାସାଗରୀୟ ମେଣ୍ଟର ଏକଜୁଟତା ପ୍ରଦର୍ଶନ କରିଛନ୍ତି। କ୍ୱାଡ୍ ସଦସ୍ୟଙ୍କ ମଧ୍ୟରୁ କେବଳ ଭାରତର ଆଭିମୁଖ୍ୟ ଅସ୍ଥିର ରହିଛି। ହେଲେ ଜାପାନ ଏବଂ ଅଷ୍ଟ୍ରେଲିଆ ପୁଟିନ୍‌ଙ୍କ ବିରୋଧରେ ନିଜର ସ୍ପଷ୍ଟ ଏବଂ ଦୃଢ଼ ମତ ରଖିଥିବା ବାଇଡେନ୍ ପ୍ରକାଶ କରିଛନ୍ତି।

# ୟୁକ୍ରେନ୍ ଛାଡ଼ିଲେଣି ୩୫ ଲକ୍ଷ

**ଜେନେଭା, ୨୨।୩:** ରୁଷିଆ ଆକ୍ରମଣ ପରଠାରୁ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ୟୁକ୍ରେନ ଛାଡ଼ି ଶରଣାର୍ଥୀ ପାଲଟିଥିବା ଜାତିସଂଘ କହିଛି। ଏଥିଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ସବୁଠାରୁ ବଡ଼ ଶରଣାର୍ଥୀ ସଙ୍କଟ ଉପୁଜିଛି। ୟୁଏନ୍‌ଏଚ୍‌ସିଆର୍ ମଙ୍ଗଳବାର ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ, ୩୫ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ୟୁକ୍ରେନୀୟ ଅନ୍ୟ ଦେଶକୁ ପଳାୟନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ପୋଲାଣ୍ଡରେ ଆଶ୍ରୟ ନେଇଛନ୍ତି। ରୋମାନିଆରେ ୫ ଲକ୍ଷ ୪୦ ହଜାର ଏବଂ ମାଲ୍‌ଡୋଭାରେ ୩ ଲକ୍ଷ ୬୭ ହଜାରରୁ ଅଧିକ ୟୁକ୍ରେନୀୟ ଶରଣ ନେଇଛନ୍ତି। ମାର୍ଚ୍ଚ ଆରମ୍ଭରୁ ଦିନକୁ ଲକ୍ଷାଧିକ ୟୁକ୍ରେନ୍ ନାଗରିକ ଦେଶ ଛାଡୁଛନ୍ତି। ୬୫ ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ କହିଛି।

# ସୌରଜଗତ ବାହାରେ ୫ ହଜାର ବିଶ୍ୱ

## ନୂଆ ୬୫ ବାହ୍ୟଗ୍ରହ ଠାବ କଲା ନାସା

**ୱାଶିଂଟନ୍, ୨୨।୩:** ସୌରମଣ୍ଡଳ ବାହାରେ ଆଉ ୬୫ ଗ୍ରହ ଠାବ କରିଛି ଆମେରିକା ମହାକାଶ ସଂସ୍ଥା ନାସା। ଏହାକୁ ମିଶାଇ ଆମ ସୌରଜଗତ ବାହାରେ ଏଭଳି ୫,୦୦୦ରୁ ଉର୍ଦ୍ଧ୍ୱ ବିଶ୍ୱ ରହିଥିବା ନାସା ସ୍ପଷ୍ଟ କରିଛି। ସେଗୁଡ଼ିକ ମଧ୍ୟରୁ କେତେକର ପ୍ରକୃତି ପୃଥିବୀ ଭଳି ମଧ୍ୟ ରହିଛି। ମହାକାଶ ଅନୁସନ୍ଧାନରେ ପାଦେ ଆଗେଇ ନାସା ବାହ୍ୟଗ୍ରହ ଖୋଜିବା ସହ ସେଗୁଡ଼ିକ ବିଷୟରେ ଗବେଷଣା ଜାରି ରଖିଛି। ନୂଆ କରି ଠାବ ହୋଇଥିବା ୬୫ ବାହ୍ୟଗ୍ରହ ମଧ୍ୟରୁ କେତେକରେ ଜଳ, ଅଣୁଜୀବ, ଗ୍ୟାସ୍ ସହ ଜୀବନ ମଧ୍ୟ ଥାଇପାରେ। ଏ ଦିଗରେ ଅଧିକ ଗବେଷଣା ଜାରି ଥିବା ବୋଲି ନାସା ପକ୍ଷରୁ କୁହାଯାଇଛି। ଟ୍ରାଞ୍ଜିଟିଙ୍ଗ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍ ମାଧ୍ୟମରେ ନାସା ବାହ୍ୟଗ୍ରହର ଅନୁସନ୍ଧାନ କରିଛି।



୧୯୯୦ ଦଶକରେ ବୈଜ୍ଞାନିକମାନେ ପ୍ରଥମ ବାହ୍ୟଗ୍ରହ ଠାବ କରିଥିଲେ। ୨୦୧୯ ସୁଦ୍ଧା ନାସା ୪ ହଜାର ନୂତନ ଏକ୍ସୋପ୍ଲାନେଟ୍‌ର ସନ୍ଧାନ ପାଇଥିଲା। ୨୦୨୨ରେ ତାହା ୫ ହଜାରରେ ପହଞ୍ଚିଛି। ସେଗୁଡ଼ିକ ମଧ୍ୟରେ କେତେକର ଆକାର ପୃଥିବୀଠାରୁ ଛୋଟ ଥିବାବେଳେ ଅନେକର ବଡ଼ ଆକାରର ମଧ୍ୟ ବାହ୍ୟଗ୍ରହ ଠାବ ହୋଇଛି। ନୂତନ ବିଶ୍ୱ ବିଷୟରେ ଆହୁରି ଜାଣିବା ନିମନ୍ତେ ଗବେଷଣା ଜାରି ଥିବା ନାସା ଏକ୍ସୋପ୍ଲାନେଟ୍ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଜେସି ଖ୍ରୀଷ୍ଟିଆନ୍‌ସେନ୍ କହିଛନ୍ତି।

# ନଭାଲନିଙ୍କୁ ୯ ବର୍ଷ ଜେଲ

ମସ୍କୋ, ୨୨।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ବିରୋଧୀ ନେତା ଆଲେକ୍ସି ନଭାଲନି ଏକ ଠକେଇ ଏବଂ ଅଦାଲତ ଅବମାନନା ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୯ ବର୍ଷ ଜେଲ ଦଣ୍ଡ ସହ ୧.୨ ନିୟୁତ ରୁବଲ (ପ୍ରାୟ ୧୧,୫୦୦ ଡଲାର) ଜରିମାନା ଆଦେଶ ଦିଆଯାଇଛି। ବର୍ତ୍ତମାନ ନଭାଲନି ମସ୍କୋର ଏକ ଜେଲ୍‌ରେ ଅନ୍ୟ ଏକ ଅଢ଼େଇ ବର୍ଷିଆ ଦଣ୍ଡାଦେଶ ଭୋଗୁଛନ୍ତି। ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକୁ ନଭାଲନି ଖଣ୍ଡନ କରିଛନ୍ତି। ନଭାଲନିଙ୍କୁ ଯଥାସମ୍ଭବ ସର୍ବାଧିକ ସମୟ ଜେଲରେ ରଖିବା ପାଇଁ ପୁଟିନ୍ ଚକ୍ରାନ୍ତ କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି।



# ସଂସଦରେ ଇନ୍ଧନ ତାତି

## ତେଲ, ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କର: ବିରୋଧୀ

ନୂଆଦିଲ୍ଲୀ, ୨୨।୩

ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର ବୃଦ୍ଧିର ତାତି ମଙ୍ଗଳବାର ପାର୍ଲାମେଣ୍ଟର ଉଭୟ ଗୃହରେ ଅନୁଭୂତ ହୋଇଛି। ଏହି ପ୍ରସଙ୍ଗରେ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ହୋହଲ୍ଲା କରିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଛି।

ସାଢ଼େ ୪ ମାସ ପରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୮୦ ପଇସା ଏବଂ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ତେଣୁ ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଶୂନ୍ୟକାଳରେ କଂଗ୍ରେସର ଶକ୍ତି ସିଂ ଗୋହିଲ, ଟିଏମ୍‌ସିର ଦୋଳ ସେନ, ସିପିଆଇଏମ୍‌ର ଭି. ଶିବଦାସନ ଏଲାମରାମ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ରୁଲ୍ ୨୬୭ ଅନୁସାରେ ଇନ୍ଧନ ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ଅଧକ୍ଷ ଏମ୍. ଭେଙ୍କାୟା ନାଇଡୁ ଏନେଇ ଅନୁମତି ନ ଦେବାରୁ ସେମାନେ ଗୃହ ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଫଳରେ ଅଧକ୍ଷ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ଯାଏ ବନ୍ଦ ଗୃହକାର୍ଯ୍ୟ କରିବାକୁ ବାଧ ହୋଇଥିଲେ। ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ବେଳକୁ ଟିଏମ୍‌ସି, କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଶିବସେନା ସଦସ୍ୟମାନେ ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ଶାନ୍ତ ହୋଇ ନିଜ ଆସନରେ ବସିବାକୁ ଅଧକ୍ଷ କହିଥିଲେ ହେଁ ସେମାନେ ଶୁଣି ନ ଥିଲେ। ଫଳରେ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବାବେଳେ ବାଚସ୍ପତି ଓମ୍ ବିର୍ଲା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ନିର୍ବାଚନ ଶେଷ ହେବା ପରେ ସରକାର ତେଲ ଓ ଗ୍ୟାସ ଦର ବଢ଼ାଇଦେଇଥିବା ନିମ୍ନ ସଦନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସମାଲୋଚନା କରିଥିଲେ। କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ଟିଏମ୍‌ସି ଏବଂ ବାମଦଳ ସଦସ୍ୟମାନେ ଦର ବୃଦ୍ଧି ପ୍ରତ୍ୟାହାର ଦାବି କରି ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଅନୁରୋଧ ନ ଶୁଣିବାରୁ ବିରୋଧୀ କକ୍ଷତ୍ୟାଗ କରିଥିଲେ।



ଅଧୀର ରଞ୍ଜନ ଚୌଧୁରୀ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

CIVIL ENGINEER REQUIRED
Requirement of CIVIL ENGINEER having experience minimum 3 years in all type of civil structure work.
Contact:
SLK CONSTRUCTION
7381750240 & 9437257161

କର୍ମଚାରୀ ଆବଶ୍ୟକ
ପୁରୀ ସହରସ୍ଥିତ ଏକ ପ୍ରତିଷ୍ଠିତ ଗେଷ୍ଟହାଉସ ଏବଂ ଘର ପାଇଁ କର୍ମଚାରୀ ଆବଶ୍ୟକ । କେୟାରଟେକର ଓ ରୋଷେୟାଙ୍କ ନିମନ୍ତେ ରହିବା ଓ ଖାଇବାର ବ୍ୟବସ୍ଥା ଅଛି । କାର୍ଯ୍ୟ ଅନୁଯାୟୀ ଦରମା । ପୁରୀ ଜିଲ୍ଲା ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ ।
ତୁରନ୍ତ ଯୋଗାଯୋଗ କରନ୍ତୁ
ମୋବାଇଲ-୭୯୭୮୧୪୨୬୪୨
ସୁପରଭାଇଜର-୧, କେୟାରଟେକର-୧, ରୋଷେୟା-୧

କୋଏମ୍ବାଟୁର, ତାମିଲନାଡୁ ସ୍ଥିତ ଏକ ଖ୍ୟାତନାମା ଇଞ୍ଜିନିୟରିଂ କମ୍ପାନୀ
ତୁରନ୍ତ ୧୦୦ ଜଣ କର୍ମଚାରୀ
ଆବଶ୍ୟକ କରୁଛି ।
ଅଭିଜ୍ଞତା ଭିତ୍ତିରେ ଦରମା ଦିଆଯିବ ।
ବ୍ରୋକର ସ୍ୱାଗତ ।
ଯୋଗାଯୋଗ ଠିକଣା:
ଆମ୍‌ଟେକ୍ସ ଇଞ୍ଜିନିୟରିଂ,
664/3, କୁଲାଥୁର, ନୀଲାମ୍ବୁର,
କୋଏମ୍ବାଟୁର, ତାମିଲନାଡୁ - 641062
ଫୋନ୍: 97885 79968, 99948 33885

URGENT REQUIRED
A reputed CNF company required for its Bhubaneswar Branch
1) **Warehouse Manager/Assistant Warehouse Manager:** Experience in warehouse activities and transportation of goods. SAP knowledge will be added advantage. 2) **Computer Operator:** Knowledge in SAP & EXCEL is must, Good English Communication will be added advantage. 3. **Transportation Manager:** Experience in arrangement of vehicle for loading/Negotiation of rate. Follow up for timely POD received from Transporter. 4. **Godown In Charge:** Experience in maintaining of stock, Loading & Unloading of goods & handling labours. 5. **Godown Supervisor:** Experience in maintaining of stock and Loading & Unloading of goods. 6. **Vehicle Maintenance:** Experience in maintenance of heavy vehicles. 7. **Accountant/ Accounts Assistant:** Marinating day to day accounts, TDS, GST and Balance Sheet Finalisation.
Walk In Interview : 25.03.22 (From 11.00 A.M. to 5 P.M.)
Venue: Treebo Trend Hotel Oasis, Laxmi Sagar, Cuttack-Puri Road, Bhubaneswar-751006
Contact: 8017139980

ମନେ ପଡ଼ନ୍ତି

IN LOVING MEMORY OF



Late. R. Jagan Mohan Patnaik
Bomikhal, Bhubaneswar-751010
15.09.1937- 13.03.2012
"The Soul is never born nor dies at any time, the Soul has not come into being, does not come into being and will not come into being.
The Soul is un born eternal, ever- existing and primeval."
- The Bhagvad Gita
Fondly Remembered By:
Patnaik Family
ଧ-୨୩୪୩୫

ଚତୁର୍ଥ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ



୰ପ୍ରତିଭା ପାଣିଗ୍ରାହୀ
ଆବିର୍ଭାବ: ୦୫।୦୪।୧୯୫୦
ତିରୋଧାନ: ୦୭।୦୩।୨୦୧୮
ତୁମେ ଛାଡ଼ି ଯାଇଥିବା ତୁମର ପରିବାର- ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠପୁତ୍ରବଧୂ: ଶୁଭଯାନୀ, କନିଷ୍ଠପୁତ୍ର: ରୋଶନ, କନିଷ୍ଠପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା, ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୬୮୯୯

# ଭାରତର ବୃହତ୍ ବିଜୟ



ବୋଲିଂ ଅବସରରେ ସ୍ନେହ ରାଣା।

**ହାମିଲ୍ଟନ, ୨୨।୩ (ପି.ଟି.)**

ୟାସ୍ତିକା ଭାଟିଆଙ୍କ ଚମତ୍କାର ଅର୍ଦ୍ଧଶତକ ଏବଂ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହାୟତାରେ ଭାରତ ୧୧୦ ରନରେ ବାଂଲାଦେଶକୁ ପରାସ୍ତ କରି ଆଇସିସି ମହିଳା ବିଶ୍ୱକପ୍‌ରେ ସେମିଫାଇନାଲ ଆଶାକୁ ଉଜ୍ଜୀବିତ ରଖିଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତିବା ପରେ ଭାରତ ପ୍ରଥମେ ବ୍ୟାଟିଂ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଭାରତୀୟ ଇନିଂସର ମଧ୍ୟଭାଗରେ ବିପର୍ଯ୍ୟୟ ଦେଖା ଦେଇଥିଲା। ତେବେ ଭାଟିଆଙ୍କୁ ୮୦ ବଲ୍‌ରୁ ୫୦ରନ ଏବଂ ଲୋୟର ଅର୍ଡରରେ ରାଣା (୨୭) ଓ ପୂଜା ବସ୍ତ୍ରାକାର (୩୦)ଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ଯୋଗୁ ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୨୯ରନ କରିପାରିଥିଲା। ପରେ ରାଣା (୪/୩୦)ଙ୍କ ନେତୃତ୍ୱରେ ସ୍ପିନରମାନେ ଚମତ୍କାର ବୋଲିଂ କରିବାରୁ ବାଂଲାଦେଶ ୪୦.୩ ଓଭରରେ ୧୧୯ ରନରେ ଅଲଆଉଟ ହୋଇଯାଇଥିଲା। ଲତା ମଣ୍ଡଳ (୨୪) ଓ ସଲ୍‌ମା ଖାତୁନ (୩୨) ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଉଭୟଙ୍କ ମଧ୍ୟରେ ୪୦ ରନର ଭାଗୀଦାରି ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତର ଏହା ହେଉଛି ତୃତୀୟ ବିଜୟ। ବୃହତ୍ ବିଜୟ ଯୋଗୁ ଭାରତର ରନ ରେଟ୍ (୦.୭୬୮) ପୁଣି ବୃଦ୍ଧି ପାଇଛି। ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏହି ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ଯଦି ଗୁରୁବାର ୱେଷ୍ଟଇଣ୍ଡିଜକୁ ପରାସ୍ତ କରେ ତେବେ ଭାରତର ସେମିଫାଇନାଲ ସମ୍ଭାବନା ଅଧିକ। ନମ୍ବର ୩ ସ୍ଥାନରେ ପଛକୁ ପଛ ଅର୍ଦ୍ଧଶତକ ହାସଲ କରିଥିବା


**ଆଇସିସି ମହିଳା କ୍ରିକେଟ ବିଶ୍ୱକପ**

ଭାଟିଆ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଦଳ ପାଇଁ ଆଉକିଛି ରନ କରିଥିଲେ ଭଲ ହୋଇଥାନ୍ତା। ମାତ୍ର ଫଳାଫଳ ନେଇ ସେ ଖୁବ୍ ଆନନ୍ଦିତ ବୋଲି କହିଛନ୍ତି। ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୨୨୯/୭ (ୟାସ୍ତିକା ଭାଟିଆ-୫୦, ଶେଫାଳୀ ବର୍ମା-୪୨, ପୂଜା ବସ୍ତ୍ରାକାର-୩୦*, ସ୍ମୃତି ମନ୍ଧାନା-୩୦, ସ୍ନେହ ରାଣା-୨୭, ରିଚା ଘୋଷ-୨୬; ରୀତୁ ମୋନି-୩/୩୭, ନାହିଦା ଅକ୍ତର-୨/୪୨)। ବାଂଲାଦେଶ: ୪୦.୩ ଓଭରରେ ୧୧୯/ଅଲଆଉଟ (ସଲ୍‌ମା ଖାତୁନ-୩୨, ଲତା ମଣ୍ଡଳ-୨୪, ସ୍ନେହ ରାଣା-୪/୩୦, ପୂଜା ବସ୍ତ୍ରାକାର-୨/୨୬, ଝୁଲଣ ଗୋସ୍ୱାମୀ-୨/୧୯)।


## ଆଇପିଏଲ୍ ପାଇଁ ଟସ୍କିନଙ୍କୁ ଏନ୍‌ଓସି ମିଳିଲାନି



**ନୂଆଦିଲ୍ଲୀ, ୨୨।୩ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଦେଶର ପେସ୍ ବୋଲର ଟସ୍କିନ ଅହମଦଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେବାକୁ ମନା କରିଦେଇଛି। ଇଂଲଣ୍ଡ ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ କହୁଣିରେ ଆଘାତ ଲାଗିଥିବାରୁ ଆଇପିଏଲ ଦଳ ଲକ୍ଷ୍ମୌ ସୁପର ଜିଆଣ୍ଟ୍ସ ତାଙ୍କ ସ୍ଥାନରେ ୨୬ ବର୍ଷୀୟ ଟସ୍କିନଙ୍କୁ ନେବା ଲାଗି ଇଚ୍ଛା ପ୍ରକାଶ କରିଥିଲା। ଆଇପିଏଲ୍‌ରେ ପ୍ରଥମ ଥର ଭାଗ ନେଉଥିବା ଲକ୍ଷ୍ମୌ ସୁପର ଜିଆଣ୍ଟ୍ସ ଗତ ମାସରେ ଆଇପିଏଲ ନିଲାମି ବେଳେ ୭.୫ କୋଟି ଟଙ୍କା ବିନିମୟରେ ଉଡ୍‌ଙ୍କୁ କ୍ରୟ କରିଥିଲା। ଆଇପିଏଲ ବେଳେ ବାଂଲାଦେଶର ଦକ୍ଷିଣ ଆଫ୍ରିକା ଟୁର୍ ଶେଷ ହୋଇ ନ ଥିବ। ଏହି କାରଣରୁ ବିସିବି ଟସ୍କିନଙ୍କୁ ଏନ୍‌ଓସି ଦେବାକୁ ମନା କରିଦେଇଛି। ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ବାଂଲାଦେଶ ବର୍ତ୍ତମାନ ଦିନିକିଆ ସିରିଜ ଖେଳୁଛି। ଏହାପରେ ଦଳ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ଏପ୍ରିଲ ୧୧ରେ ଶେଷ ହେବାକୁଥିବା ବେଳେ ଆଇପିଏଲ୍ ମାର୍ଚ୍ଚ ୨୬ରୁ ଆରମ୍ଭ ହେବ।

## ଜୟନ୍ତୀଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତାରକା ପାରା ଆଥଲେଟ୍ ଜୟନ୍ତୀ ବେହେରା ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସର ଦୁବାଇଠାରେ ଅନୁଷ୍ଠିତ ୧୩ତମ ଫାଜା ଅନ୍ତର୍ଜାତୀୟ ଗ୍ରାଁ ପ୍ରିରେ ସେ ଆକର୍ଷଣୀୟ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଅଂଶଗ୍ରହଣ କରିଥିବା ଜୟନ୍ତି ମହିଳା ଟି୪୭ ବର୍ଗ ୪୦୦ ମିଟର ରେସ୍‌ରେ ୧:୦୦.୯୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



ପଦକ ସହ ଜୟନ୍ତୀ ବେହେରା।

## ଟପ୍ ଟେନ୍‌ରେ ଲକ୍ଷ୍ୟ ସେନ୍

**ନୂଆଦିଲ୍ଲୀ, ୨୨।୩ (ପି.ଟି.)**

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ତରଫରୁ ମଙ୍ଗଳବାର ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏଥିରେ ଟପ୍ ଟେନ୍ ଅବା ଶ୍ରେଷ୍ଠ ବିଶ୍ୱର ନମ୍ବର ୱାନ ତଥା ଅଲିମ୍ପିକ ଚାମ୍ପିୟନ ଡେନ୍‌ମାର୍କର ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୱାନ ଜୁନିୟର ଖେଳାଳି ବର୍ତ୍ତମାନ ପୁରୁଷ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ତାଲିକାରେ

**ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ**



୧୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଉତ୍ତରାଖଣ୍ଡର ଏହି ୨୦ ବର୍ଷୀୟା ଖେଳାଳି ୫ମ ଭାରତୀୟ ଭାବେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସଫଳତା ପାଇଁ ର୍‍ୟାଙ୍କିଙ୍ଗ ତାଲିକାରେ ତାଙ୍କର ଦୁଇଟି ସ୍ଥାନ ପଦୋନ୍ନତି ଘଟିଛି। ବର୍ତ୍ତମାନ ସେ ବିଶ୍ୱ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଙ୍କୁ ଅତିକ୍ରମ କରି ୭୪,୭୮୬ ପଏଣ୍ଟ ସହ ୯ମ ସ୍ଥାନରେ ରହିଛନ୍ତି। ରବିବାର ସେ ଭାରତୀୟଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି। କିଦାମ୍ବି ଶ୍ରୀକାନ୍ତ ଦ୍ୱାଦଶ ସ୍ଥାନକୁ ଖସି ଆସିଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଥିବାରୁ ମହିଳା ଡବଲ୍ସ ଯୋଡ଼ି ତ୍ରିଷା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ର୍‍ୟାଙ୍କିଙ୍ଗ ତାଲିକାରେ ୧୨ ସ୍ଥାନ ପଦୋନ୍ନତି ପାଇ ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ୩୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ରାଜସ୍ଥାନ ପେସ୍ ଆକ୍ରମଣ ଶାଣିତ: ଲସିଥ ମାଲିଙ୍ଗା

**ମୁମ୍ବାଇ, ୨୨।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫ୍ରାଞ୍ଚାଇଜ୍ ଦଳ ରାଜସ୍ଥାନ ରୟାଲ୍ସର ପେସ୍ ଆକ୍ରମଣ ବେଶ୍ ଶାଣିତ ବୋଲି କହିଛନ୍ତି ଏହାର ନବ ନିଯୁକ୍ତ ଫାଷ୍ଟ ବୋଲିଂ କୋଚ୍ ଲସିଥ ମାଲିଙ୍ଗା। ଏହି ଦଳରେ ଟ୍ରେଣ୍ଟ ବୋଲ୍ଟ, ନାଥାନ କୁଲ୍ଟର-ନିଲଙ୍କ ପରି ଅନ୍ତର୍ଜାତୀୟ ବିଦେଶୀ ଖେଳାଳି ଅଛନ୍ତି। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ଓ ନବଦୀପ ସଇନୀଙ୍କ ପରି ଭାରତର ଦକ୍ଷ ଫାଷ୍ଟ ବୋଲର ଏବଂ ଅନୁନୟ ସିଂ, କୁଲଦୀପ ସେନ୍ ଓ କୁଲଦୀପ ଯାଦବଙ୍କ ପରି ଯୁବ ଖେଳାଳି ମଧ୍ୟ ଅଛନ୍ତି। ଏମାନଙ୍କ ଗହଣରେ ସେ ନିଜ ନୂଆ ଭୂମିକା ଉପଭୋଗ କରିବାକୁ ପ୍ରସ୍ତୁତ ବୋଲି ମାଲିଙ୍ଗା ପ୍ରକାଶ କରିଛନ୍ତି।

## ନାଡାଲ ୬ ସପ୍ତାହ ଖେଳିପାରିବେ ନାହିଁ

**ଇଣ୍ଡିଆନ ୱେଲ୍ସ, ୨୨।୩ (ଏପି):** ଟେନିସ ଷ୍ଟାର ରାଫାଲ ନାଡାଲ ୬ ସପ୍ତାହ ଖେଳିପାରିବେ ନାହିଁ। ଗତ ରବିବାର ଟେଲର ଫ୍ରିଜ୍‌ଙ୍କ ବିପକ୍ଷ ଇଣ୍ଡିଆନ ୱେଲ୍ସ ଫାଇନାଲ ମ୍ୟାଚ ବେଳେ ତାଙ୍କ ପଞ୍ଜରା ହାଡ଼ ଭାଙ୍ଗି ଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସ୍ପାନିଶ ଟେନିସ ଷ୍ଟାର କହିଛନ୍ତି ତାଙ୍କର ସିଜନ ଆରମ୍ଭ ଉତ୍ସାହଜନକ ଥିଲା। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ସେ ଆଶା କରୁଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ସେ ଆଘାତ ପ୍ରାପ୍ତ ହୋଇଛନ୍ତି। ଧୈର୍ଯ୍ୟ ଓ କଠିନ ପରିଶ୍ରମ ଦ୍ୱାରା ସେ ଯାଥା ଶୀଘ୍ର ଟେନିସକୁ ଫେରିବା ଲାଗି ଚେଷ୍ଟା କରିବେ ବୋଲି କହିଛନ୍ତି।

## ବଜରଙ୍ଗଙ୍କୁ ଆର୍ଥିକ ସହାୟତା

**ନୂଆଦିଲ୍ଲୀ, ୨୨।୩ (ପି.ଟି.):** ଇରାନରେ ୧୮ ଦିନିଆ ସ୍ୱତନ୍ତ୍ର ଟ୍ରେନିଂ କ୍ୟାମ୍ପ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ଟୋକିଓ ଅଲିମ୍ପିକ ବ୍ରୋଞ୍ଜ ବିଜେତା ବଜରଙ୍ଗ ପୁନିଆଙ୍କୁ ୬.୧୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରିଛି। ରେସ୍‌ଲର ବଜରଙ୍ଗଙ୍କ କୋଚ୍ ସୁଜିତ୍ ମାନ୍ ମଧ୍ୟ ତାଙ୍କ ସହିତ ଯିବେ। ସ୍ଥାନୀୟ କେଡି ଯାଦବ ରେସ୍‌ଲିଂ ଇନ୍‌ଡୋର ଷ୍ଟାଡିୟମରେ ମାର୍ଚ୍ଚ ୨୪ରେ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହେବ। ବଜରଙ୍ଗ ସେଥିରେ ୬୫ କେଜି କାଟେଗୋରିରେ ଭାଗ ନେବେ। ସେ ଭାରତୀୟ ସିନିୟର ଫ୍ରିଷ୍ଟାଇଲ ଓ ଗ୍ରିକୋ ରୋମାନ ଷ୍ଟାଇଲ ରେସ୍‌ଲିଂ ଟିମ୍ ପାଇଁ ତାଙ୍କ ନାମ ପଞ୍ଜୀକୃତ କରିବା ଲକ୍ଷ୍ୟରେ ଅଛନ୍ତି। ଏହି ଦଳ ଏପ୍ରିଲ ୨୪ରୁ ମଙ୍ଗୋଲିଆର ଉଲାନବତାରଠାରେ ହେବାକୁଥିବା ଚତୁର୍ଥ ସିନିୟର ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ। ବଜରଙ୍ଗଙ୍କର ଆହୁରି ମଧ୍ୟ ଅଗଷ୍ଟରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ପରେ ଏସିଆନ ଗେମ୍ସ ଉପରେ ନଜର ରହିଛି। ଏମ୍‌ଓସି ଆହୁରି ମଧ୍ୟ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଅଧୀନରେ ପାରା ଆଥ୍‌ଲେଟ (କ୍ଲବ ଥ୍ରୋ ଏଫ୍୧୫) ଅମିତ ସାରୋହାଙ୍କ ପାଇଁ ୨.୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଚଳିତ ବର୍ଷର ପାରା ଏସିଆନ ଗେମ୍ସ ପାଇଁ ସେ ଚଳିତ ମାସ ଆରମ୍ଭରୁ ଜଣେ ବ୍ୟକ୍ତିଗତ ଫିଜିଓ ଥେରାପିଷ୍ଟ ରଖିଛନ୍ତି। ତାଙ୍କ ଫି ବାବଦରେ ଏହି ଅର୍ଥ ବ୍ୟୟ କରାଯିବ। ଅମିତ୍ ହେଉଛନ୍ତି ଜଣେ ଅର୍ଜୁନ ପୁରସ୍କାର ବିଜେତା। ଉଭୟ ବଜରଙ୍ଗ ଓ ସେ ଟପ୍ସ କୋର୍ ଟିମ୍‌ର ଅଂଶବିଶେଷ ରହିଛନ୍ତି।

## ଅଷ୍ଟ୍ରେଲିଆ ୩୯୧ରେ ଅଲ୍ ଆଉଟ୍

**ଲାହୋର, ୨୨।୩ (ଏପି):** ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ରିଭର୍ସ ସୁଇଂର ଉଚିତ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ୩୯୧ ରନରେ ଅଲଆଉଟ ହୋଇଯାଇଛି। ଜବାବରେ ଘରୋଇ ଦଳ ଏହାର ପ୍ରଥମ ଇନିଂସରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧ ଉଇକେଟ ବିନିମୟରେ ୯୦ ରନ କରିଛି। ଅବ୍‌ଦୁଲା ସାଫିକ୍ ୪୫ ଓ ଆଝାର ଅଲି ୩୦ ରନ କରି ଅପରାଜିତ ରହିଛନ୍ତି। ଇମାମ୍ ଉଲ୍ ହକ୍ ୧୧ ରନ କରି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩୨/୫ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ପାକିସ୍ତାନ ବୋଲରଙ୍କ ରିଭର୍ସ ସୁଇଂ ବୋଲିଂ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲେ ମଧ୍ୟ କାମେରନ ଗ୍ରୀନ ଓ ଆଲେକ୍ସ କାରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିଥିଲେ। ଅଲରାଉଣ୍ଡର ଗ୍ରୀନ ତାଙ୍କ ୧୨ତମ ଟେଷ୍ଟ ମ୍ୟାଚରେ କ୍ୟାରିୟର ଶ୍ରେଷ୍ଠ ୭୯ରନ (୧୬୩ ବଲ୍) କରିଥିଲେ। କାରେ ୬୭ ରନ (୧୦୫ ବଲ୍) କରିଥିଲେ। ମିଡଲ ସେସନରେ ପାକିସ୍ତାନ ୫୦ ରନରେ ୫ ଉଇକେଟ ଖସାଇ ଦେଇଥିଲା। ଅଷ୍ଟ୍ରେଲିଆ ଚା'ପାନ ବିରତିର କିଛି ସମୟ ପୂର୍ବରୁ ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୯୧/ଅଲ ଆଉଟ (ଉସ୍‌ମାନ ଖ୍ୱାଜା-୯୧, କାମେରନ ଗ୍ରୀନ୍-୭୯, ଆଲେକ୍ସ କାରେ-୬୭, ଷ୍ଟିଭେନ ସ୍ମିଥ୍-୫୯; ଶାହିନ ଆଫ୍ରିଦୀ-୪/୭୯, ନସିମ ଶାହା-୪/୫୮)। ପାକିସ୍ତାନ ପ୍ରଥମ ଇନିଂସ: ୯୦/୧ (ଅବ୍‌ଦୁଲା ସାଫିକ୍-୪୫*, ଆଝାର ଅଲି-୩୦*; ପ୍ୟାଟ କୁମିନ୍ସ-୧/୨୭)।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭେନ୍ୟୁ ସଂଖ୍ୟା କମିପାରେ

**ନଭି ମୁମ୍ବାଇ, ୨୨।୩ (ପି.ଟି.):** ଚଳିତ ବର୍ଷ ଶେଷ ଭାଗରେ ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଭେନ୍ୟୁ ସଂଖ୍ୟା କମିପାରେ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି ଫିଫା ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଜେମି ୟାର୍ଜା। ଭେନ୍ୟୁ ସଂଖ୍ୟା ୫ରୁ ୩କୁ ହ୍ରାସ ପାଇବା ସମ୍ଭାବନା ଅଛି। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ବର୍ତ୍ତମାନ ପରିସ୍ଥିତିରେ ସବୁକିଛି ଓପନ ରହିଛି। ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଭେନ୍ୟୁଗୁଡ଼ିକ ଅନୁଧ୍ୟାନ ପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଓ ଫିଫା ମିଳିତ ଭାବେ ନିଷ୍ପତ୍ତି ନେବେ। ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହେବାକୁ ପ୍ରାଥମିକତା ଦିଆଯିବ। ଏହା ବ୍ୟତୀତ ମହିଳା ଫୁଟବଲର ଉନ୍ନତି ସହ ଖେଳାଳିଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ଟୁର୍ଣ୍ଣାମେଣ୍ଟ ପାଇଁ ବାୟୋ-ବବଲ୍ କରାଯିବା କଥା ଚିନ୍ତା କରାଯାଉନାହିଁ। ଆଗାମୀ ଟୁର୍ଣ୍ଣାମେଣ୍ଟ ବେଳକୁ ସ୍ଥିତି ଭଲ ଥିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ୟାର୍ଜା ଓ ତାଙ୍କ ପ୍ରତିନିଧି ଦଳ ଏଠାରେ ଡିୱାଇ ପାଟିଲ ଷ୍ଟାଡିୟମକୁ ଅନୁଧ୍ୟାନ କରିଛନ୍ତି। ଏହାପରେ ସେମାନେ ଭୁବନେଶ୍ୱର ଓ ଗୋଆ ଯିବେ। ନଭି ମୁମ୍ବାଇ ବ୍ୟତୀତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭୁବନେଶ୍ୱର, କୋଲକାତା, ଅହମଦାବାଦ ଓ ଗୁଆହାଟୀରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, March 23/2022 | Page 16 | ₹ 7.00 | ପୃଷ୍ଠା-୧



**ମଲାଇକାଙ୍କ ପ୍ରେରଣା ଅର୍ଜୁନ**
ଫିଟ୍‌ନେଶ୍ ପାଇଁ ଜଣାଯାଉଥିବା ବଲିଉଡ୍ ଅଭିନେତ୍ରୀ ମଲାଇକାଙ୍କ ପ୍ରେରଣା ସାଜିଛନ୍ତି ଅର୍ଜୁନ କପୁର। ୦୪

୦୮ **ସ୍ନେହାଙ୍କୁ ବ୍ରୋଞ୍ଜ ପଦକ**
ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପର ୪୯ କେଜି ଆନ୍ତଃ ରାଜ୍ୟ ସିନିୟର ମହିଳା ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ସ୍ନେହା ସୋରେନ।



# ଏମ୍‌ସିଏଲ୍ କୋଇଲା ଖଣିରେ ବିସ୍ଫୋରଣ

■ ଘର ଭାଙ୍ଗିଲା, ଜଣେ ଆହତ
■ ପରିବହନ ବନ୍ଦ କଲେ ଗ୍ରାମବାସୀ

**ଝାରସୁଗୁଡ଼ା ଅଫିସ,୨୨।୩**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧିନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ୧ନଂ କ୍ୱାରୀରେ ବିସ୍ଫୋରଣ ହେବା ଫଳରେ ଖଣି ପାର୍ଶ୍ୱ ଯୋରାବଗା ଗ୍ରାମ ପ୍ରଭାବିତ ହେବାରେ ଲାଗିଛି। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଖଣି ସମ୍ପ୍ରସାରଣ



ଆହତ ଜିତେନ୍ଦ୍ର

କରାଯାଉ ବୋଲି ଦୀର୍ଘଦିନରୁ ଗ୍ରାମବାସୀ ଦାବି କରିଆସୁଛନ୍ତି। ଏଥିରେ ବିଳମ୍ବ ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ଗତ ସୋମବାର ଖଣିରେ ବିସ୍ଫୋରଣ ହୋଇଥିଲା। ଏଥିରେ ପଥର ଖଣ୍ଡ ଆସି ଗ୍ରାମର ଆର୍‌ସିପି ପଡାର ଯଦୁ ଗୌଡଙ୍କ ଘର ଉପରେ ପଡିଥିଲା । ଫଳରେ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଥିଲା। ଆଜବେଷ୍ଟସ୍ ତଳେ ଭାଡି ଥିବାରୁ ପରିବାର ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ନେଇ ସେମାନେ ଖଣି କର୍ତ୍ତୃପକ୍ଷ ଓ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ କେବଳ ଷ୍ଟେଶନ ଡାଇରି କରି ଚୁପ ରହିଥିଲା।

ପରେ ଗ୍ରାମର ମହିଳାମାନେ ଖଣିରୁ କୋଇଲା ପରିବହନ ବନ୍ଦ କରିଥିଲେ। ଅସନ୍ତୁଷ୍ଟ ଗ୍ରାମବାସୀ ବ୍ଲାଷ୍ଟିଂ କରୁଥିବା କେତେଜଣ ଏମ୍‌ସିଏଲ୍ କର୍ମଚାରୀଙ୍କୁ ଗ୍ରାମକୁନେଇ ଅଟକ ରଖିଥିଲେ। ମଙ୍ଗଳବାର ଏସ୍‌ପି ବିକାଶ ଚନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି କୋଇଲା ପରିବହନ ଚାଲୁ କରାଇଥିଲେ। ହେଲେ ମଧ୍ୟାହ୍ନରେ ପୁଣି ବିସ୍ଫୋରଣ ହେବା ଫଳରେ ଗ୍ରାମର ଜିତେନ୍ଦ୍ର ପୋଢ ନାମକ ଯୁବକ ଆହତ ହୋଇଥିଲେ। ସେ ବାହାରକୁ ଶୌଚପାଇଁ ଯାଇଥିବାବେଳେ ପଥର ଖଣ୍ଡ ବାଜି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ତୁରନ୍ତ ବେଲପାହାଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଏମ୍‌ସିଏଲ୍ ତରଫରୁ ପର୍ସନାଲ୍ ମ୍ୟାନେଜର ☞ପୃଷ୍ଠା-୫




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ସିନିୟର ମହିଳା ବର୍ଗରେ ବ୍ରୋଞ୍ଜ ପଦକ ହାସଲ ଅବସରରେ ଓଡ଼ିଆ ଭାରୋତ୍ତୋଳନକାରୀ ଝିଲି ଦଲବେହେରା। **(ରିପୋର୍ଟ ଖେଳପୃଷ୍ଠା)**

# ୮ ଜଣଙ୍କୁ ଜାଳିଦେଲେ

■ ଟିଏମ୍‌ସି ନେତାଙ୍କ ହତ୍ୟା ପରେ ଗୃହଦାହ: ୧୧ ଗିରଫ
■ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଦାବିକଲେ ବିରୋଧୀ

**କୋଲକାତା,୨୨।୩**

ପଶ୍ଚିମବଙ୍ଗର ବୀରଭୂମ ଜିଲାସ୍ଥିତ ରାମପୁରହାଟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବୋଗ୍‌ଟୁଇ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଏକ ଭସ୍ମୀଭୂତ ଘରୁ ୨ ଶିଶୁଙ୍କ ସମେତ ୭ ଜଣଙ୍କ ମୃତଦେହ ମିଳିଛି। ଅନ୍ୟ ଜଣେ ଆହତ ହସ୍ପିଟାଲରେ ଆଖି ବୁଜିଦେଇଛନ୍ତି। ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଜଣେ ନେତାଙ୍କୁ ହତ୍ୟା କରାଯିବା ପରେ ଏପରି ଘଟିଥିବାରୁ ଉଭୟ ଘଟଣାକୁ ଯୋଡ଼ି ଦେଖାଯାଉଛି। ଏନେଇ ୧୧ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ପଶ୍ଚିମବଙ୍ଗ ପୋଲିସ ଡିଜି ମନୋଜ ମାଲବ୍ୟ କହିଛନ୍ତି, ବର୍ଶାଲ ଗ୍ରାମର ଟିଏମ୍‌ସି ପଞ୍ଚାୟତ ଉପମୁଖ୍ୟ ଭାଦୁ ଶେଖ୍‌ଙ୍କୁ ସୋମବାର ରାତି ୮ଟା ୩୦ରେ ହତ୍ୟା କରାଯାଇଥିଲା। ବୋମା ଫିଙ୍ଗି ଘଟାଯାଇଥିବା ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ ଶତ୍ରୁତା ଥିବା ଜଣାପଡ଼ିଛି। ଏହା ପରେ ଉକ୍ତ ଘରେ ଅଗ୍ନିକାଣ୍ଡ ଘଟିଥିଲା। ତେଣୁ ଦୁଇ ଘଟଣାର ପାରସ୍ପରିକ ସମ୍ପର୍କକୁ ନେଇ ପୋଲିସ ତନାଘନା ଚଳାଇଛି। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦିଆଯାଇଛି। ନିଆଁକୁ ଆୟତ୍ତ କରାଯିବା ପରେ ଜଳିଯାଇଥିବା ଘରୁ ୭ ଜଣଙ୍କ ମୃତଦେହ ମିଳିଥିଲା। ଅନ୍ୟ ୩ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ଏଡିଜି (ସିଆଇଡି) ଜ୍ଞାନବନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି।

ଏହି ଘଟଣା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଶାସକ ଟିଏମ୍‌ସି ଏହାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ବିରୋଧୀ ଭାଜପା ଏବଂ ଭାରତୀୟ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ଅଭିଯୋଗ ଆଣିଛନ୍ତି। ଟିଏମ୍‌ସି ଗୁଣ୍ଡାଙ୍କ ଦ୍ୱାରା କରାଯାଇଥିବା ଏହି ହତ୍ୟା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଆଇଏମ୍ ରାଜ୍ୟ ସମ୍ପାଦକ ମହମ୍ମଦ ସଲିମ୍ ନିନ୍ଦା କରିଛନ୍ତି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏକାଧିକ ଟୁଇଟ୍ କରି 'ଆତଙ୍କବାଦ ଓ ଉତ୍ତେଜନା' ହ୍ରାସ ଦିଗରେ କେନ୍ଦ୍ର ହସ୍ତକ୍ଷେପ କରୁ ବୋଲି କହିଛନ୍ତି। ଭାଜପା ନେତା ମନୋଜ ଟିଗା ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି କରିଛନ୍ତି। ଘଟଣା ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିବୃତି ଦାବି କରି ଭାଜପା ବିଧାୟକମାନେ 'ବନ୍ଦେ ମାତରମ୍' ଏବଂ 'ଧିକ୍କାର ଧିକ୍କାର' ସ୍ଲୋଗାନ ଦେବା ସହ ବିଧାନସଭାରୁ କକ୍ଷତ୍ୟାଗ କରିଛନ୍ତି। ପଶ୍ଚିମବଙ୍ଗ ଭାଜପା ଏହାକୁ ନିର୍ବାଚନ ପରବର୍ତ୍ତୀ ହିଂସା ☞ପୃଷ୍ଠା-୫

# ଆରମ୍ଭ ହେଲା ତୈଳ ଝଟକା

■ ସାଢ଼େ ୪ ମାସ ପରେ ବଢ଼ିଲା ପେଟ୍ରୋଲ, ଡିଜେଲ
■ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ବଢ଼ିଲା ୮୫ ପଇସା, ଡିଜେଲ ୮୬ ପଇସା

**ନୂଆଦିଲ୍ଲୀ,୨୨।୩**

ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଉଥିବା ବେଳେ ଭାରତୀୟ ବଜାରରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥିର ରହିଥିଲା। ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାରୁ ସରକାର ପେଟ୍ରୋଲିୟମ୍ ସାମଗ୍ରୀ ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିଲେ। ନିକଟରେ ଉକ୍ତ ୫ ରାଜ୍ୟର ନିର୍ବାଚନ ଫଳାଫଳ ଘୋଷଣା ହେବାର ୫ଦିନ ପରେ ସରକାର ତୈଳ ଦର ବୃଦ୍ଧି ସଂକ୍ରାନ୍ତ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ମଙ୍ଗଳବାର ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ଦର ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୮୫ ପଇସା ଓ ଡିଜେଲ ୮୬ ପଇସା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୨. ୬୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୨.୪୮ ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୮୦ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୬.୨୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୭.୪୭ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୦.୮୨ ଟଙ୍କା, ୧୦୫.୫୧ ଟଙ୍କା ଏବଂ ୧୦୨.୧୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଉପରୋକ୍ତ ମହାନଗରରେ ଡିଜେଲ ମୂଲ୍ୟ ୯୫ ଟଙ୍କା, ୯୦.୬୨ ଟଙ୍କା ଏବଂ ୯୨.୧୯ ଟଙ୍କାରେ କାରବାର କରାଯାଉଛି।

ସୂଚନାଯୋଗ୍ୟ, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହିଛି। ଏହାର ପ୍ରଭାବ ଦୀର୍ଘଦିନ ହେବ ଭାରତ ବଜାରରେ ପକାଇ ଆସୁଥିଲା। କିନ୍ତୁ କେନ୍ଦ୍ର ସରକାର ନିର୍ବାଚନ ଯୋଗୁ ତୈଳ କମ୍ପାନୀଗୁଡ଼ିକ ଉପରେ ଚାପ ସୃଷ୍ଟିକରି ଦର ସ୍ଥିର ରଖି ଆସିଥିଲେ। ଫଳରେ ତୈଳ ☞ପୃଷ୍ଠା-୫



## ସିଲିଣ୍ଡର ୧୦୦୦ ନିକଟତର

**ଭୁବନେଶ୍ୱର,୨୨।୩**

ଇନ୍ଧନ ସହ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି 'ବୋଝ ଉପରେ ନଳିତା ବିଡ଼ା' ପାଲଟିଯାଇଛି। ମଙ୍ଗଳବାର ୧୪.୨ ଲିଟର ଏଲ୍‌ପିଜି ସିଲିଣ୍ଡର ୫୦ ଟଙ୍କା ବଢ଼ିବା ଯୋଗୁ ଖାଉଟିଙ୍କ ଉପରେ ଆହୁରି ଆର୍ଥିକ ଚାପ ପଡ଼ିଛି। ଶେଷ ଥର ପାଇଁ ଏହାର ଦର ୬ ଅକ୍ଟୋବର ୨୦୨୧ରେ ବୃଦ୍ଧି ପାଇଥିଲା। ତେବେ ଏହି ମୂଲ୍ୟ ବଢ଼ିବା ପରେ ଭୁବନେଶ୍ୱରରେ ସିଲିଣ୍ଡର ପିଛା ଦର ୯୭୬ରେ ପହଞ୍ଚିଛି। ଅର୍ଥାତ୍ ସିଲିଣ୍ଡର ୧୦୦୦ ଟଙ୍କା ନିକଟତର ହୋଇଛି। ପୂର୍ବରୁ ଏହା ୯୨୬ ଟଙ୍କା ଥିଲା। ସେହିପରି ନୂଆଦିଲ୍ଲୀରେ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୯୪୯.୫୦ ଟଙ୍କାକୁ ବଢ଼ିଛି। ପୂର୍ବରୁ ଏହାର ଦାମ୍ ୮୯୯.୫୦ ଟଙ୍କା ରହିଥିଲା। ଅନୁରୂପ ଭାବେ କୋଲକାତାରେ ସିଲିଣ୍ଡରର ମୂଲ୍ୟ ୯୨୬ ଟଙ୍କା ଥିଲାବେଳେ ବର୍ତ୍ତମାନ ଏହା ୯୭୬ ଟଙ୍କା ☞ପୃଷ୍ଠା-୫

# ଚିଲିକା ବିଧାୟକ ଜଗଦ୍ଦେବ ଗିରଫ



### ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇବା ଘଟଣା

■ ଅସୁସ୍ଥ ଅନୁଭବ କରିବାରୁ ଆମ୍ବୁଲାନ୍ସରେ ଗଲେ ବାଣପୁର

**ଭୁବନେଶ୍ୱର(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୨୨।୩**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ବାହାରେ ଲୋକଙ୍କୁ ଗାଡ଼ି ମଡ଼ାଇବା ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମଙ୍ଗଳବାର ଅପରାହ୍ନରେ ବାଣପୁର ପୋଲିସ ଗିରଫ କରିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଜଗଦ୍ଦେବ ସୁସ୍ଥ ହେବା ପରେ ସେ ବାହାରକୁ ବାହାରିଥିଲେ। ଏହି ସମୟରେ ହସ୍ପିଟାଲ ବାହାରେ ଥିବା ପୋଲିସ ତାଙ୍କୁ ଗିରଫ ☞ପୃଷ୍ଠା-୫

# ଅଯୋଧ୍ୟା ଗଲା ସୀତାକୁଣ୍ଡ ଜଳ

### ସଂଗ୍ରହ କରିନେଲେ ରାଜ୍ୟପାଳ

**ମାଲକାନଗିରି/କୋରାପୁଟ,୨୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟି ଗସ୍ତ କରିଛନ୍ତି। ଅଯୋଧ୍ୟାରେ ନିର୍ମାଣ ହେଉଥିବା ରାମମନ୍ଦିର ପାଇଁ ରାଜ୍ୟପାଳ ମୁଦୁଲିପଡ଼ାରେ ଥିବା ସୀତାକୁଣ୍ଡରୁ ଜଳ ସଂଗ୍ରହ କରିଛନ୍ତି। ଉକ୍ତ ଜଳକଳସ ରାମନବମୀ ଦିନ ଅଯୋଧ୍ୟାରେ ପହଞ୍ଚିବ। ସୀତାକୁଣ୍ଡ ସହ ଏପରି ୧୩୦୦ ପବିତ୍ର ସ୍ଥାନରୁ ଜଳ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି। ବିଶେଷକରି ବନବାସ ସମୟରେ ଶ୍ରୀରାମଚନ୍ଦ୍ର ଯେଉଁ ସ୍ଥାନରେ ସମୟ ବିତାଇଥିଲେ ସେହି ପବିତ୍ର ସ୍ଥାନରୁ ଜଳ ସଂଗ୍ରହ କରାଯାଉଛି। ଶ୍ରୀରାମଚନ୍ଦ୍ରଙ୍କ ବନବାସ ସହ ବଣ୍ଡାଘାଟିର ସୀତାକୁଣ୍ଡ ଜଡ଼ିତ ଥିବା କିମ୍ବଦନ୍ତୀ ରହିଛି। ତେଣୁ ଅଯୋଧ୍ୟା ଓ ଅନ୍ୟ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କ ସହ ରାଜ୍ୟପାଳ ଜଳ



ରାଜ୍ୟପାଳ ଗଣେଶୀ ଲାଲ ସୀତାକୁଣ୍ଡରୁ ଜଳ ସଂଗ୍ରହ କରୁଛନ୍ତି।

ସଂଗ୍ରହ ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସୀତାକୁଣ୍ଡରେ ପହଞ୍ଚିଥିଲେ। ଏହି ଅବସରରେ ରାଜ୍ୟପାଳ ଶ୍ରୀରାମ ବନ ଗମନ ପଥ କାବ୍ୟଯାତ୍ରାକୁ ସ୍ୱାଗତ କରିଥିଲେ। ଏହି ଯାତ୍ରା ମାର୍ଚ୍ଚ ୧ ତାରିଖ ଶିବରାତ୍ର ଦିନ ଶ୍ରୀଲଙ୍କାର ଅଶୋକା ବାଟିକାରୁ ଆରମ୍ଭ ହୋଇଥିବାବେଳେ ରାମନବମୀ ଦିନ ଅଯୋଧ୍ୟା ପହଞ୍ଚିବ। ରାଜ୍ୟପାଳଙ୍କୁ ବଣ୍ଡା ଜନଜାତିର ଲୋକେ ପାଖରେ ଦେଖି ପାରମ୍ପରିକ ନାଚ ଓ ବେଶ ପୋଷାକରେ ସ୍ୱାଗତ କରିଥିଲେ। ବଣ୍ଡାଘାଟିର ବିକାଶ ସହ ସେଠାରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକର ଉନ୍ନତି ପାଇଁ ରାଜ୍ୟପାଳଙ୍କୁ ଜଣାଇଥିଲେ। ରାଜ୍ୟପାଳ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଥିଲେ। ☞ପୃଷ୍ଠା-୫

# ଶହେ ପ୍ରଦୂଷିତ ସହର ମଧ୍ୟରେ ଭାରତର ୬୩

### ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ

■ ଉତ୍ତର ଭାରତର ସ୍ଥିତି ସବୁଠାରୁ ଖରାପ
■ ରାଜସ୍ଥାନର ଭିୱାଡି ସର୍ବାଧିକ ପ୍ରଦୂଷିତ ସହର

**ନୂଆଦିଲ୍ଲୀ, ୨୨।୩**

ଦେଶରେ ତିନି ବର୍ଷ ଧରି ବାୟୁ ଗୁଣବତ୍ତା ବୃଦ୍ଧିରେ ବ୍ରେକ୍ ଲାଗିଛି। ଭାରତରେ ପ୍ରଦୂଷଣ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ୨୦୨୧ରେ ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ହୋଇଛି। ଏହାବାଦ୍ ଦୁନିଆର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ କେବଳ ଭାରତର ୬୩ ସହର ରହିଛି ବୋଲି ସ୍ୱିସ୍ ଫାର୍ମ ଆଇକ୍ୟୁଏୟାର ଦ୍ୱାରା ପ୍ରକାଶିତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ଲେଥାଲ ଏବଂ ମାଇକ୍ରୋସ୍କୋପିକ୍ ପିଏମ୍ ୨.୫ ପ୍ରଦୂଷକରେ ମପା ଯାଉଥିବା ହାରାହାରି ବାୟୁ ପ୍ରଦୂଷଣ କ୍ୟୁବିକ୍ ମିଟର ପିଛା ୫୮.୧ ମାଇକ୍ରୋଗ୍ରାମ୍ ରହିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବାୟୁ ଗୁଣବତ୍ତା ଗାଇଡ୍‌ଲାଇନ୍ ତୁଳନାରେ ୧୦ ଗୁଣା ଅଧିକ। ଏଥିସହ ଭାରତର କୌଣସି ସହର ଡବ୍ଲ୍ୟୁଏଚ୍‌ଓର ମାନକ ପୂରଣ କରିପାରିନାହିଁ।

ପ୍ରଦୂଷଣରେ ଉତ୍ତର ଭାରତର ସ୍ଥିତି ସବୁଠାରୁ ଖରାପ ରହିଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ହୋଇଛି। ପୂର୍ବବର୍ଷ ତୁଳନାରେ ଦିଲ୍ଲୀରେ ପଲ୍ୟୁସନ୍ ୧୫% ବୃଦ୍ଧି ପାଇଛି। ଡବ୍ଲ୍ୟୁଏଚ୍‌ଓ ସୁରକ୍ଷା ଲିମିଟ୍ ୫ ମାଇକ୍ରୋଗ୍ରାମ୍ ଥିବାବେଳେ ଦିଲ୍ଲୀରେ ପିଏମ୍୨.୫ ପ୍ରାୟ ୨୦ ଗୁଣା ବଢ଼ି କ୍ୟୁବିକ୍ ମିଟର ପିଛା ୯୬.୪ ମାଇକ୍ରୋଗ୍ରାମ୍ ରହିଛି। କେବଳ ବାୟୁ ପ୍ରଦୂଷଣରେ ଦିଲ୍ଲୀର ସ୍ଥାନ ବିଶ୍ୱରେ ୪ ନମ୍ବର ରହିଛି। ରାଜସ୍ଥାନର ଭିୱାଡି ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ହୋଇଛି। ଏହା ତଳକୁ ଉତ୍ତରପ୍ରଦେଶର ଗାଜିଆବାଦ ରହିଛି। ଶୀର୍ଷ ୧୫ ପ୍ରଦୂଷିତ ସହର ଦିଲ୍ଲୀ ପାଖାପାଖି ରହିଛି। ପ୍ରଦୂଷିତ ସହର ମଧ୍ୟରୁ ଅର୍ଦ୍ଧାଧିକ ଉତ୍ତରପ୍ରଦେଶ ଏବଂ ହରିୟାଣାର। କେବଳ ଚେନ୍ନାଇକୁ ଛାଡ଼ି ଅନ୍ୟ ସମସ୍ତ ୬ ମେଟ୍ରୋରେ ଗତବର୍ଷ ପ୍ରଦୂଷଣ ମାତ୍ରା ବଢ଼ିଛି। ମୁଖ୍ୟତଃ ଯାନବାହନରୁ ନିର୍ଗତ ☞ପୃଷ୍ଠା-୫



# କଂଗ୍ରେସ ପ୍ରାର୍ଥୀଙ୍କ କାନ୍ଧରେ ବିଜେଡି ଉତ୍ତରୀୟ

■ ସୋସିଆଲ୍ ମିଡିଆରେ ଫଟୋ ଭାଇରାଲ୍
■ ମିଶ୍ରଣକୁ ଅସ୍ୱୀକାର କଲେ କଂଗ୍ରେସ ପ୍ରାର୍ଥୀ


ଭାଇରାଲ୍ ହୋଇଥିବା ଫଟୋରେ ବିଧାୟକ ସୁଧୀର ସାମଲ, ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରାଙ୍କ ସହ କଂଗ୍ରେସ ପ୍ରାର୍ଥୀ ଶିଳ୍ପୀଶ୍ରୀ ହରିଚନ୍ଦନ।

**ଢେଙ୍କାନାଳ ଅଫିସ, ୨୨ା୩**

ନିର୍ବାଚନକୁ ନେଇ ପଡୁଛି ଉଠୁଛି ଢେଙ୍କାନାଳ ପୌରାଞ୍ଚଳ। ମତଦାନକୁ ମାତ୍ର ଦିନଟିଏ ଥିବାବେଳେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା କଂଗ୍ରେସ କାଉନ୍‌ସିଲର ପ୍ରାର୍ଥୀଙ୍କ ଏକ ଫଟୋ ସହରାଞ୍ଚଳ ରାଜନୀତିକୁ ସରଗରମ କରିଛି। ଏହି ଫଟୋରେ ୧୨ନଂ. ୱାର୍ଡର କଂଗ୍ରେସ କାଉନ୍‌ସିଲର ପ୍ରାର୍ଥିନୀ ତଥା ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ ଶିଳ୍ପୀଶ୍ରୀ ଶୁଭଦର୍ଶିନୀ ହରିଚନ୍ଦନ ଥିବାବେଳେ ତାଙ୍କ ବେକରେ ବିଜେଡି ଉତ୍ତରୀୟ ପଡ଼ିଛି। ନିକଟରେ ବିଧାୟକ ସୁଧୀର କୁମାର ସାମଲ, ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରା ଉପସ୍ଥିତ ଅଛନ୍ତି। ଭୋଟ ପୂର୍ବରୁ ଶିଳ୍ପୀଶ୍ରୀ ବିଜେଡିରେ ସାମିଲ ହୋଇଥିବା ଖବର ପ୍ରଚାରିତ ହୋଇଥିବାବେଳେ ଅପରାହ୍ଣରେ ସେ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହାକୁ ଅସ୍ୱୀକାର କରିଛନ୍ତି। ଏଥିସହ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଫଟୋକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଶିଳ୍ପୀଶ୍ରୀ ପ୍ରତିକ୍ରିୟାରେ କହିଛନ୍ତି, କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ୫ନଂ. ୱାର୍ଡରୁ ପ୍ରାର୍ଥୀ ହୋଇଥିବା ପ୍ରକାଶ କୁଅଁର ତାଙ୍କୁ କୌଣସି କାର୍ଯ୍ୟରେ ସ୍ଥାନୀୟ ଏକ ହୋଟେଲ୍‌କୁ ଡାକିଥିଲେ। କୌଣସି ଆଲୋଚନା ପୂର୍ବରୁ ସେଠାରେ ଉପସ୍ଥିତ ବିଧାୟକ ସୁଧୀର ସାମଲ ତାଙ୍କ ବେକରେ ବିଜେଡି ଉତ୍ତରୀୟ ପକାଇ ଦେଇଥିଲେ। ଏଥିସହ ଦଳରେ ମିଶିଲ ବୋଲି କହି ଚାଲିଯାଇଥିଲେ। ପରେ ଏହାକୁ ଭୁଲ୍ ଢଙ୍ଗରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏହାଦ୍ୱାରା ତାଙ୍କ ବ୍ୟକ୍ତିଗତ ସମ୍ମାନ ହାନି ହୋଇଛି। ୱାର୍ଡରେ ଏହାର ଖରାପ ପ୍ରଭାବ ମଧ୍ୟ ପଡ଼ିଛି। ବିଜେଡିର ଏଭଳି କାର୍ଯ୍ୟକୁ ଶିଳ୍ପୀଶ୍ରୀ ନିନ୍ଦା କରିଛନ୍ତି। ସେ କଂଗ୍ରେସର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରୁଥିବା କହିଛନ୍ତି।

ଏ ନେଇ ପ୍ରକାଶ କୁଅଁର କୁହନ୍ତି, ଶିଳ୍ପୀଶ୍ରୀ ବିଜେଡିରେ ମିଶିବେ ବୋଲି ୩ଦିନ ଧରି ତାଙ୍କ ସହିତ ସମ୍ପର୍କରେ ଥିଲେ। ଏପରି କି ତାଙ୍କ ସ୍ୱାମୀଙ୍କ ସହ ମଧ୍ୟ ଏ ନେଇ ଆଲୋଚନା କରିଥିଲେ। ମଙ୍ଗଳବାର ବିଧାୟକଙ୍କୁ ସାକ୍ଷାତ୍ କରି ସ୍ୱଇଚ୍ଛାରେ ବିଜେଡିରେ ମିଶିଥିଲେ। ଏହି ଖବର ପ୍ରଚାରିତ ହେବା ପରେ କେତେଜଣ କଂଗ୍ରେସ ନେତା ଡରାଇ ଧମକାଇ ତାଙ୍କ ଉପରେ ଚାପ ପ୍ରୟୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନବୀନଚନ୍ଦ୍ର ନାରାୟଣ ଦାସ କୁହନ୍ତି, ଏଭଳି କାର୍ଯ୍ୟ ଗଣତନ୍ତ୍ରର ହତ୍ୟା ସଦୃଶ। ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ କୁହନ୍ତି, ପ୍ରକାଶ କୁଅଁର ତାଙ୍କୁ କଥାହେବା ଆଳରେ ଡାକିନେଇ ବିଜେଡି ଉତ୍ତରୀୟ ପକାଇଛନ୍ତି। ଶାସକ ଦଳର ଏହିଭଳି କିଶାବିକା କାର୍ଯ୍ୟର ଜନସାଧାରଣ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# କଂଗ୍ରେସ ଛାଡ଼ିଲେ କରଣ ସିଂଙ୍କ ପୁଅ

**ନୂଆଦିଲ୍ଲୀ,୨୨ା୩**

ଜମ୍ମୁ-କଶ୍ମୀରର ପ୍ରଥମ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କରଣ ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂ ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ କଂଗ୍ରେସ ତୃଣମୂଳ ସ୍ତରରେ ବାସ୍ତବତାରୁ ବହୁ ଦୂରରେ ଥିବା ଦର୍ଶାଇ ସେ ଦଳ ଛାଡ଼ିଥିବା ଟୁଇଟରରେ ଦର୍ଶାଇଛନ୍ତି। ଜମ୍ମୁ-କଶ୍ମୀରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ କଂଗ୍ରେସ ତାଙ୍କ ମତାମତ ନେଉ ନ ଥିବା ଜାତୀୟ ସ୍ୱାର୍ଥ ପ୍ରତି ଦଳର ଅବହେଳାକୁ ସୂଚାଉଛି


ବିକ୍ରମାଦିତ୍ୟ ସିଂ

ବୋଲି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ବିକ୍ରମାଦିତ୍ୟ ଉଲ୍ଲେଖ କରିଛନ୍ତି। ବିକ୍ରମାଦିତ୍ୟ ହେଉଛନ୍ତି କଶ୍ମୀର ରାଜପରିବାରର ଦାୟାଦ ତଥା ପୂର୍ବତନ ରାଜା ହରି ସିଂଙ୍କ ନାତି। ସେ ୨୦୧୮ରେ କଂଗ୍ରେସରେ ଯୋଗଦେଇ ୨୦୧୯ରେ ଉଦ୍ଧମପୁର ଲୋକ ସଭା ଆସନରୁ ଲଢ଼ିଥିଲେ। ସଦ୍ୟ ଅନୁଷ୍ଠିତ ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ତାଙ୍କ ଇସ୍ତଫାର ତାତ୍ପର୍ଯ୍ୟ ଥିବା ମନେକରାଯାଉଛି।

# ସୋନିଆଙ୍କୁ ଭେଟିଲେ ଜି-୨୩ ନେତା

**ନୂଆଦିଲ୍ଲୀ,୨୨ା୩**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ 'ଜି-୨୩' ନେତାମାନେ ସାକ୍ଷାତ୍ କରିଛନ୍ତି। ଜି-୨୩ ହେଉଛି କଂଗ୍ରେସରେ ସାଙ୍ଗଠନିକ ପରିବର୍ତ୍ତନ ଦାବି କରୁଥିବା ଅସନ୍ତୁଷ୍ଟ ଗୋଷ୍ଠୀ। ନିକଟରେ ଏହି ଗୋଷ୍ଠୀର ବରିଷ୍ଠ ନେତା ଗୁଲାମନବୀ ଆଜାଦ ସୋନିଆଙ୍କୁ ଭେଟିଥିବାବେଳେ ମଙ୍ଗଳବାର ରାଜ୍ୟ ସଭାର ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା ଓ ଲୋକ ସଭା ସଦସ୍ୟ ମନୀଷ ତିୱାରୀ ତାଙ୍କ ୧୦ ଜନପଥ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ଗୋଷ୍ଠୀର ଅନ୍ୟ କେତେଜଣ ନେତା ମଧ୍ୟ ସୋନିଆଙ୍କ ସହ ସାକ୍ଷାତ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଗତ ୧୬ ତାରିଖରେ ଜି-୨୩ର ଏକ ବୈଠକ ବସିଥିଲା। କଂଗ୍ରେସକୁ ଏକ ସାମୂହିକ ଓ ସାମଗ୍ରିକ ନେତୃତ୍ୱ ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

# ବିଧାନ ପରିଷଦରୁ ଯୋଗୀଙ୍କ ଇସ୍ତଫା

## ଲୋକ ସଭା ସଦସ୍ୟତା ଛାଡ଼ିଲେ ଅଖିଳେଶ, ଆଜମ୍ ଖାନ୍


ଯୋଗୀ ଆଦିତ୍ୟନାଥ ଓ ଅଖିଳେଶ ଯାଦବ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୨୨ା୩**

ଉତ୍ତର ପ୍ରଦେଶର କାମଚଳା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୋରଖପୁର ସଦର ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ବିଧାନ ପରିଷଦ ସଦସ୍ୟତା ତ୍ୟାଗ କରିଛନ୍ତି। ସେ ମଙ୍ଗଳବାର ବିଧାନ ପରିଷଦ ଅଧ୍ୟକ୍ଷଙ୍କୁ ନିଜ ଇସ୍ତଫାପତ୍ର ଦେଇଛନ୍ତି। ସେହିପରି ପ୍ରଥମ ଥର ପାଇଁ କର୍‌ହାଲ ଆସନରୁ ବିଧାୟକ ହୋଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଆଜମଗଡ଼ ଆସନର ଏମ୍‌ପି ଭାବେ ଇସ୍ତଫା ଦେଇଛନ୍ତି। ଅଖିଳେଶ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ରାମପୁର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଏସ୍‌ପି ନେତା ଆଜମ୍ ଖାନ୍ ମଧ୍ୟ ଏମ୍‌ପି ପଦରୁ ଇସ୍ତଫା ଦେଇଛନ୍ତି। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ୨୭୩ ସଦସ୍ୟତା ବିଶିଷ୍ଟ ୟୁପି ବିଧାନସଭା ନିର୍ବାଚନରେ ଭାଜପା ଦୁଇତୃତୀୟାଂଶ ଆସନ ଦଖଲ କରି ପୁଣି ଥରେ ସରକାର ଗଠନ କରିବାକୁ ଯାଉଛି। ଅନ୍ୟପକ୍ଷେ ମୁଖ୍ୟ ବିରୋଧୀ ଦଳ ଏସ୍‌ପି ପୂର୍ବରୁ ୪୭ ଆସନ ପାଇଥିବାବେଳେ ଏଥର ୧୨୫ରେ ସଫଳତା ପାଇଛି।

# ୨୮ରେ ଶପଥ ନେବେ ପ୍ରମୋଦ ସାୱନ୍ତ



**ପଣଜୀ,୨୨ା୩:** ଭାଜପା ନେତା ପ୍ରମୋଦ ସାୱନ୍ତ ଆସନ୍ତା ୨୮ ତାରିଖ ପୂର୍ବାହ୍ଣ ୧୧ଟାରେ ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ ଦାୟିତ୍ୱ ଗ୍ରହଣ କରିବେ। ପଣଜୀସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମ୍ ନିକଟରେ ସେ ଶପଥ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦଳର ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଓ ନୀତିନ୍ ଗଡ଼କରୀଙ୍କ ସମେତ ଭାଜପା ଶାସିତ ରାଜ୍ୟର ୭ ମୁଖ୍ୟମନ୍ତ୍ରୀ ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନିକଟରେ ଅନୁଷ୍ଠିତ ଗୋଆ ବିଧାନସଭା ନିର୍ବାଚନରେ ଭାଜପାର ସଫଳତା ପରେ ସାୱନ୍ତ ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇଙ୍କୁ ୨୫ ବିଧାୟକଙ୍କ ସମର୍ଥନପତ୍ର ପ୍ରଦାନ କରିଥିଲେ।

# ୨୪ରେ ଭାଗ୍ୟ ପରୀକ୍ଷା

## ଶେଷ ହେଲା ପ୍ରଚାର

**ଭୁବନେଶ୍ୱର,୨୨ା୩(ବ୍ୟୁରୋ)**

ରାଜ୍ୟର ୧୦୬ ପୌର ସଂସ୍ଥା ଓ ୩ ମହାନଗର ନିଗମରେ ମଙ୍ଗଳବାର ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏହି ନିର୍ବାଚନରେ ମେୟର ଓ ଅଧ୍ୟକ୍ଷ ପଦବୀ ପାଇଁ ୫୬୯, କର୍ପୋରେଟର ଓ କାଉନସିଲର ପଦବୀ ପାଇଁ ୫୮୪୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟୁନିସିପାଲିଟି ଓ ଏନ୍‌ଏସିର ୧୬୭୨ ୱାର୍ଡ ଓ ୩ କର୍ପୋରେଶନର ୧୬୫ ୱାର୍ଡରେ ନିର୍ବାଚନ ହେବ। ମ୍ୟୁନିସିପାଲିଟି ଓ ଏନ୍‌ଏସିର ୨,୯୮୯ ବୁଥ୍ ଏବଂ ୩ଟି କର୍ପୋରେଶନର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ଭୋଟରଙ୍କ ଲାଗି ମତଦାନ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ ହେବ। ସକାଳ ୮ଟାରୁ ଅପରାହ୍ଣ ୫ଟା ମଧ୍ୟରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଭୋଟ ଗ୍ରହଣ ପାଇଁ ମୋଟ ୨୨ ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ୧୯୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ମହାନଗର ନିଗମ ପାଇଁ ୩୦ ପ୍ଲାଟୁନ ଫୋର୍ସ, କଟକ ମହାନଗର ନିଗମ ପାଇଁ ୨୦ ପ୍ଲାଟୁନ ଫୋର୍ସ ଓ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନ ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏହାଛଡ଼ା ୩୦୦ ମୋବାଇଲ ପାର୍ଟି ରହିବେ। ସେଥିମଧ୍ୟରୁ ୧୦୯ ମୋବାଇଲ ପାର୍ଟି ୩ଟି ମହାନଗର ନିଗମ ପାଇଁ ନିୟୋଜିତ ହେବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ହାବିଲଦାର କିମ୍ବା କନ୍‌ଷ୍ଟେବଳ କିମ୍ବା ସଶସ୍ତ୍ର ପୋଲିସ ମୁତୟନ ରହିବେ। ଅତି ସମ୍ବେଦନଶୀଳ ବୁଥ୍‌ରେ ଜଣେ ହାବିଲଦାର କିମ୍ବା କନ୍‌ଷ୍ଟେବଳ ସହ ଆଉ ଜଣେ ସଶସ୍ତ୍ର ପୋଲିସ ରହିବେ। ନିର୍ବାଚନ ହେଉଥିବା ପ୍ରତ୍ୟେକ ପୌରାଞ୍ଚଳ ଥାନାରେ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରାଇକିଂ ଫୋର୍ସ ରହିବେ। ଏହାଛଡ଼ା ପ୍ରତି ଜିଲା ସଦର ମହକୁମାରେ ଗୋଟିଏ କିମ୍ବା ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଜରୁରୀ ପରିସ୍ଥିତି ପାଇଁ ନିୟୋଜିତ ହେବେ।

୨୬ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଚାଲିବ। ରାଜ୍ୟର ମୋଟ ୩ଟି ମ୍ୟୁନିସିପାଲ କର୍ପୋରେଶନ, ୪୭ ମ୍ୟୁନିସିପାଲିଟି,୫୯ଟିଏନ୍‌ଏସିରେନିର୍ବାଚନଅନୁଷ୍ଠିତହେବ।

# ଟଙ୍କା ବାଣ୍ଟୁଛନ୍ତି ବିଜେଡି ପ୍ରାର୍ଥୀ: ଭାଜପା

**ଭୁବନେଶ୍ୱର,୨୨ା୩(ବ୍ୟୁରୋ)**

ଚଳିତ ପୌର ନିର୍ବାଚନରେ ଶାସକ ଦଳ ବିଜେଡି ଭୋଟ ହାତେଇବା ପାଇଁ ଟଙ୍କାକୁ ମୁଖ୍ୟ ଅସ୍ତ୍ର କରୁଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଫେରାଦ ହୋଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି, ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ସାମିଲ ଥିଲେ।

ଓବିସି ମୋର୍ଚ୍ଚା ସଭାପତି ବିଶ୍ୱାଳ କହିଛନ୍ତି, ପୌର ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହି ସମୟରେ ନିର୍ବାଚନ କିମ୍ବା ଭୋଟରଙ୍କୁ ପ୍ରଭାବିତ କଲା ଭଳି କୌଣସି କାର୍ଯ୍ୟକ୍ରମ ଉପରେ ନିଷେଧାଦେଶ ବଳବତ୍ତର ରହିଛି। କିନ୍ତୁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ଏହାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଅଧୀନ ଜାଗମରାର ୬୩ ନଂ ୱାର୍ଡରେ ବିଜେଡି ପ୍ରାର୍ଥିନୀ ରୁନୁ ଜେନା ଟଙ୍କା ବାଣ୍ଟି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ତେଣୁ ରାଜ୍ୟ ନିର୍ବାଚନ କମିଶନ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ତରଫରୁ ଦାବି କରାଯାଇଛି।

## ନାମ ପଞ୍ଜୀକରଣ

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ସରସ୍ୱତୀ ଶିକ୍ଷା ନିକେତନରେ ଚଳିତ ବର୍ଷ ବିଦ୍ୟାଳୟର ନାମ ପଞ୍ଜୀକରଣର ଶତକଡା ୨୫% ଭାଗ ପିଲାଙ୍କୁ ଓଡ଼ିଶା ସରକାରଙ୍କ ଶିକ୍ଷା ଅଧିକାର ନିୟମ ୨୦୧୦ ଅନୁସାରେ ଅନଗ୍ରସର, ତଫସିଲଭୁକ୍ତ ଜାତି/ ଉପଜାତି/ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦେୟମୁକ୍ତ ଶିକ୍ଷା ପ୍ରଦାନ କରାଯିବ । ଏଣୁ ଯେଉଁ ଅଭିଭାବକମାନେ ପିଲାମାନଙ୍କର ନାମ ପଞ୍ଜୀକରଣ କରିବା ନିମନ୍ତେ ଇଚ୍ଛୁକ ସେମାନେ ଯଥାଶୀଘ୍ର ଆବେଦନପତ୍ର ଦାଖଲ କରନ୍ତୁ ଅଥବା ଶିକ୍ଷାନୁଷ୍ଠାନ ସହିତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ ମୋ. ନଂ.7751085164, 8917235480
Rajendra Behera
Secretary
Saraswati Siksha Niketan,
Langaleswar, Balasore

ସ୍ୱା./- ପ୍ରଧାନ ଆଚାର୍ଯ୍ୟ,
ସରସ୍ୱତୀ ଶିକ୍ଷା ନିକେତନ,
ଲଙ୍ଗଳେଶ୍ୱର

# ରୋଡ୍ ଶୋରେ ସିନେଷ୍ଟାର, ଏମ୍‌ପି

**ବାସୁଦେବପୁର, ୨୨ା୩ (ଡି.ଏନ.ଏ.)**


ସିନେଷ୍ଟାର ଏଲିନା ବିଜେଡି ପ୍ରାର୍ଥୀ ନିବେଦିତାଙ୍କ ପାଇଁ ରୋଡ୍ ଶୋ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ପୌରାଧକ୍ଷ ପ୍ରାର୍ଥିନୀ ନିବେଦିତା ବେହେରାଙ୍କ ପାଇଁ ମଙ୍ଗଳବାର ସିନେଷ୍ଟାର, ଭଦ୍ରକ ଏମ୍‌ପି, ବାସୁଦେବପୁର ବିଧାୟକ, ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷ ପ୍ରମୁଖ ରୋଡ୍ ଶୋ କରି ନିର୍ବାଚନ ପ୍ରଚାର କରିଛନ୍ତି। ପ୍ରଚାରର ଶେଷଦିନରେ ଭୋଟରଙ୍କ ମନ କିଣିବା ପାଇଁ ବିଜେଡି ଭରପୁର ପ୍ରଚେଷ୍ଟା କରିଥିବା ଲକ୍ଷ୍ୟ କରାଯାଇଥିଲା। ବାସୁଦେବପୁର ଯାଦବ ପଡ଼ିଆ ରାଧାକୃଷ୍ଣ ମନ୍ଦିର ପରିସରରୁ ଏହି ରୋଡ୍ ଶୋ ଆରମ୍ଭ କରାଯାଇଥିଲା। ଏହି ରୋଡ୍ ଶୋ ରେ ସିନେଷ୍ଟାର ଏଲିନା, ସମ୍ଭିତ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତାଙ୍କର ବଡ଼ଭାଇ ଦୁର୍ଗାଦତ୍ତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧକ୍ଷ ପ୍ରାର୍ଥିନୀ ନିବେଦିତା ବେହେରା, ଯୁବନେତା ଶୁଭେନ୍ଦୁ ଭୂଷଣ ବେହେରା, ବିଧାୟକ ପ୍ରତିନିଧି ଅସିତ ଦାସ, ଦେବସ୍ୱରୂପ ଧନୀ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଯୁବ ବିଜେଡି ନଗର ସଭାପତି ମାନସ ସାହୁ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତିଙ୍କ ସମେତ ବିଜେଡି କର୍ମକର୍ତ୍ତାଙ୍କ ସହ ୩ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ବାଇକ୍ ରାଲିରେ ୨୩ ନଂ ୱାର୍ଡ ପରିକ୍ରମା କରି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ।

# ଝାଡୁ ମାରିଲେ ପ୍ରାର୍ଥୀ


ଭାଜପା ପ୍ରାର୍ଥୀ ଶିବଦାସ ରାୟ ଝାଡୁ ମାରୁଛନ୍ତି।

**ଭଦ୍ରକ ଅଫିସ,୨୨ା୩:** ନିର୍ବାଚନ ବୈତରଣୀ ପାର ହେବା ପାଇଁ କିଏ କେତେ ପ୍ରକାର ରଣ କୌଶଳ ଆପଣାଉ ଥିବା ବେଳେ ପୌର ନିର୍ବାଚନ ପ୍ରଚାରର ଶେଷ ଦିନରେ ଜଣେ ଭାଜପା ପ୍ରାର୍ଥୀ ରାସ୍ତାରେ ଝାଡୁ ମାରି ଅଳିଆ ସଫା କରିଥିଲେ। ପ୍ରଚାର କାର୍ଯ୍ୟକ୍ରମକୁ ଟିକେ ନିଆରା କରିବା ଢଙ୍ଗରେ ସେ ଏଭଳି ଉପାୟ ଅବଲମ୍ବନ କରିଥିବା କୁହାଯାଉଛି। ଭଦ୍ରକ ସହରର ୧୨ନଂ. ୱାର୍ଡ କାଉନସିଲର ପ୍ରାର୍ଥୀ ଶିବଦାସ ରାୟ ସୋମବାର ସମର୍ଥକଙ୍କ ସହ ତାଙ୍କ ୱାର୍ଡର ରାସ୍ତା ଘାଟ ପରିଷ୍କାର କରିଥିଲେ। ଝାଡୁ ମାରିବା ଆଳରେ ସେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

# ସୁଲୋଚନାଙ୍କ ନାଁରେ ଚିଟ୍‌ଫଣ୍ଡ ଲିଙ୍କ୍ ଅଭିଯୋଗ ଆଣିଲା କଂଗ୍ରେସ

**ଭୁବନେଶ୍ୱର,୨୨ା୩(ବ୍ୟୁରୋ):** ପୌର ନିର୍ବାଚନ ମତଦାନକୁ ଗୋଟିଏ ଦିନ ବାକି ଥିବାବେଳେ ଭୁବନେଶ୍ୱର ମହାନଗର ନିଗମର ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସଙ୍କ ନାଁରେ ଚିଟଫଣ୍ଡ ଲିଙ୍କ୍ ଅଭିଯୋଗ ଆଣିଛି କଂଗ୍ରେସ। କଂଗ୍ରେସ ଏଭଳି ଅଭିଯୋଗ ଆଣି ସୁଲୋଚନାଙ୍କ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନ ଉଠାଇବା ସହ ବିଜେଡିକୁ ଟାର୍ଗେଟ୍ କରିଛି।

ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ର କହିଛନ୍ତି, ଭୁବନେଶ୍ୱରରେ ଏବେ ସ୍ପଷ୍ଟ ଦିବାଲୋକରେ ଲୁଟ, ହତ୍ୟା ଆଦି ବିଭିନ୍ନ ଅପରାଧ ଘଟୁଛି। ବଲାଙ୍ଗୀରରେ ଶାସକ ଦଳର ନେତାମାନେ ଏନ୍‌ଏସ୍‌ଏରେ ଗିରଫ ବ୍ୟକ୍ତିବିଶେଷଙ୍କୁ ଧରି ନିର୍ବାଚନ ପ୍ରଚାର କରୁଛନ୍ତି। କୋରାପୁଟର ଜୟପୁର ନିର୍ବାଚନମଣ୍ଡଳୀରେ ଶାସକ ଦଳର ପୂର୍ବତନ ମନ୍ତ୍ରୀଙ୍କ ଇଙ୍ଗିତରେ ଗୁଣ୍ଡାରାଜ ଚାଲିଛି। ପିପିଲିରେ କଂଗ୍ରେସର ନିର୍ବାଚନ କାର୍ଯ୍ୟାଳୟକୁ ପୋଡ଼ି ଦିଆଯାଇଛି। ସେହିଭଳି ଆପତ୍ତିଜନକ ଚିପ୍, ପେନ୍‌ଡ୍ରାଇଭ୍ ପାଇଁ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁଙ୍କୁ ହତ୍ୟା କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନାଙ୍କର ଚିଟ୍‌ଫଣ୍ଡ ଲିଙ୍କ ରହିଛି। ତେଣୁ ସେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଭୁବନେଶ୍ୱରବାସୀଙ୍କୁ କିଭଳି ନ୍ୟାୟ ଦେଇପାରିବେ ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ଅଭିଯୋଗ ନେଇ ସୁଲୋଚନା ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





















**ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ**

ଖଇରା/ଔପଦା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଫତେପୁରସ୍ଥିତ ଚିନ୍ତାମଣି ସଂସ୍କୃତ ମହାବିଦ୍ୟାଳୟ ଉପଶାସ୍ତ୍ରୀ(+୨) ପ୍ରଥମବର୍ଷ ଛାତ୍ରୀଙ୍କ ଲାଗି ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଆନନ୍ଦ କୁମାର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଭାବେ ଅଧାପକ ରମାରଞ୍ଜନ ପାଣିଗ୍ରାହୀ ଯୋଗଦେଇ ବର୍ତ୍ତମାନ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ସରକାରଙ୍କ ଏହି କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ପ୍ରାକ୍ତନ ଅଧାପକ ପ୍ରଭାକର ବିଶ୍ୱାଳ, ଅତିଥି ଅଧାପକ ଭରତ ଚନ୍ଦ୍ର ଦାସ, ତାଲିମଦାତ୍ରୀ କ୍ରିଷ୍ଣପ୍ରଭା ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ ।

## ସଂକ୍ଷେପରେ

### ପଥପ୍ରାନ୍ତ ସଭା, ରୋଡ୍ ଶୋ'ରେ ସରିଲା ପ୍ରଚାର

**ରାଇରଙ୍ଗପୁର,୨୨।୩(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦ ନିର୍ବାଚନ ଲାଗି ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ପଥପାନ୍ତ ସଭା ଓ ରୋଡ୍ ଶୋ' ମାଧମରେ ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହୋଇଥିଲେ। ଭାଜପା, ବିଜେଡି ଏବଂ ଜେଏମ୍ଏମ୍ ଆଦି ପ୍ରମୁଖ ୩ ରାଜନୈତିକ ଦଳ ପକ୍ଷରୁ ସହରାଞ୍ଚଳରେ ମାରାଥନ ପ୍ରଚାର କରାଯାଇଥିଲା। ଭାଜପା ପୌରାଧକ୍ଷ ପ୍ରାର୍ଥୀ ନବୀନ ରାମ ଏବଂ ୧୫ଟି ୱାର୍ଡର କାଉନସିଲର ପ୍ରାର୍ଥୀମାନଙ୍କ ସପକ୍ଷରେ ଟେଲି ଅଭିନେତ୍ରୀ କୁକିମ୍ ସ୍ୱାଇଁ ରୋଡ୍ ଶୋ' ମାଧମରେ ନିର୍ବାଚନ ପ୍ରଚାର କରିଥିଲେ। ଦଳୀୟ ବିଧାୟକ ନବଚରଣ ମାଝୀ ଏବଂ ଯୁବକର୍ମୀ ପ୍ରଚାରରେ ସାମିଲ ଥିଲେ। ମୋରଡା ବିଧାୟକ ରାଜ କିଶୋର ଦାସଙ୍କ ରୋଡ୍ ଶୋ' ମାଧମରେ ବିଜେଡି ପୌରାଧକ୍ଷ ପ୍ରାର୍ଥୀ ଅଭିଷେକ ପଟ୍ଟନାୟକ ଏବଂ ବିଭିନ୍ନ ୱାର୍ଡର ପ୍ରାର୍ଥୀମାନଙ୍କ ସକାଶେ ଭୋଟ ଭିକ୍ଷା କରିଥିଲେ। ଜେଏମ୍ଏମ୍ ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନ ଦଳୀୟ ପୌରାଧକ୍ଷା ପ୍ରାର୍ଥିନୀ ସାରଥୀ ମୁର୍ମୁ ଏବଂ କାଉନସିଲର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ପୌରାଧକ୍ଷ ପ୍ରାର୍ଥୀ ଭଜହରି ମହାନ୍ତଙ୍କ ସକାଶେ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଅନ୍ୟ କର୍ମକର୍ତ୍ତା ଭୋଟ ଭିକ୍ଷା କରିଥିଲେ।


### ୪ ବଖରା ଜଳିଗଲା

**ବନ୍ତ,୨୨।୩(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଟିଲୋ କୁଶବେଣ୍ଟି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କାର୍ତ୍ତିକେଶ୍ୱର ପାତ୍ରଙ୍କ ୨ ଓ ସୁରେଶ କୁମାର ପାତ୍ରଙ୍କ ୨ ବଖରା ଘର ଜଳି ଯାଇଛି। ଖବର ପାଇ ଆଗରପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ୯୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି। ବିଦ୍ୟୁତ୍ ସର୍ଟ୍‌ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି ।

# ଶେଷ ଦିନରେ ଶକ୍ତି ପ୍ରଦର୍ଶନ

**ବାରିପଦା ଅଫିସ,୨୨।୩**

ମୟୂରଭଞ୍ଜ ଜିଲା ବାରିପଦା ପୌର ନିର୍ବାଚନ ପ୍ରଚାରର ଅନ୍ତିମ ଦିବସରେ ପ୍ରାର୍ଥୀମାନେ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେଡି, ଭାଜପା, କଂଗ୍ରେସ, ଜେଏମ୍ଏମ୍ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜର ସମର୍ଥକଙ୍କ ସହିତ ରୋଡ୍ ଶୋ' କରିଥିଲେ। ବାଇକ୍ ରାଲିରେ ଦଳୀୟ ପତାକା ଧରି ପ୍ରାର୍ଥୀଙ୍କ ସମର୍ଥକମାନେ ଭୋଟ ଭିକ୍ଷା କରିଥିଲେ। ବିଜେଡି ପୌରାଧକ୍ଷ ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତିଙ୍କ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ସମ୍ପାଦକ ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ବିଧାୟକ ତଥା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଓ ଅଭିନେତାମାନେ ପ୍ରଚାରରେ ସାମିଲ ହୋଇଥିଲେ। ସେହିପରି ଭାଜପା ପ୍ରାର୍ଥୀ କବି ବିଷ୍ଣୁ ଶତପଥୀଙ୍କ ପାଇଁ ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା(ପୂର୍ବ) ସଭାପତି କାନ୍ଦରା ସୋରେନ, ପ୍ରାକ୍ତନ ମନ୍ତ୍ରୀ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସାରସକଣା ବିଧାୟକ ଡା.ବୁଡାନ ମୁର୍ମୁଙ୍କ ସମେତ କର୍ମକର୍ତ୍ତାମାନେ ରାଲିରେ ବାହାରି ମାରାଥନ ପ୍ରଚାର କରିଥିଲେ। କଂଗ୍ରେସ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲଙ୍କ ପାଇଁ ଜିଲା ସଭାପତି ହେମନ୍ତ ଦାସ, ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଅଂଶୁମାନ ଦାସ, ରାକେଶ ସିଂଙ୍କ ସମେତ କର୍ମକର୍ତ୍ତାମାନେ ପ୍ରଚାର କରିଥିଲେ।



ରୋଡ୍ ଶୋ'ରେ ବିଜେଡି ପୌରାଧକ୍ଷ ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତି ।

୧୭ନଂ. ୱାର୍ଡ କାଉନସିଲର ସ୍ୱାଧୀନ ପ୍ରାର୍ଥୀ କରୁଣାକର ହେମ୍ବ୍ରମଙ୍କ ନିର୍ବାଚନୀ ଚିହ୍ନ ଛତାକୁ ଧରି ମହିଳା ପୁରୁଷ ମାନେ ଅଭିନବ ଉପାୟରେ ୱାର୍ଡ ପରିକ୍ରମା କରିଥିଲେ।

## ଦ୍ୱନ୍ଦ୍ୱରେ ପ୍ରାର୍ଥୀ, ଭୋଟର

**ଯୋଡ଼ା,୨୨।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ନିର୍ବାଚନ ପ୍ରଚାର ମଙ୍ଗଳବାର ସରିବା ପରେ ପ୍ରାର୍ଥୀ ଓ ଭୋଟର ଉଭୟ ଦ୍ୱନ୍ଦ୍ୱରେ ଥିବା ପରିଲକ୍ଷିତ ହୋଇଛି। ବିଜେଡି ଉପସଭାପତି ଥିବା ରବୀନ୍ଦ୍ର କୁମାର ଦାସ ଦଳ ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧକ୍ଷ ପଦବୀ ପାଇଁ ନିର୍ବାଚନ ଲଢୁଥିବା ବେଳେ ବିଜେଡି ପକ୍ଷରୁ ଡା. ଜଗଦୀଶ ପ୍ରସାଦ ସାହୁ ,ଭାଜପା ପକ୍ଷରୁ ସୁଶାନ୍ତ କୁମାର ବେବର୍ତ୍ତା,ସ୍ୱାଧୀନ ଭାବେ ପୂର୍ବତନ ଯୋଡ଼ା ଉପ ନଗରପାଳ ସୁରେନ୍ଦ୍ରନାଥ ଜେନା, କଂଗ୍ରେସ ପକ୍ଷରୁ କରୁଣାକର ପାତ୍ର, ଟାଟା କମ୍ପାନୀ ଶ୍ରମିକ ସଂଘ ନେତା ରଞ୍ଜିତ ଦାସଙ୍କ ସମେତ ଜଣେ ମହିଳା ଦିବ୍ୟାଭାରତୀ ଘଣା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମଙ୍ଗଳବାର ଯୋଡ଼ାର ବନେଇ କଳା, କଳା ପାହାଡ଼ ତାରିଣୀ ବସ୍ତି, ତଲକ ହଟିଂ, ବାଚୁ ହଟିଙ୍ଗ ,ମୁଖାର୍ଜୀ ହଟିଙ୍ଗ, ଆଜାଦ ବସ୍ତି, କମାର ଯୋଡ଼ା ପ୍ରଭୃତି ସ୍ଥାନରୁ ଅବଲୋକନ କଲା ପରେ ଜଣାପଡ଼ିଥିଲା ଯେ,ଚଳିତ ନିର୍ବାଚନରେ ଭୋଟ ବିଭାଜନ ହେବା ଅବଶ୍ୟମ୍ଭାବୀ। ତେଣେ କଂଗ୍ରେସର ସ୍ଥିତି ଅତି ଦୁର୍ବଳ ଥିବାରୁ ସମୁଦାୟ ୧୪ଟି ୱାର୍ଡରୁ ମାତ୍ର ୭ଟି ୱାର୍ଡରେ ପ୍ରାର୍ଥୀ ଦେଇଛି। ଅବଶିଷ୍ଟ ୭ଟି ୱାର୍ଡର କଂଗ୍ରେସ ଭୋଟ ବିଭାଜନ ହେବା ନିଶ୍ଚିତ। ପୂର୍ବତନ ବିଜେଡି ଉପସଭାପତି ରବୀନ୍ଦ୍ର କୁମାର ଦାସଙ୍କ ସହିତ ବିଜେଡିର ଜଗଦୀଶ ପ୍ରସାଦ ସାହୁଙ୍କ ସିଧା ପ୍ରତିଦ୍ୱନ୍ଦ୍ୱିତା ହେବ। ଏହାର ଫାଇଦା ନେବାରେ ଭାଜପା ଅଙ୍କ କଷିବାରେ ଲାଗି ପଡ଼ିଛି। ବିଜେଡି ହେଭିୱେଟ ନେତାଙ୍କ ପ୍ରଚାର ଦଳୀୟ ସଂଗଠନକୁ ମଜଭୁତ କରୁଥିଲେ ହେଁ ପୁରୁଣା ବିଜେଡି ନେତା ରବୀନ୍ଦ୍ର କୁମାର ଦାସଙ୍କୁ ଭିତିରିଆ ସମର୍ଥନ ଦେଉଛନ୍ତି। ଯୋଡ଼ାରେ ଟାଟା କମ୍ପାନୀ କର୍ମଚାରୀ କଲୋନୀ ଭୋଟ ଅଧିକ ଥିବାରୁ ଏଥିରେ ମଧ ବିଭାଜନର ଆଶଙ୍କା କରାଯାଉଛି। ଚଳିତ ନିର୍ବାଚନରେ ଜିତିବା ଓ ହାରିବା ମଧରେ ଭୋଟ ବ୍ୟବଧାନ ବହୁ କମରହିବବୋଲିଭୋଟରମତଦେଇଛନ୍ତି।

# ବିକାଶଧାରା ବଜାୟ ରଖିବାକୁ ନିବେଦନ

**ବାଲେଶ୍ୱର ଅଫିସ, ୨୨।୩**

ବାଲେଶ୍ୱର ପୌର ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଏକ ବିଶାଳ ମୋଟରସାଇକେଲ ରାଲି ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଦଳୀୟ ଅଫିସରୁ ବାହାରିଥିଲା। ଦଳୀୟ ପୌରାଧକ୍ଷା ପ୍ରାର୍ଥିନୀ ସବିତା ସାହୁ ଓ ଅନ୍ୟ ସମସ୍ତ କାଉନସିଲର ପ୍ରାର୍ଥୀ ଏହି ବିଶାଳ ରାଲିରେ ସାମିଲ ହୋଇଥିଲେ । ଏହି ରାଲିରେ ହଜାର ହଜାର ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ। ଏହି ଜନସମୁଦ୍ର ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାମ ପାଇଁ, ଲୋକାଭିମୁଖୀ ଯୋଜନା ପାଇଁ। ଯାହାର ସୁଫଳ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚିଥିବା ଦର୍ଶାଉଥିବା ଜିଲା ସଭାପତି ଜେନା ପ୍ରକାଶ କରିଥିଲେ। ବାଲେଶ୍ୱର ସହରର ବିଭିନ୍ନ ବଜାର, ଛକ, କଲୋନୀରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରାଯାଇଥିଲା। ଏହି ରାଲିରେ ଓଲିଉଡ କଳାକାର ପ୍ରିୟଙ୍କା, ଲିସା, ସାତ୍ତ୍ୱିକ ମିଶ୍ର ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ଭୋଟ ଲାଗି ନିବେଦନ କରିଥିଲେ। ଏହି ରାଲି ମାଧମରେ ବିଜେଡି ନିଜର ସାଙ୍ଗଠନିକ ଦକ୍ଷତା ଦେଖାଇଥିଲା। ମୋଟର ସାଇକେଲ ରାଲିରେ ସଦର ବିଧାୟକ ସ୍ୱରୂପ ଦାସ, ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସିମନ ଦାସ, ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ, ନବର୍ନିବାଚିତ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଓ ହଜାର ହଜାର କର୍ମୀ ଯୋଗ ଦେଇଥିଲେ।

### ଶେଷ ଦିନରେ ବିଜେଡିର ବିଶାଳ ବାଇକ୍ ରାଲି



ବିଜେଡି ପକ୍ଷରୁ ବାହାରିଥିବା ବାଇକ୍ ରାଲି ।

## ଉପାଧକ୍ଷ ନିର୍ବାଚନ ଲାଗି ଛକାପଞ୍ଝା

### ବେତନଟୀ ପଞ୍ଚାୟତ ସମିତି

**ବୈଶିଙ୍ଗା,୨୨।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ପଞ୍ଚାୟତ ସମିତି ଉପାଧକ୍ଷା ନିର୍ବାଚନ ଲାଗି ଶାସକ ଦଳର ଦୁଇଗୋଷ୍ଠୀ ମଧରେ ଛକାପଞ୍ଝା ଲାଗିରହିଛି। ଉପାଧକ୍ଷ ପଦବୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହା ବହୁ ଗୁରୁତ୍ୱ ବହନ କରେ। ପ୍ରଥମ ପସନ୍ଦ ଭାବେ ପୁରୁଣିଆ ପଞ୍ଚାୟତର ସମିତି ସଭ୍ୟ ଦେବଦତ୍ତ ତିଆଡ଼ିଙ୍କ ନାମ ଚର୍ଚ୍ଚାରେ ରହିଥିଲା। ମାତ୍ର ସପକ୍ଷବାଦୀ ଓ ବିପକ୍ଷବାଦୀ ଗୋଷ୍ଠୀ ମଧରେ ବିବାଦ ଘନିଭୁତ ହେବାରୁ ବେତନଟୀ ପଞ୍ଚାୟତର ସମିତି ସଭ୍ୟ ରଣଜିତ ସିଂଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ପରବର୍ତ୍ତୀ ସମୟରେ ଏହି କାରଣରୁ ଦୁଇ ଗୋଷ୍ଠୀ ନିଜ ନିଜର ସପକ୍ଷରେ ଥିବା ନବ ନିର୍ବାଚିତ ସମିତି ସଦସ୍ୟା, ସଦସ୍ୟଙ୍କୁ ନେଇ ଅଜ୍ଞାତବାସକୁ ଚାଲି ଯାଇଥିବା ସୂଚନା ମିଳିଛି। ବୁଧବାର ନିର୍ବାଚନ ପରେ ସମସ୍ତ ଉତ୍କଣ୍ଠାର ଅବସାନ ଘଟିବ ବୋଲି କୁହାଯାଉଛି।

## ୨୩ ନଂ. ୱାର୍ଡ ବୁଲିଲେ ପ୍ରାର୍ଥିନୀ ମମତା



କଂଗ୍ରେସ ପ୍ରାର୍ଥୀ ମମତା ମହାନ୍ତିଙ୍କ ରୋଡ୍ ଶୋ।

**ବାସୁଦେବପୁର, ୨୨।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌର ପାଳିକାର କଂଗ୍ରେସର ଦବ୍‌ଦବା ପୂର୍ବରୁ ଥିବା ବେଳେ ଏହି ଧାରା ବଜାଇ ରଖିବାକୁ କଂଗ୍ରେସ ଦଳ ପ୍ରଚାରର ଶେଷ ଦିନରେ ସମସ୍ତ ପ୍ରକାର ରଣକୌଶଳ ପ୍ରସ୍ତୁତ କରି ବାଇକ୍ ରାଲି, ରୋଡ଼ ଶୋ କରି ନିଜର ଦମ୍ ଦେଖାଇଛି। କଂଗ୍ରେସ ପ୍ରାର୍ଥୀ ମମତା ମହାନ୍ତି ରୋଡ ଶୋ କରି ୨୩ ନଂ ୱାର୍ଡ ପରିକ୍ରମା କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ଦଳର ଏହି ରୋଡ ଶୋ'ରେ ଦଳର ନେତା ତଥା ପିସିସିର ସାଧାରଣ ସମ୍ପାଦକ ଅଶୋକ ଦାସ, ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ଯୁବନେତା ବିଜୟ ମହାନ୍ତିଙ୍କ ସମେତ ବିଭିନ୍ନ ୱାର୍ଡର ପୂର୍ବତନ କାଉନସିଲର, କାଉନସିଲ ପ୍ରାର୍ଥୀନୀ ପ୍ରାର୍ଥୀଙ୍କ ସମେତ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ସମର୍ଥକ ଏହି ରୋଡ୍ ଶୋ'ରେ ସାମିଲ ଥିଲେ।

### କଂଗ୍ରେସର ବାଇକ୍ ରାଲି



## ୧୦ ମିନିଟ୍‌ରେ ଖାଦ୍ୟ ଡେଲିଭରି କରିବ ଜମାଟୋ

ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ଫୁଡ୍ ଡେଲିଭରି କମ୍ପାନୀ ଜମାଟୋ ଏବେ ନିଜ ଗ୍ରାହକଙ୍କୁ ୧୦ ମିନିଟ୍‌ରେ ଡେଲିଭର ସୁବିଧା ଯୋଗାଇଦେବା ଦିଗରେ ପ୍ରୟାସ ଆରମ୍ଭ କରିଛି। କମ୍ପାନୀର ଫାଉଣ୍ଡର ଦୀପିନ୍ଦର ଗୋୟଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜମାଟୋର ପ୍ରଚଳିତ ୩୦ ମିନିଟ୍‌ର ହାରାହାରି ଡେଲିଭରି ସମୟସୀମା ଧୀମା ସୁବିଧା ଯୋଗାଉଥିବା ଆମେ ଅନୁଭବ କରିଥିଲୁ। ତେଣୁ ଯଦି ଆମେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ନ ଆଣିବୁ, ଅନ୍ୟ କୌଣସି କମ୍ପାନୀ ଏଥିରେ ପରିବର୍ତ୍ତନ ଆଣିପାରେ। ଫଳରେ ବ୍ୟବସାୟରେ ଆମକୁ କିଛି ସୁଫଳ ମିଳିବ ନାହିଁ। ତେଣୁ ଆମେ ନିଜ ବ୍ୟବସାୟର ବୃଦ୍ଧି କରିବା ପାଇଁ ଏହି ନୂଆ ବ୍ୟବସ୍ଥା ଆରମ୍ଭ କରିଛୁ ବୋଲି ଗୋୟଲ କହିଛନ୍ତି।

### ସଂକ୍ଷେପରେ

## ମହଙ୍ଗା ହେଲା ଟାଟା ମୋଟର୍ସ ଗାଡ଼ି

**ନୂଆଦିଲ୍ଲୀ,୨୨।୩:** ଟାଟା ଗ୍ରୁପ୍‌ର ଅଟୋମୋବାଇଲ କମ୍ପାନୀ ନିଜ ଗାଡ଼ିଗୁଡ଼ିକର ଦାମ୍ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ କମର୍ସିଆଲ୍ ଗାଡ଼ିଗୁଡ଼ିକର ଦର ୨.୫% ବୃଦ୍ଧି କରିବ। ଏହି ବର୍ଦ୍ଧିତ ଦର ଏପ୍ରିଲ ପହିଲାରୁ ଲାଗୁ କରାଯିବ। ଟାଟା ମୋଟର୍ସ ପକ୍ଷରୁ ଜାରି ହୋଇଥିବା ବୟାନ ଅନୁସାରେ ଗାଡ଼ିଗୁଡିକର ନିର୍ମାଣ ଖର୍ଚ୍ଚ ବୃଦ୍ଧି ହେଉଥିବାରୁ କମ୍ପାନୀ ପକ୍ଷରୁ ଦାମ୍ ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ଷ୍ଟିଲ୍ ସମେତ ଗାଡ଼ି ତିଆରି ପାଇଁ ବ୍ୟବହୃତ ଅନ୍ୟ ମ୍ୟାଟେରିଆଲର ଦରଦାମ ବୃଦ୍ଧି ଯୋଗୁ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଆଗାମୀ ଦିନରେ ଅନ୍ୟ ଅଟୋମୋବାଇଲ କମ୍ପାନୀଗୁଡ଼ିକ ମଧ ନିଜ ଗାଡ଼ି ଦର ବୃଦ୍ଧି କରିବା ସମ୍ଭାବନା ରହିଛି।

## ଶେୟାର ବଜାରରେ ଅସ୍ଥିର ମାହୋଲ, ସେନସେକ୍ସରେ ୧.୨୨% ବୃଦ୍ଧି

**ମୁମ୍ବାଇ,୨୨।୩:** ହୋଲି ପୂର୍ବରୁ ଭଲ ବ୍ୟବସାୟ ପରେ ଚଳିତ ସପ୍ତାହ ଆରମ୍ଭରେ ଅର୍ଥାତ୍ ସୋମବାର ଶେୟାର ବଜାରରେ ପୁଣି ମାନ୍ଦା ସ୍ଥିତି ଦେଖାଦେଇଥିଲା। ତେବେ ସପ୍ତାହର ୨ୟ କାରବାର ଦିବସ ମଙ୍ଗଳବାର ପୁଣିଥରେ ନିବେଶକଙ୍କ ପାଇଁ ଉତ୍ସାହ ନେଇ ଆସିଥିଲା। ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ଦେଖିବାକୁ ମିଳିଥିଲା। କାରବାର ଆରମ୍ଭରେ ଶେୟାର ବଜାରରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ଶେଷ ବେଳକୁ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ ମଙ୍ଗଳବାର ସେନ୍‌ସେକ୍ସରେ ୧.୨୨% ଅର୍ଥାତ୍ ୬୯୬.୮୧ ପଏଣ୍ଟ ବୃଦ୍ଧି ଘଟି ୫୭,୯୮୯ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୧୯୭.୯୦ ଅଙ୍କ ଅର୍ଥାତ୍ ୧.୧୬% ବୃଦ୍ଧି ହୋଇ ୧୭,୩୧୫.୫୦ରେ ବନ୍ଦ ହୋଇଛି। ଟେକ୍ ମହିନ୍ଦ୍ରା, ବିପିସିଏଲ୍, ଟାଟା ମୋଟର୍ସ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଆଇଓସି ଟପ୍ ଗେନର୍ସ ତାଲିକାରେ ଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଏଚ୍‌ୟୁଏଲ୍, ନେସ୍‌ଲେ ଇଣ୍ଡିଆ, ବ୍ରିଟାନିଆ ଇଣ୍ଡଷ୍ଟ୍ରି, ସିପ୍‌ଲା ଏବଂ ଡିଭିସ୍ ଲାବ୍ ରହିଛନ୍ତି।

# ୧୯,୧୧୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲେ ସରକାର

**ନୂଆଦିଲ୍ଲୀ,୨୨।୩**

ଭାରତର ବହୁଚର୍ଚ୍ଚିତ ତଥା ପଳାତକ ଘୋଷିତ ବିଜୟ ମାଲ୍ୟା, ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ୧୯,୧୧୧ କୋଟି ଟଙ୍କାର ସମ୍ପତ୍ତିକୁ ସରକାର ପର୍ଯ୍ୟାୟକ୍ରମେ ବାଜ୍ୟାପ୍ତ କରିବା ସହ ଆଇନଗତ ଲଢ଼େଇ ମଧ ଜାରି ରହିଛି ବୋଲି ମଙ୍ଗଳବାର କେନ୍ଦ୍ର ସରକାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ବିଶେଷକରି ବ୍ୟାଙ୍କ ଠକେଇ ଓ ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆଧାରରେ ଏହି ୩ ପଳାତକଙ୍କ ୧୯,୧୧୧.୨୦ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସରକାରଙ୍କ ପକ୍ଷରୁ ବାଜ୍ୟାପ୍ତ କରାଯାଇଛି। ଏପରିକି ୧୫,୧୧୩.୯୧ କୋଟି ଟଙ୍କାର ସମ୍ପତ୍ତି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡିକୁ ପ୍ରଦାନ କରାଯାଇଥିବା ବେଳେ ବଳକା ୩୩୫.୦୬

### ବିଜୟ ମାଲ୍ୟା, ନୀରବ ମୋଦି ,ମେହୁଲ ଚୋକ୍‌ସିଙ୍କ ଉପରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ



କୋଟି ଟଙ୍କାର ସମ୍ପତ୍ତି ଭାରତ ସରକାରଙ୍କ ବିଭିନ୍ନ ବିଭାଗ ଜବତ କରିଛନ୍ତି। ନିକଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ, ବିଜୟ ମାଲ୍ୟା, ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କଠାରୁ ମୋଟ ୧୮ ହଜାର କୋଟି ଟଙ୍କାର ସମ୍ପତ୍ତି ବ୍ୟାଙ୍କକୁ ଫେରି ଆସିଛି। ସେହିଭଳି ଭାରତ ସରକାର ବିଜୟ ମାଲ୍ୟାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ପ୍ରଚେଷ୍ଟା ମଧ ଚଳାଇଛନ୍ତି। ଅପରପକ୍ଷରେ ମାଲ୍ୟା ଲଣ୍ଡନରେ ରହିଥିଲା ବେଳେ ଭାରତ ସରକାର କେତେକ ଆଇନଗତ କାରଣରୁ ମାଲ୍ୟାକୁ ଭାରତ ଆଣିପାରୁ ନାହିଁ । ଫଳରେ ମାଲ୍ୟା ମଧ ଲଣ୍ଡନ କୋର୍ଟରୁ ଜାମିନରେ ଆସି ଆରାମରେ ଜୀବନ ଅତିବାହିତ କରୁଛନ୍ତି। ୨୦୧୯ଫେବୃୟାରୀରେ ବ୍ରିଟିଶ ସରକାର ମାଲ୍ୟାଙ୍କ ଭାରତ ପ୍ରତ୍ୟର୍ପଣକୁ ଅନୁମତି ପ୍ରଦାନ କରିଥିଲେ। ତେବେ ଏହାର ବିରୋଧକରି ମାଲ୍ୟା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିରେ ମାଲ୍ୟାଙ୍କୁ ବିଶେଷ ସଫଳତା ମିଳିନାହିଁ। ମାଲ୍ୟା ଏବେ ବ୍ରିଟେନରେ ରାଜନୈତିକ ଶରଣ ପାଇଁ ଆବେଦନ କରିପାରନ୍ତି। ମାଲ୍ୟା ବିଭିନ୍ନ ବ୍ୟାଙ୍କରୁ ୯୦୦୦ କୋଟି ଟଙ୍କାର ଋଣ ନେଇ ଏହାକୁ ପରିଶୋଧ ନ କରି ଦେଶରୁ ଫେରାର ହୋଇ ସୁଦୂର ଲଣ୍ଡନ ଚାଲିଯାଇଥିଲେ। ସେହିପରି ଦେଶର ପ୍ରମୁଖ ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ୧୩ ହଜାର କୋଟି ଟଙ୍କାର ଋଣ ନେଇ ଫେରାର ହୋଇଯାଇଛନ୍ତି।

# ସାଧାରଣ ଗାଡ଼ି ସହ ସମାନ ହେବ ଇଭି ଦର: ଗଡ଼କରୀ

**ନୂଆଦିଲ୍ଲୀ,୨୨।୩**



ଉଚ୍ଚ ଦର ଯୋଗୁ ଇଲେକ୍‌ଟ୍ରିକ୍ ଯାନ(ଇଭି) କ୍ରୟ କରିପାରୁ ନ ଥିବା ଲୋକଙ୍କ ପାଇଁ ଖୁସି ଖବର ରହିଛି। ଆଗାମୀ ଦୁଇବର୍ଷ ମଧ୍ୟରେ ପେଟ୍ରୋଲଚାଳିତ ଯାନବାହନ ଦର ସହିତ ସମାନ ମୂଲ୍ୟରେ ଇଭି ମିଳିବ ବୋଲି ମଙ୍ଗଳବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇଛନ୍ତି। ଉତ୍ତମ ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରୀନ୍ ଇନ୍ଧନର ପ୍ରଗତି ଯୋଗୁ ଇଭିର ଦରରେ ହ୍ରାସ ଘଟିବ। ଏହା ଦେଶର ଇଲେକ୍‌ଟ୍ରିକ୍ ଯାନ ବ୍ୟବହାର କ୍ଷେତ୍ରରେ ଏକ ଆଖିଦୃଶିଆ ପରିବର୍ତ୍ତନ ଆଣିବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ୨୦୨୨-୨୩ ପାଇଁ ଅନୁଦାନ ସମ୍ପର୍କରେ ଜବାବ ଦେବା ସମୟରେ ଗଡ଼କରୀ ଇଭିର ମାର୍କେଟ ପ୍ରବେଶ ଏବଂ ବ୍ୟବହାର ଉପରେ ଜୋର୍ ଦେଇଥିଲେ ଏବଂ ଏହାଦ୍ୱାରା ପରିବେଶରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଏହାଛଡ଼ା ସେ ଏମ୍‌ପିମାନଙ୍କ ନିଜ ଅଞ୍ଚଳରେ ସିୱେଜ୍ ପାଣିରୁ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତି ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେବା ସହ ହାଇଡ୍ରୋଜେନ୍ ଖୁବ୍ ଶୀଘ୍ର ସ୍ୱଳ୍ପ ମୂଲ୍ୟରେ ମିଳିପାରୁଥିବା ଏକ ବିକଳ୍ପ ଇନ୍ଧନରେ ପରିଗଣିତ ହୋଇପାରିବ ବୋଲି ଗଡ଼କରୀ ସୂଚନା ଦେଇଛନ୍ତି। ଏହାଛଡ଼ା ଲିଥିୟମ୍-ଆୟନ୍ ବ୍ୟାଟେରି ଦର ହ୍ରାସ ଘଟୁଥିବା ବେଳେ ଆମେ ଜିଙ୍କ୍, ଆଲୁମିନିୟମ୍, ସୋଡିୟମ୍ ଆୟନ ବ୍ୟାଟେରି ବିକଶିତ କରୁଛୁ। ତେଣୁ ସର୍ବାଧିକ ୨ବର୍ଷ ମଧ୍ୟରେ ଇଲେକ୍‌ଟ୍ରିକ୍ ସ୍କୁଟର, କାର୍, ସ୍କୁଟରଗୁଡ଼ିକର ଦାମ୍ ପେଟ୍ରୋଲଚାଳିତ ଯାନ ଦର ସହ ସମାନ ହୋଇପାରିବ। ବର୍ତ୍ତମାନ ଆମେ ଶତାଧିକ ଟଙ୍କା ବ୍ୟୟରେ ପେଟ୍ରୋଲ କ୍ରୟ କରି ଗାଡ଼ି ଚଳାଉଥିବା ସ୍ଥାନରେ ଇଭି ଚାଳନା ପାଇଁ ମାତ୍ର ୧୦ଟଙ୍କା ବ୍ୟୟ କରିବା ବୋଲି ଗଡ଼କରୀ ସୂଚନା ଦେଇଛନ୍ତି।

# ୧୪ ବିଲିୟନ ଲିଟର ଜଳ ରିସାଇକଲ କରିଛି ବେଦାନ୍ତ

**ନୂଆଦିଲ୍ଲୀ,୨୨।୩**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜଳ ଉପଯୋଗିତା ଉପରେ ଧ୍ୟାନଭିତ୍ତିକ ନିୟନ୍ତ୍ରଣ ସହ ପରିଚାଳନା ପାଇଁ ଉନ୍ନତ ପ୍ରଯୁକ୍ତିର ବ୍ୟବହାର କରାଯାଉଛି। ଫଳରେ କମ୍ପାନୀ ୨୦୨୧-୨୨ ଆର୍ଥିକ ବର୍ଷରେ (୨୦୨୨ ଜାନୁଆରୀ ଶେଷ ସୁଦ୍ଧା) ୧୪ ବିଲିୟନ ଲିଟର ଜଳର ରିସାଇକଲ କରିପାରିଛି। ବେଦାନ୍ତ ଆଲୁମିନିୟମର ଜଳ ନିରନ୍ତରତା ଉଦ୍ୟମ ଏହାର ଦୃଢ଼ ଜଳ ପରିଚାଳନା ନୀତି ଦ୍ୱାରା ପରିଚାଳିତ। ନିକଟରେ ୬ଷ୍ଠ ତମ ଜାତିସଂଘ ନିରନ୍ତରତା ବିକାଶ ଲକ୍ଷ୍ୟ 'ସ୍ୱଚ୍ଛ ଜଳ ଓ ପରିମଳ' ପ୍ରତି କମ୍ପାନୀର ରହିଥିବା ପ୍ରତିବଦ୍ଧତା ଅନୁଯାୟୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ୩ଟି ଉପାୟ ଅବଲମ୍ବନ କରି ଜଳର ପୁନଃ ବ୍ୟବହାର ବଢ଼ାଇବା, ସତେଜ ଜଳ ଉପଯୋଗିତା ହ୍ରାସ ଏବଂ କାର୍ଯ୍ୟକ୍ଷେତ୍ରରୁ ଶୂନ ତରଳ ପଦାର୍ଥ ନିର୍ଗମନକୁ ନିଶ୍ଚିତ କରି ଏହାର



ଜଳ ନିରନ୍ତରତା ଲକ୍ଷ୍ୟ ପୂରଣ କରିବାକୁ ଉଦ୍ୟମ କରାଯାଉଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ବିଜ୍‌ନେସ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଇଏସ୍‌ଜି (ପରିବେଶ, ସାମାଜିକ ଓ ପ୍ରଶାସନିକ)ରେ ଉତ୍କର୍ଷ ହେଉଛି ଭିତ୍ତିପ୍ରସ୍ତର ଯାହା ଉପରେ ଆମ ବ୍ୟବସାୟ ଯୋଜନାର ଆବିର୍ଭାବ ହୋଇଛି। ବିଶ୍ୱ ଜଳ ଦିବସରେ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳରେ ନିରନ୍ତର ଜଳ ଉପସ୍ଥିତିକୁ ନିଶ୍ଚିତ କରିବା ଲାଗି ଆମର ରହିଥିବା ଲକ୍ଷ୍ୟ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ। ଆମର ଲକ୍ଷ୍ୟ ଏହି ଭାବନାରେ ଅନ୍ତର୍ନିହିତ ରହିଛି ଯେ ଜଳ ହେଉଛି ଏକ ଭାଗବଣ୍ଟା ହେଉଥିବା ସମ୍ବଳ ଯାହା ପରିବେଶ ଓ ଆମ ଆଖପାଖ ଗୋଷ୍ଠୀର ନିରବଚ୍ଛିନ୍ନତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ ପରିଚାଳନାକୁ ଜଳ ସକାରାତ୍ମକ କରିବା ଦିଗରେ ଆମର ଯାତ୍ରା ଆମ ବ୍ୟବସାୟ ନିରନ୍ତରତାକୁ ନିଶ୍ଚିତ କରିବ ଏବଂ ସ୍ଥାନୀୟ ଗୋଷ୍ଠୀ ଓ ଜୈବ ବିବିଧତା ପାଇଁ ଅଧିକ ଜଳ ଉପଲବ୍ଧ କରାଇବ।

## ନାବାର୍ଡ ପକ୍ଷରୁ ୪୦୦୦ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର,୨୨।୩**

ଦେଶର ପ୍ରମୁଖ ତଥା ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଓଡ଼ିଶାର ବିକାଶ ପାଇଁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍) ଜରିଆରେ ୨୦୨୧-୨୨ ଆର୍ଥିକ ବର୍ଷରେ ୪,୦୧୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା କୁହାଯାଇଛି। ଏପରିକି ଏହାର ୬୫% ଅର୍ଥ ବା ପ୍ରାୟ ୨,୫୬୮ କୋଟି ଟଙ୍କା ରାଜ୍ୟର ଗ୍ରାମୀଣ ସଡ଼କ ଓ ପୋଲ ନିର୍ମାଣ ପାଇଁ ଦିଆଯାଇଛି। ଏହା ଜରିଆରେ ଓଡ଼ିଶାରେ ପ୍ରାୟ ୨୦୦୦ କିଲୋମିଟର ସଡ଼କ ଏବଂ ୧୭.୧୩ କିଲୋମିଟର ପୋଲ ମଧ ନିର୍ମାଣ କରାଯାଉଛି। ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହେବା ପରେ ରାଜ୍ୟର ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ଜଣାପଡ଼ିଛି।

## ଜିଡିପି ପୂର୍ବାନୁମାନରେ ହ୍ରାସ ଆଣିଲା ଫିଚ୍

**ନୂଆଦିଲ୍ଲୀ,୨୨।୩**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଉର୍ଜା ମୂଲ୍ୟରେ ବୃଦ୍ଧି ଘଟିବ ବୋଲି ରେଟିଂ ଏଜେନ୍ସି ଫିଚ୍ ପକ୍ଷରୁ ମଙ୍ଗଳବାର କୁହାଯାଇଥିବା ସହ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୧୦.୩% ରୁ ହ୍ରାସ ପାଇ ୮.୫% ହୋଇଯିବ ବୋଲି ଅନୁମାନ କରାଯାଇଛି। ଓମିକ୍ରମ୍ ଲହର ଶୀଘ୍ର ଶେଷ ହୋଇଯିବା ପରେ ବିଭିନ୍ନ ପ୍ରଭାବ ନିରୋଧ ନୀତିକୁ ଆଲୋଚନା କରିବା ପରେ ଆଗାମୀ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକ ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ(ଜିଡିପି)ରେ ୦.୬% ଅଙ୍କ ବୃଦ୍ଧି ଘଟି ୮.୭%ରେ ପହଞ୍ଚିବ ବୋଲି ମଧ ଏଜେନ୍ସି ଅନୁମାନ କରିଛି। ତେବେ ଉଚ୍ଚ ଉର୍ଜା ଦର ବୃଦ୍ଧି କାରଣରୁ ୨୦୨୨-୨୩ରେ ଦେଶର ଅଭିବୃଦ୍ଧି ଅନୁମାନରେ ୧.୮% ହ୍ରାସ ଘଟିଥିବା ଫିଚ୍ ନିଜ ମୁଦ୍ରାସ୍ଫୀତି ପୂର୍ବାନୁମାନ ସଂଶୋଧନ କରି କହିଛି । ଫିଚ୍ ଦ୍ୱାରା ପ୍ରକାଶିତ ବୈଶ୍ୱିକ ଆର୍ଥିକ ଆଉଟ୍‌ଲୁକ୍-ମାର୍ଚ୍ଚ ୨୦୨୦ରେ ଫିଚ୍ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍ ପରବର୍ତ୍ତୀ ପରିସ୍ଥିତି ଦେଶର ବିକାଶ ହ୍ରାସ କରି ମୁଦ୍ରାସ୍ଫୀତି ବଢ଼ାଇବ। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ରୁଷିଆ ଉପରେ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ଉର୍ଜା ଯୋଗାଣରେ ସଙ୍କଟ ସୃଷ୍ଟି କରିଛି। ଏହାଛଡ଼ା ତୈଳ ଏବଂ ଗ୍ୟାସ୍ ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ଆୟରେ ହ୍ରାସ ଦେଖାଦେବ। ତେଣୁ ବିଶ୍ୱ ଜିଡିପି ଅନୁମାନରେ ୦.୭% ହ୍ରାସ କରି ୩.୫% କରିଦେଇଛି ବୋଲି ଏଜେନ୍ସି କହିଛି।


### ଫୁରସତ୍

# ଆଜି ବିଶ୍ୱ ପାଣିପାଗ ଦିବସ



**ବି**ଶ୍ୱ ପାଣିପାଗ ଦିବସ ସମଗ୍ର ବିଶ୍ୱରେ ମାର୍ଚ୍ଚ ୨୩ରେ ପାଳନ କରାଯାଏ। ପାଣିପାଗ ବିଜ୍ଞାନରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତିବର୍ଷ ବିଶ୍ୱ ପାଣିପାଗ ଦିବସ ପାଇଁ ଏକ ଥିମ ସ୍ଥିର କରାଯାଇଥାଏ, ଯାହା ଉପରେ ବର୍ଷସାରା କାର୍ଯ୍ୟ କରାଯାଏ। ଚଳିତବର୍ଷ ଏହାର ଥିମ୍ ରହିଛି ପ୍ରାରମ୍ଭିକ ସତର୍କ ଏବଂ ପ୍ରାରମ୍ଭିକ କାର୍ଯ୍ୟ (Early Warning and Early Action)। ବିଶ୍ୱ ପାଣିପାଗ ବିଭାଗ(ଡବ୍ଲ୍ୟୁଏମ୍‌ଓ)ର ସର୍ବାଧିକ ନଜର ଜଳବାୟୁ ପରିବର୍ତ୍ତନ ଉପରେ ରହିଥାଏ। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଡ଼ ସମସ୍ୟାକୁ ରୋକିବାର ଏକ ଉତ୍ତମ ଉପାୟ ହୋଇପାରେ ବୋଲି ଚଳିତବର୍ଷ ଥିମ୍‌ରୁ ବୁଝାପଡ଼େ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଡବ୍ଲ୍ୟୁଏମ୍‌ଓର ଲକ୍ଷ୍ୟ। ୧୯୫୦ ମସିହାରେ ବିଶ୍ୱ ପାଣିପାଗ ବିଭାଗ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସୁଇଜରଲାଣ୍ଡର ଜେନେଭାରେ ଅଛି। ବିଶ୍ୱ ପାଣିପାଗ ସଂଗଠନରେ ମୋଟ ୧୯୩ ସଦସ୍ୟ ଦେଶ ଅଛନ୍ତି। ବନ୍ୟା, ମରୁଡ଼ି ଏବଂ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରିବାକୁ ଏହି ସଂଗଠନ କାର୍ଯ୍ୟ କରେ। ବିଶ୍ୱ ପାଣିପାଗ ଦିବସରେ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଲୋକଙ୍କୁ ପାଣିପାଗ ସମ୍ପର୍କିତ ବିଷୟରେ ଅବଗତ କରାଇବା ପାଇଁ ପ୍ରୟାସ କରାଯାଏ। ବିଶ୍ୱ ପାଣିପାଗ ଦିବସ ଦିନ ବିଦ୍ୟାଳୟ, କଲେଜ, କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମଧ ଆୟୋଜିତ ହୋଇଥାଏ।

## ବିରଳ ଦସ୍ତଖତ




**ଗୁଆହାଟୀ:** ଏକ ଦସ୍ତଖତର ଫଟୋ ଏବେ ସୋସିଆଲ ମିଡିଆରେ ଶେୟାର ହେବାରେ ଲାଗିଛି ଯାହା ଦସ୍ତଖତ କି ଚିତ୍ର ତାହା ବୁଝିବା କଷ୍ଟକର ହୋଇପଡ଼ିଛି। ଆଉ ଏବେ ଏହି ଦସ୍ତଖତକୁ ନେଇ ଟୁଇଟରରେ ମିମ୍ ମଧ ତିଆରି ହେବାରେ ଲାଗିଛି। ରମେଶ ନାମରେ ଜଣେ ସୋସିଆଲ ମିଡିଆ ୟୁଜର ଏହି ଫଟୋକୁ ଶେୟାର କରିଥିଲେ। ଭାଇରାଲ ହେଉଥିବା ଏହି ସିଗ୍‌ନେଚର୍ ଫଟୋ ଗୁଆହାଟୀ ମେଡିକାଲ କଲେଜର ଅର୍ଥୋପେଡିକ୍ ଡିପାର୍ଟମେଣ୍ଟ ରେଜିଷ୍ଟ୍ରରରୁ ଉତ୍ତୋଳନ କରାଯାଇଛି।

## ମଲାଇକାଙ୍କ ପ୍ରେରଣା ଅର୍ଜୁନ

**ମୁମ୍ବାଇ:** ବି' ଟାଉନ୍‌ରେ ଫିଟ୍‌ନେଶ୍ କଥା ଉଠିଲେ ଆଖି ଆଗକୁ ଚାଲିଆସନ୍ତି ମଲାଇକା ଅରୋରା। ୪୮ ବର୍ଷୀୟା ମଲାଇକା ନିଜ ଫିଟ୍‌ନେଶ୍ ଓ ଜିରୋ ଫିଗର୍ ପାଇଁ ଜଣାଯାଉଥିବାବେଳେ ଏଥିଲାଗି ସେ ତାଙ୍କର ସବୁ ଶ୍ରେୟ ବୟଫ୍ରେଣ୍ଡ ଅର୍ଜୁନଙ୍କୁ ଦେଇଛନ୍ତି। ମଲାଇକା ଇନଷ୍ଟାଗ୍ରାମରେ ଅର୍ଜୁନଙ୍କ ଏକ ଫଟୋ ଶେୟାର କରି 'ୟୁ ଆର୍ ମାଇଁ ଇନ୍‌ସ୍ପିରେଶନ୍' କ୍ୟାପ୍ସନ ଲେଖିଛନ୍ତି। ପ୍ରକୃତ କଥାଟି ହେଲା, ଜିମ୍‌ରେ ୱାର୍କଆଉଟ୍ କରୁଥିବାର ଏକ ଫଟୋ ଅର୍ଜୁନ କପୁର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଫଟୋ ଶେୟାର ହେବାର କିଛି ସମୟ ପରେ ମଲାଇକା 'ତୁମେ ମୋ ପ୍ରେରଣା' ଲେଖି ସେହି ଫଟୋକୁ ସୋସିଆଲ ମିଡିଆରେ ରିଶେୟାର କରିଥିଲେ। ଅର୍ଜୁନ କପୁର ଓ ମଲାଇକା ଅରୋରା ଏବେ ରିଲେଶନ୍‌ଶିପ୍‌ରେ ଅଛନ୍ତି। କିନ୍ତୁ ଏହି କଥାକୁ ସେମାନେ କେବେ ସର୍ବସମ୍ମୁଖରେ ସ୍ୱୀକାର କରି ନାହାନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରିବା ସହ ଅନେକ ସମୟରେ ଏକାଠି ହଲିଡେ ପାଳିବା ପାଇଁ ବିଦେଶ ଯାଉଥିବାର ମଧ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ସୋସିଆଲ ମିଡିଆରେ ଦୁହେଁ ପରସ୍ପରର ଫଟୋକୁ ଶେୟାର ସାଙ୍ଗକୁ ଦୁହେଁ ଦୁହିଁଙ୍କୁ ପ୍ରଶଂସା କରିବାର କୌଣସି ମଉକା ହାତଛଡ଼ା କରୁ ନାହାନ୍ତି। ମଲାଇକାଙ୍କ ସହ ସମ୍ପର୍କକୁ ନେଇ ଅର୍ଜୁନଙ୍କ ବାପା ବୋନି କପୁର ଅସୁଖି ଥିବାବେଳେ ଏ ନେଇ କପୁର ପରିବାରରେ କଳିଗୋଳ ଚାଲିଥିବା ଚର୍ଚ୍ଚା ମଧ ହେଉଛି।



## ଆଥ୍‌ଲେଟ ସାଜିଛନ୍ତି ଡେଲିଭରି ବୟ

**ପାଟନା:** ବିହାର ବୈଶାଳୀ ଜିଲାର ମୁକେଶ କୁମାର ତାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଡେଲିଭରି ବୟ ପାଲଟିଛନ୍ତି। ମୁକେଶ କହିଛନ୍ତି, ସେ ସ୍କୁଲ ସମୟରେ ହିଁ ଆଥଲେଟିକ୍ସରେ ଷ୍ଟେଟ୍ ଲେଭଲ ଖେଳି ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଥଲେଟିକ୍ସ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ଅଣ୍ଟା ଭିଡିଛନ୍ତି ମୁକେଶ। ଏଥିରେ ମୁକେଶଙ୍କୁ ତାଙ୍କର ଜଣେ ଶିକ୍ଷକ ସାହାଯ୍ୟ କରୁଥିବା ସେ କହିଛନ୍ତି। କରୋନା ସମୟରେ ଷ୍ଟାଡିୟମ୍ ବନ୍ଦ ଥିବାବେଳେ ସେ ଗଙ୍ଗାକୂଳରେ ଅଭ୍ୟାସ ଜାରି ରଖିଥିଲେ। ମୁକେଶଙ୍କ ବାପା ଜଣେ ଚାଷୀ ହୋଇଥିବାବେଳେ ଘରେ ସବୁବେଳେ ଅଭାବ ଲାଗିରହିଛି। ତେଣୁ ସେ ପରିବାରକୁ ସାହାଯ୍ୟ କରିବା ପାଇଁ ଜୋମାଟୋର ଡେଲିଭରି ବୟ ସାଜି ଟଙ୍କା ରୋଜଗାର କରୁଛନ୍ତି। ମୁକେଶଙ୍କ ଭଳି ତାଙ୍କ ଭଉଣୀ ଜଣେ ଷ୍ଟେଟ୍ ଲେଭଲ ଚାମ୍ପିୟନ, ସେ ଚାହାଁନ୍ତି କି ତାଙ୍କ ଭଉଣୀ ଆହୁରି ଖେଳି ସ୍ୱର୍ଣ୍ଣ ପଦକ ଜିତୁ।



## ବାଜା ବାଜିଲା, ସ୍କୁଲ ଗଲେ ନେତାଙ୍କ ଝିଅ

**ହାଇଦ୍ରାବାଦ:** ମହାମାରୀ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ବିଭିନ୍ନ ଅଞ୍ଚଳରେ ଏବେ ସ୍କୁଲଗୁଡ଼ିକ ଖୋଲିବାରେ ଲାଗିଛି। ଦୀର୍ଘ ତିନି ବର୍ଷ ପରେ ସ୍କୁଲ ଖୋଲାଯିବାକୁ ନେଇ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଉତ୍ସାହିତ। କିନ୍ତୁ ସ୍କୁଲ ଖୋଲିବାକୁ ନେଇ ହାଇଦ୍ରାବାଦର ଜୁବୁଲି ହିଲ୍ସର ପୂର୍ବତନ ବିଧାୟକ ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ ଅଧିକ ଖୁସି ଥିବା ଜଣାପଡ଼ିଛି। ଏହି କଂଗ୍ରେସ ନେତାଙ୍କ ଝିଅ ଜନଶ୍ରୀ ରେଡ୍ଡୀ ସୋମବାରଠାରୁ ସ୍କୁଲ ଯିବାକୁ ବାହାରିଥିବାବେଳେ ବିଷ୍ଣୁ ବର୍ଦ୍ଧନ ବ୍ୟାଣ୍ଡ ବାଜା ବଜାଇ ନୂଆ କାର୍‌ରେ ଝିଅକୁ ସ୍କୁଲ ପଠାଇଛନ୍ତି। ତେବେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରୁବୁଲୁଛି। ଭିଡିଓଟି ବହୁଳମାତ୍ରାରେ ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି। ୩ ବର୍ଷ ପରେ ଝିଅ ସ୍କୁଲ ଯିବାକୁ ସ୍ମରଣୀୟ କରିବା ପାଇଁ ପୂର୍ବତନ ବିଧାୟକ ଏ ପ୍ରକାର ଅଭିନବ ପ୍ରୟାସ କରିଥିବା ଗଣମାଧ୍ୟମକୁ କହିଛନ୍ତି। ହାଇଦ୍ରାବାଦର ଚିରେକ୍ ଇଣ୍ଟରନାଶନାଲ ସ୍କୁଲରେ ଜନଶ୍ରୀ ଅଷ୍ଟମ ଶ୍ରେଣୀରେ ପଢନ୍ତି। କରୋନା କାରଣରୁ ୫ମ, ୬ଷ୍ଠ ଏବଂ ୭ମ ଶ୍ରେଣୀ ତାଙ୍କୁ ଘରେ ରହି ପଢ଼ିବାକୁ ପଡ଼ିଥିଲା। ସଂକ୍ରମଣ କମିବା ପରେ ରାଜ୍ୟ ସରକାର ଅଫ୍ ଲାଇନ୍ ପଠପଢା ପାଇଁ ଅନୁମତି ଦେବା ପରେ ଏବେ ସ୍କୁଲଗୁଡ଼ିକ ଖୋଲାଯାଉଛି।



## ସଦ୍‌ଗୁରୁଙ୍କ ୩୦ ହଜାର କି.ମି. ବାଇକ୍ ଯାତ୍ରା

**ଲଣ୍ଡନ:** ମୃତ୍ତିକା ସଂରକ୍ଷଣ ବାର୍ତ୍ତା ପ୍ରଚାର କରିବା ପାଇଁ ୬୪ ବର୍ଷୀୟ ଯୋଗ ଗୁରୁ ସଦ୍‌ଗୁରୁ ଅଭିଯାନ ଆରମ୍ଭ କରିଛନ୍ତି। ଲଣ୍ଡନରୁ ଭାରତ ପର୍ଯ୍ୟନ୍ତ ପାଖାପାଖି ୩୦ ହଜାର କିଲୋମିଟର ବାଇକ୍ ଜରିଆରେ ସଦ୍‌ଗୁରୁ ମୃତ୍ତିକା ସଂରକ୍ଷଣ ବାର୍ତ୍ତା ପ୍ରଚାର କରିବେ। ଲଣ୍ଡନର ପାର୍ଲାମେଣ୍ଟ ସ୍କୋୟାରରୁ ସୋମବାର ଏହି ଅଭିଯାନ ଆରମ୍ଭ କରାଯାଇଥିବାବେଳେ ୧୦୦ ଦିନ ମଧ୍ୟରେ ଏହାକୁ ପୂରା କରିବାର ଆଶା ରଖାଯାଇଛି। ଅଭିଯାନରେ ସେ ବିଏମ୍‌ଡବ୍ଲ୍ୟୁ କେ୧୬୦୦ ଜିଟି ମୋଟରସାଇକେଲ ବ୍ୟବହାର କରିଛନ୍ତି। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଦିବସ ପାଳନ କରୁଥିବାବେଳେ ସଦ୍‌ଗୁରୁ ମୃତ୍ତିକା ସଂରକ୍ଷଣ ଅଭିଯାନକୁ ୧୦୦ ବଦଳରେ ୭୫ ଦିନରେ ସମ୍ପୂର୍ଣ୍ଣ କରିବାକୁ ଆଶା ରଖିଥିବା ସେ କହିଛନ୍ତି। ଖାଦ୍ୟ ପାଇଁ ଆମେ କୃଷି ଉପରେ ନିର୍ଭର କରୁ । ବିଗତ ଦିନଗୁଡ଼ିକରେ ମୃତ୍ତିକା କ୍ଷୟ ବୃଦ୍ଧି ପାଇଥିବାବେଳେ ୨୦୧ ବର୍ଷ ଭିତରେ ବିଶ୍ୱବ୍ୟାପୀ ୩ ଲକ୍ଷ କୃଷକ ପ୍ରାଣ ହରାଇଛନ୍ତି। ତେବେ ଏ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଆମକୁ ଏବେଠାରୁ ସତର୍କ ହେବାକୁ ପଡ଼ିବ ବୋଲି ସଦ୍‌ଗୁରୁ କହିଛନ୍ତି।



### ମୃତ୍ତିକା ସଂରକ୍ଷଣ ବାର୍ତ୍ତା

## ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ

ସଜନାଗଡ଼, (ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଭଉଁରିଆବାଡ଼ ପଞ୍ଚାୟତରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ଆଶ୍ରମ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ତାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ରାୟ ଛାତ୍ରୀଙ୍କ ପରିବାରକୁ ଖବର ଦେବା ସହ ପୂର୍ବାହ୍ନ ୧୧ଟାରେ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅପରାହ୍ନ ୩ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତ୍ୟୁ ସମୟରେ ଛାତ୍ରୀଙ୍କ ମାତା, ପିତା ଓ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।

# ୨୩ ବୋଲେରୋ, ପିକ୍‌ଅପ୍ ଜବତ: ୧୨ ଗିରଫ




ଗିରଫ ଅଭିଯୁକ୍ତମାନେ। ଜବତ ବୋଲେରୋ ପିକ୍‌ଅପ୍।

■ ପୋଲିସ କବ୍‌ଜାରେ ଆନ୍ତଃରାଜ୍ୟ ବୋଲେରୋ ଲୁଟେରା ଗ୍ୟାଙ୍ଗ

■ ୨ କୋଟି ଟଙ୍କାର ଗାଡ଼ି, ୧୫ ଲକ୍ଷର ସ୍ପେୟାର ପାର୍ଟସ୍ ଜବତ

**ବଲାଙ୍ଗୀର ଅଫିସ, ୨୨।୩**

ଆନ୍ତଃରାଜ୍ୟ ବୋଲେରୋ ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ସ୍ୱତନ୍ତ୍ର ସ୍କ୍ୱାଡ 'ଟିମ୍ ତୋଫାନ୍' ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୩ ବୋଲେରୋ, ପିକ୍‌ଅପ୍ ଭ୍ୟାନ୍, ଅଲ୍‌ଟୋ ଓ ଟାଟା ମାକ୍ସିମା ଜବତ୍ କରିଛି। ଲୁଟେରା ଗ୍ୟାଙ୍ଗର ୧୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୫ଅଭିଯୁକ୍ତ ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା କୁଲଥିପାଲିର ଦୁଇଭାଇ ଅନ୍ତର୍ଯ୍ୟାମୀ ଦଳାଇ ଓ ସତ୍ୟନାରାୟଣ ଦଳାଇ, ସୁମନ୍ତ ପ୍ରଧାନ, ବରଗଡ ଜିଲା ଭଟ୍‌ଲି ଛକର ସାହିଦ ହୁସେନ୍, କଳାହାଣ୍ଡି ଜିଲା କେସିଙ୍ଗାର ମଳୟ ମହାନନ୍ଦ, ରାୟଗଡା ଜିଲା ଗୁଣପୁରର ଦିଲୀପ କୁମାର ସେନାପତି, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କୁଟୁରୁପରାପରମର ନାରାୟଣ ରାଓ, ଏ.ଚାଇନା ରାଓ, ଦେଓଗାଁ ଥାନା ବୁଡାବାହାଲର ପଞ୍ଚାନନ ଖମାରୀ, ଛତାପିପଲର ସୁରେନ୍ଦ୍ର ଖଣ୍ଡଗିରି, ଲୋଇସିଂହା ଥାନା ବୁର୍ଡାର ରାଧାମାଧବ ବଣିଆ, କେସିଙ୍ଗା ଥାନା ଉତ୍‌କେଲାର ସିଦ୍ଧାନ୍ତ କୁମାର ସାହୁ। ଏମାନଙ୍କ ଭିତରେ ଲୁଟେରା, ମଧ୍ୟସ୍ଥ ଏବଂ ଚୋରି ଗାଡ଼ି ଓ ସ୍ପେୟାର ପାର୍ଟସ୍ କ୍ରେତା ରହିଛନ୍ତି। ତଦନ୍ତ ପରେ ଉପରୋକ୍ତ ଲୁଟେରାମାନେ ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ, କଳାହାଣ୍ଡି ଜିଲାର ବିଭିନ୍ନ ଥାନାରେ ୫୨ଟି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ବିଭିନ୍ନ ଚୋରି ଓ ଲୁଟ୍ ମାମଲାରେ ଏକକାଳୀନ ଏତେ ସଂଖ୍ୟକ ଗାଡି ଜବତ ହେବା ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି। ଏସ୍‌ପି ନୀତିନ କୁଶଲକର ଏନେଇ ମଙ୍ଗଳବାର ବଲାଙ୍ଗୀର ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଗତ ପ୍ରାୟ ୧ ବର୍ଷ ମଧ୍ୟରେ ବଲାଙ୍ଗୀର ଜିଲାର ବିଭିନ୍ନ ଥାନାରେ ବୋଲେରୋ, ପିକ୍‌ଅପ୍ ଭ୍ୟାନ୍ ଚୋରି ସହ ଗାଡ଼ି ସ୍ପେୟାର ପାର୍ଟସ୍ ଚୋରି ହୋଇଥିବା ରିପୋର୍ଟ ହୋଇଥିଲା। ଏହାପରେ ଏସ୍‌ପି ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ବଲାଙ୍ଗୀର ଏବଂ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ, କଳାହାଣ୍ଡି ଜିଲାରେ ଏକ ଆନ୍ତଃରାଜ୍ୟ ବୋଲେରୋ ପିକ୍‌ଅପ୍ ଏବଂ ସ୍ପେୟାର ପାର୍ଟସ୍ ଚୋରି ର୍‍ୟାକେଟ ସକ୍ରିୟ ଥିବା ଜାଣିବାକୁ ପାଇଥିଲା। ତଦନ୍ତ ସମୟରେ ପୁଇଁତଲା ଥାନା କୁଲଥିପାଲିର ଦଳାଇ ବ୍ରଦର୍ସଙ୍କ ସମେତ ତିନିଜଣଙ୍କ ସହ କେସିଙ୍ଗାର ଜଣେ ଫାଇନାନ୍ସ କମ୍ପାନୀ ଏଜେଣ୍ଟ ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନଙ୍କୁ ଜେରା କରାଯିବା ପରେ ପଶ୍ଚିମ ଓଡ଼ିଶାରୁ ବର୍ଷକ ଭିତରେ ୩୦ଟି ବୋଲେରୋ, ପିକ୍‌ଅପ୍ ଓ ଅନ୍ୟାନ୍ୟ ଗାଡ଼ି ଚୋରି କରି ଚାଲାଣ କରାଯାଇଥିବା ଜଣାପଡ଼ିଥିଲା। ଏହାପରେ ସଦର ଏସ୍‌ଡିପିଓ ବାଗଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ରାଜ୍ୟର ବିଭିନ୍ନ ଜିଲା ତଥା ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲାକୁ ଯାଇ ୨୩ଟି ଗାଡ଼ି ଜବତ କରିଛି। ଏଥିରେ ୧୧ଟି ପିକ୍‌ଅପ୍ ଭ୍ୟାନ୍, ୭ ବୋଲେରୋ, ଗୋଟିଏ ଅଲ୍‌ଟୋ କାର, ୩ଟି ପିକ୍‌ଅପ୍ ହାଫ୍ କଟ୍ ଗାଡ଼ି ଓ ଗୋଟିଏ ଟାଟା ମାକ୍ସିମା ଜବତ କରାଯାଇଛି। ଏହା ସହିତ ବିଭିନ୍ନ ସ୍ପେୟାର ପାର୍ଟସ୍ ଦୋକାନରୁ ସିନ୍ଧିଚୋରି କରିଥିବା ୧୫ ଲକ୍ଷ ଟଙ୍କାର ସ୍ପେୟାର ପାର୍ଟସ୍ ଟାୟାର, ଟିଉବ୍, ଫିଲଟର, ଗିଅର ଅଏଲ, ମୋବିଲ ଜବତ କରାଯାଇଛି। ଜବତ ୨୩ଟି ଗାଡ଼ିର ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ପି କୁଶଲକର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍ୱାମୀଙ୍କ ଦଶାହରେ ଆଖି ବୁଜିଲେ ସ୍ତ୍ରୀ

**ବିଜୟୀ ସମିତି ସଭ୍ୟ ପ୍ରାର୍ଥୀଙ୍କର ଟାହିଟାପରା ସହି ନ ପାରି ବିଷ ପିଇଥିଲେ**

ପଦ୍ମପୁର, ୨୨।୩(ଡି.ଏନ.ଏ.): ସ୍ୱାମୀଙ୍କ ଦଶାହରେ ଆଖି ବୁଜିଛନ୍ତି ସ୍ତ୍ରୀ। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବଡ଼ଅଗାପୁର ଗ୍ରାମରେ। ସମିତିସଭ୍ୟା ପ୍ରାର୍ଥିନୀ ସୁମତି ପରିଡ଼ା ପଞ୍ଚାୟତ ନିର୍ବାଚନରେ ଲଢ଼ି ପରାସ୍ତ ହୋଇଥିଲେ। ଏନେଇ ବିଜୟୀ ପ୍ରାର୍ଥୀଙ୍କର ଟାହିଟାପରାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଗତ ୧୩ ତାରିଖ ରାତିରେ ସୁମତୀ ଉତ୍ତ୍ୟକ୍ତ



ହୋଇ ବିଷ ପିଇ ଦେଇଥିବାବେଳେ ତାଙ୍କ ସ୍ୱାମୀ ରମାକାନ୍ତ ନିଜ ଘରେ ବେକରେ ରଶି ଲଗାଇ ଦେଇଥିଲେ। ରମାକାନ୍ତଙ୍କୁ ଚିକିତ୍ସା ପାଇଁ ଭଦ୍ରକ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁ ହୋଇଛି। ସୁମତି ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

### ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ଆନନ୍ଦପୁର/କେନ୍ଦୁଝର/ଭଦ୍ରକ ଅଫିସ,୨୨।୩(ସ୍ୱ.ପ୍ର.): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ଶାସିନୀଙ୍କ ଘର ଓ ଅଫିସ ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଦକ୍ଷିଣାଞ୍ଚଳ ମୁର୍ମୁ, କେନ୍ଦୁଝର ଭିଜିଲାନ୍ସ ବିଭାଗ ପକ୍ଷରୁ ଦୈତାରୀ ଘଡେଇ, ହେମାମାଳିନୀ ନାଇକଙ୍କ ସହିତ ଏକ ୯ଜଣିଆ ଟିମ୍ ମଙ୍ଗଳବାର ସକାଳେ ସହକାରୀ ଯନ୍ତ୍ରୀ ଶାସିନୀଙ୍କ ଆନନ୍ଦପୁର ସରକାରୀ ବାସଭବନରେ ରେଡ୍ କରିଥିଲେ। ଏହା ସହିତ ଭଦ୍ରକ ସହରର ଅପର୍ତ୍ତିବିନ୍ଧା ସ୍ଥିତ ପୈତୃକ ବାସଭବନ, ହାଟଡିହୀର ବେତୀରା, ଯାଜପୁର, ଭୁବନେଶ୍ୱର ଆଦି ୮ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିବା ସୂଚନା ମିଳିଛି। ଭୁବନେଶ୍ୱର, ଯାଜପୁର, କେନ୍ଦୁଝର ଓ ଆନନ୍ଦପୁର ଅଞ୍ଚଳରେ ତାଙ୍କର ୧୧ଟି ପ୍ଲଟ ରହିଛି। ଚଢ଼ାଉ ବେଳେ ପାଖାପାଖି ୫ଶହ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଥିବା ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

## ୩୦ ଜିଲାର ବାର୍ ଆସୋସିଏସନ ପାଇଁ ଇ-ପାଠାଗାର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

**କଟକ ଅଫିସ,୨୨।୩**

ରାଜ୍ୟର ୩୦ ଜିଲାର ବାର୍ ଆସୋସିଏସନ ପାଇଁ ଇ-ପାଠାଗାର, କୋରାପୁଟ ଓ ରାଉରକେଲାରେ ୨ଟି ଆଉଟଲେଇଙ୍ଗ ଷ୍ଟେଶନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚ୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଉକ୍ତ ଇ-ପାଠାଗାରରେ ଅଲ୍ ଇଣ୍ଡିଆ ରିପୋର୍ଟର (ଅନ୍‌ଲାଇନ୍), ମନୁପାତ୍ର ଏବଂ ଓଡ଼ିଶା ଲ ଟାଇମ୍ସ ଦ୍ୱାରା ସିଡୀ ବ୍ୟବସ୍ଥା କରାଯାଇଛି। ଆଇନଜୀବୀମାନେ ଦୈନନ୍ଦିନ ସର୍ବୋଚ୍ଚ ଅଦାଲତଙ୍କ ରାୟ ସମ୍ପର୍କରେ ଜାଣିବା ପାଇଁ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ମୁଖ୍ୟ ବିଚାରପତି ଆଲୋକପାତ କରିଥିଲେ। ଏହି ଇ-ପାଠାଗାର ବ୍ୟବସ୍ଥା ଦ୍ୱାରା ବୃତ୍ତିଗତ ଜୀବନରେ ଆଇନଜୀବୀମାନେ ଲାଭବାନ ହେବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଅରିନ୍ଦମ୍ ସିହ୍ନା, ଅଲ୍ ଓଡ଼ିଶା ବାର୍ ଆସୋସିଏସନ ସଭାପତି ନିର୍ମଳ କିଶୋର ରଥଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି ଯୋଗଦେଇଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଆନ୍ଧ୍ରା Andhra | Corporation
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩
**ସଂଶୋଧନ ପତ୍ର**
ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା.୦୮.୦୩.୨୦୨୨ରିଖରେ ପ୍ରକାଶିତ ଆମର ସୁନା ନିଲାମ ବିଜ୍ଞପ୍ତିରେ କଟକ ଓଏସବିସି ଶାଖା ଓ ପାରାଦୀପ ଇସିବି ଶାଖା ପରିସରରେ ତା.୨୪.୦୩.୨୦୨୨ରିଖରେ ଅନୁଷ୍ଠିତ ହେବାକୁ ଥିବା ବନ୍ଧକ ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ ତାରିଖ ତା.୨୫.୦୩.୨୦୨୨ ରିଖକୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।
ତାରିଖ: ୨୨.୦୩.୨୦୨୨ ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଏଣିକି ଦେଶରେ ଏକକ ପ୍ରବେଶିକା ପରୀକ୍ଷା

■ ଏପ୍ରିଲ ପ୍ରଥମ ସପ୍ତାହରେ ଆବେଦନ

■ ଜୁଲାଇ ପ୍ରଥମ ସପ୍ତାହରେ ପରୀକ୍ଷା

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଏଣିକି କଲେଜରେ ନାମଲେଖା ପାଇଁ ସାରା ଦେଶରେ ଏକକ ପ୍ରବେଶିକା ପରୀକ୍ଷା ହେବ। ଆଉ ଦ୍ୱାଦଶ ଶ୍ରେଣୀର ମାର୍କ ଭିତ୍ତିରେ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇବାକୁ ଅନୁମତି ମିଳିବ ନାହିଁ। ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାକୁ ଅଣ୍ଡର ଗ୍ରାଜୁଏଟ୍ (ୟୁଜି) ୧୦୦% କଟ୍ ଅଫ୍ ମାର୍କ ଧାର୍ଯ୍ୟ କରୁଥିବାରୁ ୟୁଜିସି ପକ୍ଷରୁ ଏକକ ପ୍ରବେଶିକା ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ୟୁଜିସି ମୁଖ୍ୟ ଏମ୍. ଜଗଦେଶ କୁମାର ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କମନ ୟୁନିଭର୍ସିଟି ଏଜୁକେଶନ ଟେଷ୍ଟ (ସିୟୁଇଟି) ଜୁଲାଇ ମାସର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। କାରଣ ସେହି ସମୟରେ ପ୍ରାୟ ସବୁ ବୋର୍ଡର ଦ୍ୱାଦଶ ପରୀକ୍ଷା ଶେଷ ହୋଇଯାଇଥିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟା ଏପ୍ରିଲ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମ ଆଧାରରେ ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନ ପଡ଼ିବ। ପିଲାଙ୍କୁ କମ୍ପ୍ୟୁଟରଭିତ୍ତିକ ମଲ୍‌ଟିପୁଲ ଚଏସ୍ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ସେହିପରି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ୟୁଜିସି ମୁଖ୍ୟ କହିଛନ୍ତି, ପ୍ରବେଶିକା ପରୀକ୍ଷା ପାଇଁ ପିଲାଙ୍କୁ ସ୍ୱତନ୍ତ୍ର ଭାବେ କମ୍ପ୍ୟୁଟର ସମ୍ପର୍କରେ ଅଧିକ ଜ୍ଞାନ ହାସଲ କରିବାର କୌଣସି ଆବଶ୍ୟକ ନାହିଁ। ଆଜିର ଯୁଗରେ ପ୍ରାୟ ସମସ୍ତେ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି। ସେମାନେ ପରୀକ୍ଷା କେନ୍ଦ୍ରକୁ ଯିବେ ଓ ମାଉସ୍ ଦ୍ୱାରା ମଲ୍‌ଟିପୁଲ ଅପ୍‌ସନ୍ ମଧ୍ୟରୁ ଠିକ୍ ଉତ୍ତରରେ କେବଳ କ୍ଲିକ୍ କରିବେ। ସେ ଆହୁରି କହିଛନ୍ତି, ଦେଶର କିଛି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଅଣ୍ଡର ୟୁଜି ପାଠ୍ୟକ୍ରମ ପାଇଁ ୧୦୦% କଟ୍‌ଅଫ ମାର୍କ

**ୟୁଜି ନାମଲେଖା**

ଧାର୍ଯ୍ୟ କରିବା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ସବୁ ପିଲାଙ୍କୁ ସୁଯୋଗ ଦେବା ପାଇଁ ଏକକ ପ୍ରବେଶିକା ପରୀକ୍ଷାର ବ୍ୟବସ୍ଥା କରାଯାଉଛି। ପିଲାମାନେ କେବଳ ଦ୍ୱାଦଶ ଶ୍ରେଣୀରେ ଅଧିକ ମାର୍କ ରଖିବାକୁ ଚେଷ୍ଟା କରିବା ଅପେକ୍ଷା ଏଣିକି ଅଧିକ ଜ୍ଞାନ ହାସଲ କରିବାକୁ ପ୍ରୟାସ କରିବେ। ଏହି ଏକକ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ଆୟୋଜନ କରାଯିବ। ଏକକ ପ୍ରବେଶିକା ପରୀକ୍ଷା ବର୍ତ୍ତମାନ ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ବାଧ୍ୟତାମୂଳକ। ଏଥିସହ ୟୁଜିସି ପକ୍ଷରୁ ସମସ୍ତ ରାଜ୍ୟ, ସରକାରୀ ଅନୁମୋଦିତ ସଂସ୍ଥା ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ନାମ ଲେଖାଇବା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଆୟୋଜନ କରିବାକୁ କୁହାଯାଇଛି। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଯେକୌଣସି ଛାତ୍ରୀଛାତ୍ର ଏକକ ପ୍ରବେଶିକା ଦେଇପାରିବେ। ତେବେ ବିଶ୍ୱବିଦ୍ୟାଳୟଗୁଡ଼ିକ ନାମଲେଖାର ମାନଦଣ୍ଡ ପାଇଁ ଦ୍ୱାଦଶ ଶ୍ରେଣୀର ମାର୍କଶିଟ୍‌କୁ ବିଚାରକୁ ନେଇପାରିବେ। ଏହାର ଅର୍ଥ ଯଦି ବିଶ୍ୱବିଦ୍ୟାଳୟଗୁଡ଼ିକ ଏକକ ପ୍ରବେଶିକା ପରୀକ୍ଷା ନିୟମକୁ ଆପଣାଉଛନ୍ତି, ତା'ହେଲେ ସେମାନେ ମୁକ୍ତ ଭାବେ ଦ୍ୱାଦଶ ଶ୍ରେଣୀ ମାର୍କ ଆଧାରରେ ନାମଲେଖା ପାଇଁ ବେଞ୍ଚମାର୍କ ପ୍ରସ୍ତୁତ କରିପାରିବେ। ପ୍ରବେଶିକା ପରୀକ୍ଷା ଯୋଗୁ ବିଶ୍ୱବିଦ୍ୟାଳୟରେ ଥିବା ସଂରକ୍ଷିତ ସିଟ୍‌ଗୁଡ଼ିକ ଉପରେ ମଧ୍ୟ କୌଣସି ପ୍ରଭାବ ପଡ଼ିବ ନାହିଁ। ପ୍ରବେଶିକା ପରୀକ୍ଷା ଆଧାରରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସାଧାରଣ ଓ ସଂରକ୍ଷିତ ବର୍ଗରେ ପିଲାଙ୍କୁ ନାମ ଲେଖାଇବାକୁ ଅନୁମତି ଦେଇପାରିବେ ବୋଲି ଜଗଦେଶ କୁମାର କହିଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/PJ/O/SU/ 95**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
**Rate Contract for Supply of 25KVA & 63KVA, 11/0.433KV, 3-Ø, Al wound BIS Energy Efficiency Lev-II Rating Distribution Transformer.**
Interested bidders to submit Tender Participation Fee and Authorization Letter through email on or before **31st March 2022, 15:00Hrs**, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
**Sd /- Chief-Contracts and Stores**

ପ୍ରଥମ ପୃଷ୍ଠାରୁ...

### ଏମ୍‌ସିଏଲ୍ କୋଇଲା ...

ଗଙ୍ଗାଧର ପାଲି ଅଭିଯୋଗ କରିବା ପରେ ପୋଲିସ ବେଲପାହାଡ ଥାନା କେସ୍ ନଂ୬୬/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଏମ୍‌ସିଏଲ୍ ଅଭିଯୋଗରେ ପୋଲିସ ମାମଲା ରୁଜୁ କରିଥିବାବେଳେ ଗ୍ରାମବାସୀଙ୍କ ଅଭିଯୋଗରେ କାହିଁକି କେସ୍ ନ କରି ଷ୍ଟେଶନ ଡାଇରି କରିଛି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏ ନେଇ ଆଇଆଇସି ରଞ୍ଜନ ବିଶ୍ୱାଳ କହିଛନ୍ତି, ବିସ୍ଫୋରଣରେ ଯଦି ଘର ଭାଙ୍ଗିଛି ତା'ହେଲେ କମ୍ପାନୀ ତରଫରୁ କ୍ଷତିପୂରଣ ଦିଆଯିବ, ତାଙ୍କ ନାମରେ କେସ୍ ହେବ ନାହିଁ।

### ୮ ଜଣଙ୍କୁ ...

ଭାବେ ଅଭିହିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ଲୋଡ଼ିଛି। ରାଜ୍ୟର ସଂସଦୀୟ ବ୍ୟାପାର ମନ୍ତ୍ରୀ ପାର୍ଥ ଚାଟାର୍ଜୀ ବିଧାନସଭାରେ କହିଛନ୍ତି, ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ୱାଭାବିକ ସ୍ଥିତି ଫେରାଇଆଣିବା ପାଇଁ ଉଦ୍ୟମ ଚାଲିଛି। ଟିଏମ୍‌ସି ସାଧାରଣ ସମ୍ପାଦକ କୁନାଲ ଘୋଷ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଅଗ୍ନିକାଣ୍ଡ ଆକସ୍ମିକ ଥିଲା। ପ୍ରଶାସନ ପକ୍ଷରୁ ଜରୁରୀ ପଦକ୍ଷେପ ନିଆଯାଇଛି। ଏସ୍‌ଡିପିଓ ଏବଂ ରାମପୁରହାଟ ଥାନାଧିକାରୀଙ୍କୁ କାର୍ଯ୍ୟରୁ ହଟାଇଦିଆଯାଇଛି। ଇତିମଧ୍ୟରେ କେତେଜଣ ଭାଜପା ସପକ୍ଷବାଦୀ ଆଇନଜୀବୀ ଘଟଣାର ସିବିଆଇ ତଦନ୍ତ ଦାବିକରି କାଲକାଟା ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଟିଏମ୍‌ସି ବିଧାୟକ ଫରହାଦ ହାକିମ୍‌ଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛି। ରାଜ୍ୟପାଳ ଜଗଦୀପ ଧନକର ଏହି ହିଂସାକୁ 'ଗୃହଦାହ ସଉକ' କହି ନିନ୍ଦା କରିଛନ୍ତି।

### ଚିଲିକା ବିଧାୟକ ...

କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ବାଣପୁରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ହେଲେ ସେ କୋର୍ଟରୁ ବାହାରିବା ପରେ ଅସୁସ୍ଥ ଅନୁଭବ କରୁଥିବା କହିବାରୁ ଜଗଦେବଙ୍କୁ ଏକ ଆମ୍ବୁଲାନ୍‌ସ ଦ୍ୱାରା ବାଣପୁର ନିଆଯାଇଥିଲା। ରାତି ପ୍ରାୟ ସାଢ଼େ ୯ଟାରେ ତାଙ୍କୁ ବାଣପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି) ସିଦ୍ଧାର୍ଥ ଶଙ୍କର ସେନାପତିଙ୍କ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୨ତାରିଖରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଥିଲା। ୧୭ ପଞ୍ଚାୟତରୁ ୧୨ଜଣ ଭାଜପା ସମର୍ଥିତ ଏବଂ ୫ବିଜେଡି ସମର୍ଥିତ ପ୍ରାର୍ଥୀ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ଆଗରେ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢେ ୧୦ଟାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ନିଜେ କାର ଡ୍ରାଇଭିଂ କରି ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ପ୍ରବଳ ଭିଡ଼ ଥିବାରୁ ପୋଲିସ ତାଙ୍କୁ ପ୍ରଥମେ ଅଟକାଇଥିଲା। ହେଲେ ସେ ନ ମାନି ଗାଡ଼ିକୁ ଜବରଦସ୍ତ ଭିଡ଼ ଭିତରକୁ ନେଇଥିଲେ। ଭିଡ଼ ଭିତରେ ବିଧାୟକଙ୍କ ଗାଡ଼ି ପଶିବାରୁ ସେଠାରେ ଲୋକମାନେ ବିରୋଧ କରିଥିଲେ। ଏଥିରେ ବିଧାୟକ ରାଗିଯାଇ କାର୍ ଆଗରେ ଠିଆ ହୋଇଥିବା ପୋଲିସ ଓ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ଏବଂ ଶେଷରେ ଏକ ଗଛରେ ଗାଡ଼ିକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଣପୁର ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ସମେତ ୧୦ଜଣ ପୋଲିସ କର୍ମଚାରୀ, ୧୫ଜଣ ଭାଜପା କର୍ମୀ ଏବଂ ୨ଜଣ ଖବରଦାତା ଗୁରୁତର ଭାବେ ଆହତ ହୋଇଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଲୋକେ ଜଗଦେବଙ୍କୁ ଗାଡ଼ିରୁ ଭିଡ଼ି ଆଣି ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ତାଙ୍କ କାର୍‌କୁ ଚୂରମାର କରି ଦେଇଥିଲେ। ଆକ୍ରମଣରେ ପ୍ରଶାନ୍ତ ଲହୁଲୁହାଣ ହୋଇପଡିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଣପୁର ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରିଥିଲା। ସେଠାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଗଦେବଙ୍କ ବିରୋଧରେ ହତ୍ୟା ଉଦ୍ୟମ, ପୋଲିସକୁ ଡ୍ୟୁଟିରେ ବାଧା ସୃଷ୍ଟି, ଜନତାଙ୍କୁ ଗୁରୁତର ଆଘାତ, କାରକୁ ଅସ୍ତ୍ର ଭାବେ ବ୍ୟବହାର ଭଳି ଗୁରୁତ୍ୱପୂର୍ଣ୍ଣ ଦଫାରେ ବାଣପୁର ଥାନାରେ ଏକ ମାମଲା (ନଂ ୧୩୧/୨୨) ରୁଜୁ କରାଯାଇଥିଲା। ଯେହେତୁ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅଭିଯୋଗ ଲାଗିଛି, ତେଣୁ ସେ ହସ୍ପିଟାଲରୁ ସୁସ୍ଥ ହେବା ପରେ ତୁରନ୍ତ ତାଙ୍କୁ ଗିରଫ କରାଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଘଟଣା ଦିନ ସୂଚନା ଦେଇଥିଲେ।

### ଆରମ୍ଭ ହେଲା ...

କମ୍ପାନୀଗୁଡ଼ିକ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସହିତ ସରକାରଙ୍କ ସହ ରହିଥିଲେ। ନିର୍ବାଚନ ଫଳାଫଳ ଘୋଷଣା ପରେ ତୈଳ କମ୍ପାନୀଗୁଡ଼ିକ ଉଚ୍ଚ ପରିମାଣରେ ତୈଳ ଦର ବୃଦ୍ଧି କରିବା ସ୍ୱାଭାବିକ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୧ ନଭେମ୍ବର ୪ରୁ ଚଳିତ ବର୍ଷ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଗ୍ରାହକ ତୈଳ ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବ୍ୟୟ କରୁଥିଲେ ତାହା କିଛି ପରିମାଣରେ ହ୍ରାସ ପାଇବା ସହ ପରିବାର ପ୍ରତିପୋଷଣ କରିବାରେ ସହାୟକ ହେଉଥିଲା। ଏହି ଦର ବୃଦ୍ଧି ଯୋଗୁ ଖାଉଟିଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିଛି। ବିଭିନ୍ନ ଅର୍ଥନୈତିକ ଦୁଃସ୍ଥିତି ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବର ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ଖୁବ୍ ବାଧିଲା ପରି ହୋଇଛି। ଏବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବା ବେଳେ ତୈଳ ଦର ବୃଦ୍ଧିର ପ୍ରଭାବ ସ୍ଥିତିକୁ ଆହୁରି ସଙ୍ଗିନ କରିଦେବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ସିଲିଣ୍ଡର ୧୦୦୦ ...

ହୋଇଯାଇଛି। ମୁମ୍ବାଇରେ ଏହାର ମୂଲ୍ୟ ବଢ଼ି ୮୯୯.୫୦ ଟଙ୍କା ହୋଇଛି। ଭୁବନେଶ୍ୱରରେ କେତେକ ଗ୍ରାହକ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ସିଲିଣ୍ଡର ପାଇଁ ବୁକିଂ କରାଯାଇଥିଲେ ମଧ୍ୟ ମଙ୍ଗଳବାର ସେମାନଙ୍କଠାରୁ ବର୍ଦ୍ଧିତ ଅର୍ଥ ଆଦାୟ କରାଯାଇଛି। ମଙ୍ଗଳବାର ସକାଳେ ଯେଉଁମାନଙ୍କୁ ସିଲିଣ୍ଡର ଦିଆଯିବା ଲାଗି ସ୍ଥିର କରାଯାଇ ସେମାନଙ୍କ ରସିଦ୍ ବାହାର କରାଯାଇଥିଲା, ଏଲ୍‌ପିଜି ଦର ବଢ଼ିଯିବାରୁ ସଙ୍ଗେ ସଙ୍ଗେ ନୂଆ ରସିଦ୍ ବାହାର କରାଯାଇ ଖାଉଟିଙ୍କଠାରୁ ଅଧିକ ୫୦ ଟଙ୍କା ନିଆଯାଇଛି। ଗ୍ୟାସ୍ ବିତରକମାନେ ଏହିଭଳି ଭାବେ ଅଧିକ ଅର୍ଥ ଆଦାୟ କରିଥିବାରୁ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ଶହେ ପ୍ରଦୂଷିତ ସହର ...

ଧୂଆଁ, କୋଇଲା ପାୱାର ପ୍ଲାଣ୍ଟ, ଶିଳ୍ପ ବର୍ଜ୍ୟ, ନିର୍ମାଣ ଓ ରନ୍ଧନ କ୍ଷେତ୍ରରେ ଜୈବ ଇନ୍ଧନ ବ୍ୟବହାର ଆଦି ପ୍ରଦୂଷଣ ବୃଦ୍ଧିର ପ୍ରମୁଖ କାରଣ ପାଲଟିଛି। ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ତରରେ ପହଞ୍ଚିବା କାରଣରୁ ଗତ ବର୍ଷ ନଭେମ୍ବରରେ ଦିଲ୍ଲୀରେ ଏକାଧିକ ବୃହତ୍ ପାୱାର ପ୍ଲାଣ୍ଟ, ସହ କଳକାରଖାନା ବନ୍ଦ କରିଦିଆଯାଇଥିଲା। ଏଥିଜନିତ ସଙ୍କଟ ଯୋଗୁ ଭାରତ ବାର୍ଷିକ ପ୍ରାୟ ୧୫୦ ବିଲିୟନ ଡଲାର(ପ୍ରାୟ ୧,୧୪,୦୨,୭୯,୦୦,୦୦,୦୦୦ ଟଙ୍କା) କ୍ଷତି ସହିବ ବୋଲି ଆକଳନ କରାଯାଇଛି। ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଦୂଷଣର ବ୍ୟାପକ ପ୍ରଭାବ ପଡ଼ିବ। ଏଥିଯୋଗୁ ହୃଦ୍‌ଜନିତ ସମସ୍ୟା ଏବଂ ଫୁସ୍‌ଫୁସ୍ ସଂକ୍ରମଣ କାରଣରୁ ପ୍ରତି ୩ ମିନିଟ୍‌ରେ ମୃତ୍ୟୁ ଘଟିପାରେ ବୋଲି ଆକଳନ କରାଯାଇଛି।

### ଅଯୋଧ୍ୟା ଗଲା ...

ଏହା ପୂର୍ବରୁ ରାଜ୍ୟପାଳ କୋରାପୁଟସ୍ଥିତ ବିଏସ୍‌ଏଫ୍ ମୁଖ୍ୟ କ୍ୟାମ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବିଏସ୍‌ଏଫ୍ ଯବାନମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଭୁବନେଶ୍ୱରରୁ ରାଜ୍ୟପାଳ ହେଲିକପ୍ଟର ଯୋଗେ କୋରାପୁଟ ବିଏସ୍‌ଏଫ୍ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ସେଠାରେ ଆଇଜି ସତୀଶ ଚନ୍ଦ୍ର ବୁଡକୋଟି, ଡିଆଇଜି ମଦନ ଲାଲ ତାଙ୍କୁ ସ୍ୱାଗତ କରିଥିଲେ । ପରେ ବିଏସ୍‌ଏଫ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । କ୍ୟାମ୍ପ ପରିସରରେ ଥିବା ଶହୀଦ ସ୍ମାରକୀ ନିକଟରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ସେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ବିଏସ୍‌ଏଫ୍ ଅଧିକାରୀ ଓ ଯବାନମାନଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଜିଲାପାଳ ଅବଦାଲ ଏମ୍. ଅଖତାର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ZILLA SWASTHYA SAMITI, KANDHAMAL**
**Office of the CDM & PHO-cum-Dist. Mission Director, Kandhamal, Phulbani**
No. 3535/NHM/2021-22 Dt: 21.03.2022
**Tender Call Notice**
No.E-953:- Sealed tenders are invited from authorized firms for supply of Delivery Van & Multipurpose Mobile Van under District Administration, Kandhamal. The details are available in the district website: **www.kandhamal.nic.in**. The eligible bidders may submit their tender papers on or before **06.04.2022 by 04.00 PM** through Registered Post/ Speed Post only to the undersigned. The tender documents will be opened on **07.04.2022 at 11 AM** in the office chamber of the undersigned. The undersigned reserves the right to accept or reject any or all the tenders without assigning any reason thereof.
**Sd./- CDM & PHO-cum-District Mission Director, Kandhamal**
OIPR-10015/11/0035/2122

**Puri (R&B) Division, Puri**
**Invitation for Bids**
**Bid Identification No.S.E. (R&B) Puri - 60/2021-22**
**No.B-1065**

| | | | |
|---|---|---|---|
| 1 | The Superintending Engineer, Puri (R&B) Division, Puri, on behalf of Governor of Odisha, invites percentage rate bids in Single Cover system/Double Cover System in ONLINE MODE only. | | |
| 2 | Nature of work | : | Building work |
| 3 | No. of work | : | 1 No. |
| 4 | Tender Paper cost | : | Rs. 10,000/- to be remit online only |
| 5 | Class of Contractor | : | "B" & "A" |
| 6 | Availability of Bid Documents in the website | : | From **Dt. 25.03.2022 at 10:00 hours to Dt. 04.04.2022 at 17:00** |
| 7 | Date of opening of Bid | : | **Dt. 05.04.2022 at 11:30** |
| 8 | EMD/Bid Security | : | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Superintending Engineer, Puri (R&B) Division, Puri**
OIPR-34064/11/0017/2122

## ଗାଁ ମୁହାଁ ଦନ୍ତା, ଲୋକେ ଆତଙ୍କିତ

**ବୈଶିଙ୍ଗା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରୁ ଝାଡଖଣ୍ଡୀ ହାତୀ ପଲ ଫେରିଯିବା ପରେ ଏବେ ୨/୩ଟି ଦନ୍ତା ଉପଦ୍ରବ ଚଳାଇଛନ୍ତି। ଗତ ସପ୍ତାହରେ ମୋହନପୁର, ଚୁଆପଦା, କ୍ଷୀରପଦା ଅଞ୍ଚଳରେ ଘର ଭାଙ୍ଗିବା ସହିତ ଗଣ୍ଡର୍ଦ୍ଧା ଗ୍ରାମରେ ପଶି ପନିପରିବା ନଷ୍ଟ କରିଥିଲେ। ସୋମବାର ରାତିରେ ଏକ ଦନ୍ତା ନଛିପୁରିଆ ଗ୍ରାମରେ ପ୍ରବେଶ କରିଥିଲା। ମଙ୍ଗଳବାର ଗ୍ରାମବାସୀ ଘଉଡାଇ ଦେବାରୁ ହାତୀଟି ବୈଶିଙ୍ଗା-ରୂପ୍‌ସା ରାସ୍ତାର କଦଳୀଆ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଉପରେ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ଜଙ୍ଗଲ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ ହେଁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ସଂକ୍ଷେପରେ

### ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଆକ୍ରମଣ: ୪ ଗିରଫ

**ପାଟଣା,୨୨।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଗ୍ରାମରେ ଗତ ରବିବାର ଅପରାହ୍ଣରେ ୪ଜଣ ନିଶାସକ୍ତ ଯୁବକ ଝିଅ ବୋହୁ ଥିବା ବେଳେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିବା ବେଳେ ନରେନ୍ଦ୍ର ମୁଣ୍ଡା ଏହାକୁ ବିରୋଧ କରିଥିଲେ। ଏହା ପରେ ୪ ଯୁବକ ଘଟଣାସ୍ଥଳରୁ ପଳାଇ ଯାଇ ଦାଶରଥିପୁରରୁ ମାରଣାସ୍ତ୍ର ଧରି ଆସି ନରେନ୍ଦ୍ରଙ୍କ ଘର ସମ୍ମୁଖରେ ପାଟି ତୁଣ୍ଡ କରିବା ସହ ନରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ନରେନ୍ଦ୍ର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ପୋଲିସ ଏନେଇ ମଙ୍ଗଳବାର ୪ ଅଭିଯୁକ୍ତଙ୍କ ଗିରଫ କରିଛି। ସେମାନେ ହେଲେ ଚେମେଣା ପଞ୍ଚାୟତ ଦାଶରଥିପୁର ଗ୍ରାମର ଟିକାୟତ ମହାନ୍ତ, ଅଜୟ କୁମାର ମହାନ୍ତ, ବିନ୍ଧାଧର ମହାନ୍ତ ଓ ଉମାକାନ୍ତ ମହାନ୍ତ। ଏନେଇ ଥାନାରେ ଏକ ମାମଲା (ନଂ.୩୮/୨୨) ରୁଜୁ ହୋଇଥିବା ଥାନାଅଧିକାରୀ ମଦନ ମୋହନ ନାଏକ ସୂଚନା ଦେଇଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

**ଝୁମ୍ପୁରା ୨୨।୩ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ, ୨୦ନଂ ଜାତୀୟ ରାଜପଥର ବାଲିବନ୍ଧ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ଣରେ ବାଇକ୍ ଧକ୍କା ହେବାରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ କେନ୍ଦୁଝର ଚିକିତ୍ସାଳୟ ପଠାଯାଇଛି। ମୃତକ ହେଲେ ରାମୁ ନାଏକ। ତାଙ୍କ ଘର ଖେଣ୍ଡରା ଗ୍ରାମରେ ବୋଲି ଜଣାପଡିଛି। ଦୁର୍ଘଟଣା ସ୍ଥଳରୁ ପୋଲିସ ୨ବାଇକ ଜବତ କରିଛି। ଥାନାରେ ଏକ ମାମଲା (ନଂ.୨୭/୨୦୨୨) ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ଯୁବତୀ ମୃତ

**ବାରିପଦା ଅଫିସ,୨୨।୩:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କାଦୁଆଲବନ୍ଧ ଗ୍ରାମର ଜନୈକା ଯୁବତୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ସୁକାଇ ବାସ୍କେଙ୍କ ଝିଅ ମାଳତୀ(୧୭)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇଛି। ସୋମବାର ଅପରାହ୍ଣରେ ନିକଟସ୍ଥ ପୋଖରୀକୁ ସେ ଶୌଚ ପାଇଁ ଯାଇଥିବା ବେଳେ ଗଭୀର ପାଣିରେ ବୁଡ଼ି ଯାଇଥିଲେ।

# ୩ ବର୍ଷ ପରେ ହଟିଲା ପଶ୍ଚିମବଙ୍ଗ ପୋଲିସର ନାକା ପଏଣ୍ଟ

**ଜଳେଶ୍ୱର, ୨୨।୩(ଡି.ଏନ.ଏ.)**



ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ହଟାଯାଇଥିବା ନାକା ପଏଣ୍ଟ।

୬୦ ନଂ. ଜାତୀୟ ରାଜପଥ ଓଡିଶା ଓ ପଶ୍ଚିମବଙ୍ଗ ସୀମାରେ ୩ବର୍ଷ ପୂର୍ବରୁ ଲକ୍‌ଡାଉନ ସମୟରେ ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ହୋଇଥିବା ନାକା ପଏଣ୍ଟ ମଙ୍ଗଳବାର ପୂର୍ବସ୍ଥାନକୁ ହଟିଛି। ଏହି ଗେଟ୍ ଯୋଗୁ ଓଡିଶାପଟେ ବହୁ ଯାନବାହନ ରାସ୍ତା ଉପରେ ଅଟକି ରହୁଥିବାରୁ ବାରମ୍ବାର ଦୁର୍ଘଟଣା ହେବା ସହ ବ୍ୟାପକ ଚାନ୍ଦା ଆଦାୟ ହେଉଥିଲା। ଏନେଇ ଗାଡିଚାଳକ ଓ ଗ୍ରାମବାସୀ ୩ବର୍ଷ ଧରି ଅଭିଯୋଗ କରିଆସୁଥିଲେ।

୬୦ନଂ. ଜାତୀୟ ରାଜପଥ ଜଳେଶ୍ୱର ନିକଟ ଗୋବରଘଟା ପଞ୍ଚାୟତରେ ଓଡିଶାର ଟୋଲପ୍ଲାଜା ସ୍ଥାପନ ହୋଇଥିବା ବେଳେ ଏହାର ୨୦୦ମିଟର ଦୂର ପଶ୍ଚିମବଙ୍ଗ ଭିତରେ ପଶ୍ଚିମବଙ୍ଗ ପୋଲିସ ଏକ ନାକା ପଏଣ୍ଟ ନିର୍ମାଣ କରିଥିଲେ। ସେଠାରେ ପଶ୍ଚିମବଙ୍ଗ ପୋଲିସ ରହି ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିଥିଲେ। କିନ୍ତୁ ୨୦୨୦ରେ କରୋନା ଯୋଗୁ ପଶ୍ଚିମବଙ୍ଗର ଏହି ନାକା ପଏଣ୍ଟ ଓଡିଶା ସୀମା ନିକଟକୁ ଉଠାଇ ଦିଆଯାଇଥିଲା। ଓଡିଶାପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଯାନଗୁଡିକ ୬୦ନଂ. ଜାତୀୟ ରାଜପଥର ଓଡିଶା ସୀମା ମଧ୍ୟରେ ଛିଡା ହେଉଥିଲା। ଫଳରେ ବ୍ୟାପକ ଚାନ୍ଦା ଆଦାୟ, ଲୁଟ୍‌ତରାଜ, ରାହାଜାନି, ରାସ୍ତା ଜାମ୍ ଭଳି ଘଟଣା ଘଟିଆସୁଥିଲା। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ଓ ଡ୍ରାଇଭରମାନେ ଜିଲା ଓ ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ରାଜ୍ୟ ଓ ଜିଲା ପ୍ରଶାସନର ଚାପ ଫଳରେ ପଶ୍ଚିମବଙ୍ଗ ପୋଲିସର ଏହି ନାକା ପଏଣ୍ଟ (ତନଖି ଫାଟକ) ୧୦୦ମିଟର ପଛ ପୂର୍ବସ୍ଥାନକୁ ହଟିଯାଇଛି। ଫଳରେ ଡ୍ରାଇଭର ସଂଘ, ଗ୍ରାମବାସୀ ଓ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାମାନେ ଆଶ୍ୱସ୍ତ ହୋଇଛନ୍ତି। ଗତ କିଛିଦିନ ତଳେ ଅର୍ଥାତ୍ ମାର୍ଚ୍ଚ ୧ ତାରିଖ ବିଳମ୍ବିତ ରାତିରେ ଉକ୍ତ ନାକାପଏଣ୍ଟ ନିକଟରେ ରାସ୍ତା ଜାମ୍ ଥିବା ବେଳେ ଏକ ଘରୋଇ ବସ୍ (ଓଡି୦୫ବିବି-୫୮୫୫) ରାସ୍ତାରେ ଛିଡା ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇ ବହୁ ଯାତ୍ରୀ ଆହତ ହୋଇଥିଲେ।

# ଡିଜେ ଛଡ଼ା ନ ଯିବାରୁ ଠାକୁରଙ୍କ ବିମାନ ଫେରିଗଲା


ମଇତାପୁର ପଡ଼ିଆରେ ଅନୁଷ୍ଠିତ ଦୋଳ ମେଳନ।

**ସିମୁଳିଆ, ୨୨।୩(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମଇତାପୁର ଦୋଳ ମେଳନ ୧୨୦ବର୍ଷରେ ପାଳିତ ହେଉଛି। ସୋମବାର ରାତିରେ ଅନୁଷ୍ଠିତ ଏହି ମେଳନରେ ବିଭିନ୍ନ ବିଭ୍ରାଟ ସୃଷ୍ଟି ହୋଇଛି। ଡିଜେ ସାଉଣ୍ଡକୁ ବନ୍ଦ କରିବା ନେଇ ଉଭୟ ପୋଲିସ ଓ ଠାକୁର ଶୋଭାଯାତ୍ରାକାରୀମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ପୋଲିସ ମୃଦୁ ଲାଠିଚାଳନା କରିଥିବା ସୂଚନା ମିଳିଛି। ଅପରପକ୍ଷେ ଡିଜେକୁ ଦୋଳମେଳନ ପଡିଆକୁ ଛଡା ନ ଯିବାରୁ ବଡଗମା, କରଞ୍ଜଗଡିଆ ଓ ବଙ୍ଗାଳପୁର ବିମାନ ରାସ୍ତାରୁ ଫେରିଯାଇଥିଲା। ଠାକୁର ବିମାନ ଫେରିଯିବାରୁ ମଣ୍ଡପରେ ଥିବା ଅନ୍ୟ ବିମାନଙ୍କ ନିକଟରେ ବିଧି ଉପଚାର ପୂଜା ଓ ଭୋଗ ନୀତିରେ ବିଳମ୍ବ ହୋଇଥିଲା। ପରେ ଏହାର ସମାଧାନ କରାଯିବା ପରେ ମଙ୍ଗଳବାର ରାତିରେ ପୁଣି ଶୋଭାଯାତ୍ରାରେ ବିମାନଗୁଡିକୁ ଆସିବା ପାଇଁ ସ୍ଥିର ହୋଇଥିବା ଦେଶ ମେଳନ ପରିଚାଳନା କମିଟିର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ମଇତାପୁର ମେଳନ ପଡିଆ ଓ ଏହା ପାଖକୁ ଲାଗି ଦୁଇଟି ମେଳନ ଅନୁଷ୍ଠିତ ହେଉଛି। ଦେବୋତ୍ତର ବିଭାଗ ଦ୍ୱାରା ଚଳିତବର୍ଷ ୧୭ ବିମାନ ଶୋଭାଯାତ୍ରାରେ ଆସିଥିବା ବେଳେ ମଇତାପୁର ଦେଶ ମେଳନର ୧୧ଟି ବିମାନ ଆସିଥିଲା। ତେବେ ପଡିଆରେ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ଡିଜେ ସାଉଣ୍ଡକୁ ଦୂରରେ ଅଟକାଇଥିଲା। ଏହକୁ କେନ୍ଦ୍ରକରି ମତାନ୍ତର ସୃଷ୍ଟି ହୋଇଥିଲା।

# କେନ୍ଦୁଝରଗଡ଼ରେ ବିଜେଡିର ମେଗା ରୋଡ୍ ଶୋ’


ରୋଡ୍ ଶୋ’ରେ ଆଲବମ୍ ଅଭିନେତ୍ରୀ ଦେବଯାନୀଙ୍କ ସହ ଦଳୀୟ ପ୍ରାର୍ଥୀମାନେ।

**କେନ୍ଦୁଝର, ୨୨।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ପୌରପାଳିକାରେ ଥିବା ୪୪ହଜାରରୁ ଅଧିକ ଭୋଟର ନିଜର ସ୍ଥାନୀୟ ଲୋକ ପ୍ରତିନିଧି ଚୟନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଥିବାବେଳେ ପ୍ରଚାରର ଶେଷ ଦିବସରେ ବିଜେଡିର ମେଗା ରୋଡ ଶୋ’ ଅନୁଷ୍ଠିତ ହୋଇଛି। ଏଥିରେ ଚଳଚ୍ଚିତ୍ର ଅଭିନେତ୍ରୀ ଦେବଜାନୀଙ୍କ ସହ ଦଳର ଅଧ୍ୟକ୍ଷା ପ୍ରାର୍ଥିନୀ ଅର୍ଚ୍ଚନା ରାଉତ, ସମସ୍ତ କାଉନସିଲର ପ୍ରାର୍ଥୀ, ଯୁବ ବିଜେଡି ରାଜ୍ୟ ଉପସଭାପତି ରାଜା ଚକ୍ର, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ଦଳର ତୁଙ୍ଗ ନେତୃବୃନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ବଡ଼ଦାଣ୍ଡରୁ କେନ୍ଦୁଝରର ରାଷ୍ଟ୍ର ଦେବତା ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ବିଜେଡିର ଅଧ୍ୟକ୍ଷା ଓ ସମସ୍ତ କାଉନସିଲର ପ୍ରାର୍ଥୀମାନେ ଚାଲି ଚାଲି ଯିବା ସମୟରେ ଅନେକ ମହିଳା ଗୋଷ୍ଠୀ ବନ୍ଦାପନା କରି ଶଙ୍ଖଧ୍ୱନି ଦେଉଥିବା ପରିଲକ୍ଷିତ ହୋଇଥିଲା। ଏହାପରେ ମନ୍ଦିରରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଏହି ମେଗା ରୋଡ ଶୋ’ରେ ବିଜେଡିର ପୂର୍ବତନ ବିଧାୟକ ଅଭିରାମ ନାୟକ,

### ସରିଲା ପୌର ନିର୍ବାଚନ ପ୍ରଚାର

କାନନ ବିହାରୀ ପହି, ଭରତ ଚନ୍ଦ୍ର ପାତ୍ରଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ସାମିଲ ହୋଇଥିଲେ। ବିଭିନ୍ନ ରାଜନୈତିକ ଦଳ ତରଫରୁ ଦିଆଯାଇଥିବା ପ୍ରାର୍ଥୀଙ୍କ ପ୍ରଚାର ମଙ୍ଗଳବାର ଅପରାହ୍ଣରେ ଶେଷ ହୋଇଛି। ରାଜନୀତି ବା ସମାଜସେବା କ୍ଷେତ୍ରରେ କେବଳ ପ୍ରବେଶ ପଦ ପାଇଁ ନୁହେଁ ବରଂ ସବୁଦିନ ପାଇଁ ସେବା ଉଦ୍ଦେଶ୍ୟରେ ଓ କିଏ ଭୋଟରଙ୍କ ପାଖରେ ରହିପାରିବ ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଥିବା ଜଣାପଡିଛି। ପ୍ରଚାର ମଧ୍ୟରେ କେନ୍ଦୁଝରର ସୁନାମଧନ୍ୟ କଳାକାର ଗୁରୁ ଦାସଙ୍କ ନିର୍ଦ୍ଦେଶନା ଓ ଅଭିନୀତ ବିଶେଷ ପଥପ୍ରାନ୍ତ ପ୍ରଚାର କାର୍ଯ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ପାଲାଠାରୁ ଆରମ୍ଭ କରି ଅଭିନୟ ମାଧ୍ୟମରେ ବିଜେଡି ନଗରପାଳ ପ୍ରାର୍ଥିନୀ ଅର୍ଚ୍ଚନା ରାଉତ ଓ କାଉନସିଲର ପ୍ରାର୍ଥୀମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଗୌତମ ସାହୁ, ମୋହନ ପଇଦା, ଯଶୋବନ୍ତ ଚୌଧୁରୀ, ବିନୟ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ

**ଭଣ୍ଡାରିପୋଖରୀ, ୨୨।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନପଙ୍ଗ ଗ୍ରାମର ଜଣେ ମହିଳା ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ନପଙ୍ଗ ଗ୍ରାମର ଗୀତାଞ୍ଜଳି ଡିସେମ୍ବର ୧୫ରେ ପାଣିକୋଇଲି ଥାନା ଅଞ୍ଚଳର ରମେଶ ବେହେରାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ରମେଶ ଗୀତାଞ୍ଜଳୀଙ୍କୁ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ଗୀତାଞ୍ଜଳୀଙ୍କୁ ମାରିଦେବା ପାଇଁ ମଧ୍ୟ ଧମକ ଦେଉଥିଲେ। ଯନ୍ତ୍ରଣା ଅତ୍ୟଧିକ ହେବାରୁ ଗୀତାଞ୍ଜଳି ଗତ ଏକ ମାସ ହେବ ବାପଘର ନପଙ୍ଗକୁ ପଳାଇ ଆସିଥିଲେ। ଉଭୟ ପକ୍ଷର ଭଦ୍ରଲୋକଙ୍କ ଉପସ୍ଥିତିରେ ବୁଝାଶୁଝା ହେବା ପରେ ଗୀତାଞ୍ଜଳି ସ୍ୱାମୀଙ୍କ ସହିତ ବାପଘରକୁ ଯାଇଥିଲେ ସୁଦ୍ଧା ପୁଣି ନିର୍ଯାତନାର ଶିକାର ହୋଇଥିଲେ। ଶେଷରେ ମହିଳା ଜଣକ ମଙ୍ଗଳବାର ଭଣ୍ଡାରିପୋଖରୀ ଥାନାକୁ ଆସି ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୧୧୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଅବସରପ୍ରାପ୍ତ ବ୍ୟାଙ୍କ ଡିଜିଏମ୍‌ଙ୍କ ଦେହାନ୍ତ

**ରୂପସା, ୨୨।୩(ଡି.ଏନ.ଏ.)**



ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ମିରିଗିମୁଣ୍ଡି ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ) ଗୌରାଙ୍ଗ ଚନ୍ଦ୍ର ବେହେରା(୬୨)ଙ୍କ ସୋମବାର ରାତିରେ ଦେହାନ୍ତ ହୋଇଯାଇଛି। ସେ ଭୁବନେଶ୍ୱର ଏସ୍‌ବିଆଇ ଲୋକାଲ ହେଡ୍ ଅଫିସରୁ ଡିଜିଏମ୍ ଭାବେ ୨୦୨୧ ଜାନୁୟାରୀରେ ଅବସର ଗ୍ରହଣ କରିଥିଲେ। ୨୦୧୪ ନଭେମ୍ବରରେ ତାଙ୍କର କିଡ୍‌ନୀ ପ୍ରତିରୋପଣ ହୋଇଥିଲା। ଗତ ୪ ତାରିଖରେ ସେ ହଠାତ୍ ଅସୁସ୍ଥ ହୋଇ ନିମୋନିଆରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଆମ୍ରି ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଜଣେ ସାମାଜିକ କର୍ମୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ରୂପସାରେ ଷ୍ଟେଟ ବ୍ୟାଙ୍କ ଓ ଏଟିଏମ୍ ସ୍ଥାପନ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ।

**OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE**
BERHAMPUR.760004, GANJAM, ORISSA
No.2614/MCB.2022/Welfare./Dated, Brahmapur the 21st March 2022

**CORRIGENDUM**

**No.E-947:** In continuation to this Tender Call Notice No.2537 dated 16.03.2022, the detail Tender papers terms & conditions can be obtained from the office of the undersigned on payment of Rs.2000/- cash (Non-refundable) at the Accounts Section during official hour. The details are also available in the website, www.mkcgmch.org. The other terms & conditions remains unaltered.

Sd./-Dean & Principal,
MKCG Medical College Hospital, Berhampur
OIPR-10013/11/0030/2122

**e-Procurement Notice for Road Works Identification No. 22/EERW/BLS/2021-22**

**No.O-1865:** 1. Name of the Work: Roads, 2. Total No. of Works: 1 No, 3. Estimated Cost: Estimated Cost Rs.31.06 Lakh, 4.Class of Contractor: ‘C’ & ‘B’ Class, 5. Time of Completion: 1 Month (One Calendar Month), 6.Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W.Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 22/EERW/BLS/2021-22 | 24.03.2022 at 11.00 A.M. | 31.03.2022 upto 5.00 P.M. | 31.03.2022 upto 1.00 P.M. | 02.04.2022 at 11.00 P.M. |

Further details can be seen from the website-www.tendersodisha.gov.in.
Sd./-Superintending Engineer, R.W. Division, Balasore
OIPR-25108/11/0018/2122

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୯ ତା:୧୦।୦୩।୨୨

**ବିଜ୍ଞାପନ**

No. CAD-3239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ.- ଏମ୍.ଆଇ.ଜି.-୨-୨୬/୩ (MIG-II-26/3)ଟିକୁ ଶ୍ରୀମତୀ ଶର୍ମିଷ୍ଠା ପାଣିଗ୍ରାହୀ, ସ୍ୱା- ରବିନ୍ଦ୍ର ନାଥ ପାଣିଗ୍ରାହୀ, ସା- ନିୟୁ କଲୋନୀ, ପଲିଟେକ୍ନିକ୍ ରୋଡ୍, ରାୟଗଡ଼ା, ପୋ/ଥା- ରାୟଗଡ଼ା, ଜି- ରାୟଗଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ଶର୍ମିଷ୍ଠା ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶୈଳେନ୍ଦ୍ର ନାରାୟଣ ମଲ୍ଲ, ପି- ନାରାୟଣ ପ୍ରସାଦ ମଲ୍ଲ, ସା- କୁକୁଡି, ପୋ- ଅଙ୍ଗୁଳାଇ, ଥା- କେନ୍ଦ୍ରାପଡ଼ା, ଜି- କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0489/2122

**State Health Assurance Society**
**Health & Family Welfare Department, Govt. of Odisha**
**Bhubaneswar- 751007, District- Khordha (Odisha)**
Phone No.- 0674-2620500, Email ID:hr.recruitmentshas@gmail.com

**No.E-949:** **CORRIGENDUM NOTICE** **Date: 22.03.2022**

**Subject: Notice for extension of date for online as well as offline submission of applications**
**Adv. No. -08/2021 dt.19.10.2021**
**Name of the post: District Coordinator**
**The amended date, time & post are as follows:**

| Sl. | Particular | Date & Time |
|---|---|---|
| 1 | Closing Date & Time of online Application | **29.03.2022, 11.59 PM** |
| 2 | Closing Date & Time of offline Application | **05.04.2022, 5 PM** |
| 3 | Number of Post | **Total 27 Posts (within Odisha-17 & outside of Odisha-10) The detail list of requirement at outside of Odisha are mentioned in the below table.** |

| Sl.No. | Name of State | No. of Post |
|---|---|---|
| 1 | Andhra Pradesh | 1 |
| 2 | Karnataka | 1 |
| 3 | Delhi | 1 |
| 4 | Gujarat | 1 |
| 5 | Maharashtra | 1 |
| 6 | Westbengal | 1 |
| 7 | Tamil Nadu | 1 |
| 8 | Chhattisgarh & Jharkhand | 1 |
| 9 | Punjab , Haryana & Rajasthan | 1 |
| 10 | Uttarpradesh & Uttarkhand | 1 |

**N.B. 1. All the prospective candidates should refer to official website of NHM, Odisha www.nhmodisha.gov.in**
**2. The candidates who have applied earlier and found provisionally shortlisted need not to apply again.**
**3. The candidates whose applications are rejected earlier at the initial stage on any ground (except ineligibility) can apply again.**

Sd./- Chief Executive Officer, State Health Assurance Society, Odisha

**State Health Assurance Society**
**Health & Family Welfare Department, Govt. of Odisha**
**Bhubaneswar- “751007, District-Khordha (Odisha)**
Phone No.- 0674-2620500, Email ID:hr.recruitmentshas@gmail.com

**CONTRACTUAL APPOINTMENT**

**Adv. No.02/2022** **Date: 22.03.2022**

Applications are invited from eligible candidates for filling up the following posts under State Health Assurance Society, Odisha on contractual basis with monthly remuneration noted against each and subject to renewal as per Society terms and conditions. The positions are purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.) & Performance Incentive (P.I.) as admissible | Vacancies |
|---|---|---|---|
| 01 | Grievance & Fraud Redressal Officer | Rs. 68,000/- + (PI) | 01 |
| 02 | Finance Officer | Rs. 44,000/- + (PI) | 01 |
| 03 | MIS Consultant | Rs. 44,000/- + (PI) | 01 |
| 04 | Dy. Executive Officer (Grievance) | Rs. 44,000/- + (PI) | 02 |
| 05 | Dy. Executive Officer (Admin.) | Rs. 44,000/- + (PI) | 01 |
| 06 | Assistant District Coordinator | Rs. 27,200/- + (PI) | 30 |
| 07 | Executive Grievance | Rs. 27,200/- + (PI) | 03 |
| 08 | Accounts Executive | Rs. 27,2007- + (PI) | 02 |
| 09 | Executive Admin | Rs. 27,200/- + (PI) | 01 |
| 10 | Executive Quality | Rs. 27,200/- + (PI) | 01 |
| 11 | Executive Empanelment | Rs. 27,200/- + (PI) | 01 |
| 12 | Executive Field Operations | Rs. 27,200/- + (PI) | 01 |
| 13 | IEC Executive | Rs. 27,200/- + (PI) | 01 |
| 14 | Executive (M&E) | Rs. 27,200/- + (PI) | 01 |
| 15 | Executive (Claims) | Rs. 27,200/- + (PI) | 12 |

Interested candidates can log on to www.nhmodisha.gov.in for details of vacancy, eligibility criteria, age, selection procedure etc. Online application form will be available from 22.03.2022 to 05.04.2022 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 12.04.2022 (by 5.00 P.M.)

Sd./- Chief Executive Officer, State Health Assurance Society, Odisha
OIPR-10170/11/0001/2122

**idco** Your power to grow — ODISHA NEW OPPORTUNITIES
ISO 9001 & 14001 Corporation
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS,**
**BHUBANESWAR-751022**
No.CAD-3219
Tender Call Notice No.H.O./P&C/EST-E-1766/01/2021-6204, Dated:17.03.22

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | “Fire Fighting Fire Alarm and PA System for Office-cum-Commercial Complex at Badmal, Jharsuguda (2B+G+6F)” | Rs.282.392 Lakh | 03 (Three) Calendar Months |

1. Other details: Further details can be seen from the e-Procurement Portal: **www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-Procurement portal **www.tendersodisha.gov.in** as well as IDCO website **www.idco.in.**

**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0207/2122

# ବକ୍ରେଶ୍ୱର, ପତିରାଜପୁର ଉନ୍ନତି ପାଇଁ ଖର୍ଚ୍ଚ ହେବ ୧.୫କୋଟି


ବକ୍ରେଶ୍ୱର ଠାରେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ମନ୍ତ୍ରୀ ବକ୍ତବ୍ୟ ଦେଉଛନ୍ତି।

**ଖଇରା, ୨୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଖନପୁର ପଞ୍ଚାୟତର ପ୍ରସିଦ୍ଧ ବକ୍ରେଶ୍ୱର ଶୈବପୀଠ ଓ ପତିରାଜମେଳନ ପଡିଆରେ ନିକଟରେ ଏକ ଯାତ୍ରୀ ସୁବିଧା କେନ୍ଦ୍ର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ପାଖପାଖି ଦେଢକୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମଙ୍ଗଳବାର ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରଥମେ ବକ୍ରେଶ୍ୱର ମନ୍ଦିର ଗସ୍ତ କରି ସ୍ଥାନ ପରିଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଆହୂତ ବୈଠକରେ ଯୋଗଦେଇ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତିକରଣ ଏବଂ ମନ୍ଦିର ସଂଲଗ୍ନ ରାସ୍ତା ନିର୍ମାଣ ପାଇଁ ୧କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଜଣେ ସେବକ ଭାବେ ସିମୁଳିଆ ଖଇରା ବିକାଶ ପାଇଁ ସେ ସର୍ବଦା ବ୍ୟଗ୍ର ବୋଲି କହିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଅଭିମନ୍ୟୁ ମହାକୁଡ, ସମ୍ପାଦକ ବରେନ୍ଦ୍ର କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ପରେ ପତିରାଜପୁର ପଡିଆଠାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଯାତ୍ରୀ ସୁବିଧା କେନ୍ଦ୍ର ପାଇଁ ଜାଗା ବୁଲି ଦେଖିବା ସହ କନିଷ୍ଠ ଓ ସହାକାରୀ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ମେଳା କମିଟିର ବରିଷ୍ଠ ସଭ୍ୟ ଭୀଷ୍ମଚରଣ ନାୟକ, ଯୁବନେତା ରମେଶ ଘଡେଇ, ପ୍ରଦୀପ ସାମଲ ଓ ଉଦ୍ଧବ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୫୦ଲକ୍ଷ ଟଙ୍କା ବ୍ୟୟରେ ସିମୁଳିଆ ବ୍ଲକ କୁଣିଆରୀଠାରେ ନିର୍ମିତ ହେବାକୁ ଥିବା ୱାଟରପାର୍କ ପାଇଁ ଚିହ୍ନଟ ହୋଇଥିବା ଜାଗା ମଧ୍ୟ ପରିଦର୍ଶନ କରିଥିବାର ଜଣାଯାଇଛି।

# ଲକ୍ଷାଧିକ ଟଙ୍କା ଲୁଟିନେଲେ

**ସାରସକଣା,୨୨।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ମାତିଛନ୍ତି ଲୁଟେରା। ମଙ୍ଗଳବାର ପ୍ରଧାନ ଶିକ୍ଷକ କାଳୀପଦ ପାଳ ଓ ସହକାରୀ ଶିକ୍ଷକ ଦେବଦତ୍ତ ପ୍ରଧାନ ଝାରପୋଖରିଆ ଷ୍ଟେଟ ବ୍ୟାଙ୍କରୁ ବିଦ୍ୟାଳୟର ନଗଦ ୧୪ ହଜାର ୨୬୮ ଟଙ୍କା ଉଠାଇ ଶଙ୍ଖାଭଙ୍ଗା ହାଇସ୍କୁଲକୁ ଫେରୁଥିଲେ। ଏହି ସମୟରେ ଯୋକା ଛକ ନିକଟରେ ଦୁଇଟି ବାଇକ୍‌ରେ ୪ଜଣ ଆସି ସେମାନଙ୍କଠାରୁ ଟଙ୍କାତକ ଛଡ଼ାଇ ନେଇ ପଳାଇଥିଲେ। କିଛି ସମୟ ପରେ ଜାତୀୟ ରାଜପଥ ୪୯ କଡ଼ରେ ଥିବା ହିରହଣ୍ଡା ସୋ’ରୁମ ପାଖରୁ ଶାଳବଣି ଗ୍ରାମର ସାଧୁଚରଣ ମହାନ୍ତଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ ହୋଇଥିଲା। ଏନେଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତନାଘନା ଜାରି ରଖିଛି।

# ନାଟ୍ୟକାରଙ୍କ ପରଲୋକ

**ବାସୁଦେବପୁର, ୨୨।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଭୈରବପୁର ଗ୍ରାମର ସୁଲେଖକ ତଥା ନାଟ୍ୟକାର ବଳରାମ ବାରିକ(୭୬)ଙ୍କର ସୋମବାର ପରଲୋକ ହୋଇଛି। ସେ ଜଣେ ସୁଲେଖକ ଓ ନାଟ୍ୟକାର ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଗୀତି କବିତା, ପୌରାଣିକ ନାଟକ, କାବ୍ୟ, କବିତା ରଚନା କ୍ଷେତ୍ରରେ ବଳରାମ ଥିଲେ ସିଦ୍ଧହସ୍ତ। ତାଙ୍କ ମୃତ୍ୟୁ ଖବର ପାଇ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ଦାସ, ବିଜୟ ମହାନ୍ତି, କବି ପ୍ରହ୍ଲାଦ ବାରିକ, ଲକ୍ଷ୍ମଣ ଚନ୍ଦ୍ର ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଭୈରବପୁର, ଗୋପାଳପୁର ଗାଁ ପରିକ୍ରମା କରାଯାଇଥିଲା।

# ଫଳଚାଷରେ ଉଇ ଦମନ



ଫଳବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ । ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ଗ୍ରାମ୍) ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ।

# ସୋରିଷରେ ଜଉପୋକ ଲାଗିଲେ..

ସୋରିଷ ଫସଲରେ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍‌ଜି-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ଚାଷରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ଡାଲିଜାତୀୟ ବିହନ ବିଶୋଧନ



ଡାଲିଜାତୀୟ ଫସଲ ପାଇଁ ବିହନ ବିଶୋଧନ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

# ଆଖୁ କାଟିବା ସମୟରେ..



ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ।

# ପନିପରିବା ଚାଷ କରୁଥିଲେ...



ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରା ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ।

# ଗ୍ରୀଷ୍ମଋତୁ ଓ ଫସଲ ଚାଷ



ପ୍ର. ସୁବୋଧ କୁମାର ସାହୁ



ବର୍ଷକ ୬ ଋତୁ ହେଲେ ମଧ୍ୟ ଜଳବାୟୁର ପରିବର୍ତ୍ତନ ଯୋଗୁ ଆମେ ୩ ଗୋଟି ଋତୁ ଉପଲବ୍ଧ କରୁ । ସେଥିମଧ୍ୟରୁ ଗ୍ରୀଷ୍ମଋତୁ ଅନ୍ୟତମ । ଫାଲ୍‌ଗୁନ, ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ୪ମାସ ଗ୍ରୀଷ୍ମଋତୁ ଭାବେ ଅନୁଭବ ହେଉଛି । ଉକ୍ତ ଋତୁରେ ବାୟୁମଣ୍ଡଳର ଦିନ ସମୟର ଉତ୍ତାପ ୩୫°ରୁ ଫାଲ୍‌ଗୁନ ମାସରେ ଆରମ୍ଭ ହୋଇ ଜ୍ୟେଷ୍ଠ ମାସରେ ୪୫° ପର୍ଯ୍ୟନ୍ତ ପହଞ୍ଚେ । ରାତିରେ ଉତ୍ତାପ ୩୦° ରୁ ୪୦° ମଧ୍ୟରେ ଅନୁଭବ ହୁଏ । ଉତ୍ତାପର ତାରତମ୍ୟକୁ ନେଇ ଉକ୍ତ ୪ ମାସ ମଧ୍ୟରେ ସମୟେ ସମୟେ ସ୍ୱଳ୍ପ ବର୍ଷା ହୁଏ । କେତେକ ସମୟରେ କୁଆ ପଥର ବର୍ଷା ମଧ୍ୟ ହୁଏ । ବାୟୁମଣ୍ଡଳର ଜଳୀୟ ବାଷ୍ପ ପରିମାଣ ପ୍ରାୟ ୭୫ ରୁ ୯୦ ଶତକଡ଼ା ଥାଏ । ଏହି ସମୟରେ ପବନର ବେଗ ୧୫ ରୁ ୨୦ କି.ମି. ମଧ୍ୟରେ ରହେ । କେତେକ ସମୟରେ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହୁଏ । ଗ୍ରୀଷ୍ମଋତୁରେ ବେଳେ ବେଳେ କାଳବୈଶାଖୀ ଯୋଗୁ ପବନର ବେଗ ୩୦ ରୁ ୪୦ କି.ମି. ହୋଇ ବର୍ଷା ମଧ୍ୟ ହୁଏ । ଏହି ଋତୁରେ ପ୍ରଚୁର ସୂର୍ଯ୍ୟାଲୋକ ଭୂପୃଷ୍ଠକୁ ଆସେ । ଦିନ ବଡ଼ ଓ ରାତି ଛୋଟ ହୁଏ । ଋତୁର ପ୍ରଥମ ଭାଗରେ ଘନ କୁହୁଡ଼ି ହୁଏ । ଅତ୍ୟଧିକ ଉତ୍ତାପ ଯୋଗୁ କୂଅ ପୋଖରୀ ଶୁଖି ଜଳକଷ୍ଟ ଅନୁଭବ ହୁଏ । ବାଲିଆମାଟି ଉତ୍ତପ୍ତ ହୁଏ ଏବଂ ଟିକିଟାମାଟି ଫାଟେ । ଅଧିକାଂଶ ଚାଷଜମି ପଡ଼ିଆ ରହେ । ଉପରୋକ୍ତ ସମସ୍ୟା ମଧ୍ୟରେ ଜଳସେଚନର ସୁବିଧା ଦେଖି ବିଭିନ୍ନ ଫସଲ ଚାଷ ପାଇଁ ଚାଷୀ ଚେଷ୍ଟାକରେ । ଗ୍ରୀଷ୍ମଋତୁରେ ବିଭିନ୍ନ ଫସଲ ମଧ୍ୟରେ ସଅଳ କିସମ ଧାନ, ତୈଳବୀଜ, ଡାଲିଜାତୀୟ ଫସଲ ଏବଂ ଖରାଟିଆ ପନିପରିବା, ତନ୍ତୁଜାତୀୟ ଫସଲ ନଳିତା ଆଦି ମୁଖ୍ୟ ।

ଉଠା ଜଳସେଚନର ସୁବିଧା ଥିଲେ ସଅଳ କିସମ ଧାନ ଯଥା ହୀରା, ରୁଦ୍ର, ଶଙ୍କର, ସୁଭଦ୍ରା, କଳିଙ୍ଗ ୩ ନମ୍ବର, ପଥରା, ପାରିଜାତ ଆଦି ୧୦୦ ଦିନ ମଧ୍ୟରେ ଅମଳ ହେଉଥିବା ଧାନଚାଷ କରାଯାଏ । ଏକରକୁ ୨୪ କିଲୋ ଯବକ୍ଷାରଜାନ ସହ ଫସ୍‌ପେଟ ଓ ପଟାସ ପ୍ରତ୍ୟେକରୁ ୧୨ କିଲୋ ପ୍ରୟୋଗ କରାଯାଇ ୩ସପ୍ତାହର ତଳି ରୁଆଯାଏ । କେନାଲ ଜଳସେଚନର ସୁବିଧା ଥିଲେ ମଧ୍ୟମ କିସମ ଅର୍ଥାତ୍ ୧୧୫ରୁ ୧୩୫

"ଗ୍ରୀଷ୍ମଋତୁରେ ଜଳସେଚନର ଠିକ୍ ପରିଚାଳନା କରିବା ଉଚିତ । କାରଣ ଏହି ସମୟରେ ଦିନକୁ ଛୋଟ କିସମ ଧାନରୁ ୫ରୁ ୬ ମିଲିମିଟର ଏବଂ ମଧ୍ୟମ କିସମ ଧାନରୁ ୧୦ ରୁ ୧୫ ମିଲିମିଟର ପାଣି ପ୍ରସ୍ୱେଦନ ଦ୍ୱାରା ବାଷ୍ପ ଆକାରରେ ଚାଲିଯାଏ । ସେହିପରି ସୂର୍ଯ୍ୟତାପ ଯୋଗୁ ଧାନକ୍ଷେତରୁ ଦିନକୁ ୩ ରୁ ୬ ମିଲିମିଟର ପାଣି ବାଷ୍ପୀକରଣ ଏବଂ ମାଟିର ବତର ଅନୁସାରେ ୧.୦ ରୁ ୯.୮ ମିଲିମିଟର ପାଣି ଅଶ୍ରବଣ ଦ୍ୱାରା ନଷ୍ଟ ହୁଏ । ଜଳର ଏପରି ନଷ୍ଟକୁ ପୂରଣ ପାଇଁ ଧାନକ୍ଷେତରେ ସର୍ବଦା ୩ ରୁ ୪ ସେ.ମି .ଠିଆ ପାଣି ରଖିବା ଉଚିତ୍ ।"

ଦିନିଆ ଧାନ ଯଥା ଲଲାଟ, ସାରଥି, ଦୟା, ଆଇ ଆରି ୩୬, ଶ୍ରାବଣୀ, ଭୁବନ, ଯଯାତି, ଉଦୟ ଆଦିରେ ୩୦ କିଲୋ, ଯବକ୍ଷାରଜାନ ସହ ଫସ୍‌ଫେଟ ଓ ପଟାସ ପ୍ରତ୍ୟେକରୁ ୧୫ କିଲୋ ପ୍ରୟୋଗ ହୁଏ । ପ୍ରଚୁର ସୂର୍ଯ୍ୟକିରଣ ପାଇ ଖରାଦିନିଆ ଧାନ ରାସାୟନିକ ସାରର ପ୍ରୟୋଗ ଦ୍ୱାରା ଶତକଡ଼ା ୪୦ରୁ ୮୦ ଭାଗ ଗ୍ରହଣ କରି ଭଲ ପିଲ ଦିଏ ଏବଂ ଆଶାନୁରୂପକ ଅମଳ ହୁଏ ।

ଗ୍ରୀଷ୍ମଋତୁରେ ଜଳସେଚନର ଠିକ୍ ପରିଚାଳନା କରିବା ଉଚିତ । କାରଣ ଏହି ସମୟରେ ଦିନକୁ ଛୋଟ କିସମ ଧାନରୁ ୫ରୁ ୬ ମିଲିମିଟର ଏବଂ ମଧ୍ୟମ କିସମ ଧାନରୁ ୧୦ ରୁ ୧୫ ମିଲିମିଟର ପାଣି ପ୍ରସ୍ୱେଦନ ଦ୍ୱାରା ବାଷ୍ପ ଆକାରରେ ଚାଲିଯାଏ । ସେହିପରି ସୂର୍ଯ୍ୟତାପ ଯୋଗୁ ଧାନକ୍ଷେତରୁ ଦିନକୁ ୩ ରୁ ୬ ମିଲିମିଟର ପାଣି ବାଷ୍ପୀକରଣ ଏବଂ ମାଟିର ବତର ଅନୁସାରେ ୧.୦ ରୁ ୯.୮ ମିଲିମିଟର ପାଣି ଅଶ୍ରବଣ ଦ୍ୱାରା ନଷ୍ଟ ହୁଏ । ଜଳର ଏପରି ନଷ୍ଟକୁ ପୂରଣ ପାଇଁ ଧାନ କ୍ଷେତରେ ସର୍ବଦା ୩ ରୁ ୪ ସେ.ମି ଠିଆପାଣି ରଖିବା ଉଚିତ୍ ।

ଗ୍ରୀଷ୍ମଋତୁରେ ଜଳସେଚିତ ଡାଲିଜାତୀୟ ଫସଲ ପାଇଁ ମୁଗ, ବିରି ଓ ଝୁଡ଼ଙ୍ଗ ସଫଳତାର ସହ ହୋଇପାରିବ। ମୁଗ ପାଇଁ ପୁଷା ବୈଶାଖୀ, ସୁଜାତା ଓ ଧଉଳି ଉପଯୁକ୍ତ । ବିରି ପାଇଁ ଟି-୯ ନମ୍ବର ଏବଂ ଝୁଡ଼ଙ୍ଗ ପାଇଁ ଏଫ୍‌ଏସ୍ ୮ ନମ୍ବର ଭଲ । ଏକରକୁ ୧୬ କିଲୋ ଫସ୍‌ଫେଟ ସାର ସହ ଜୀବାଣୁ ସାର ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣିଲେ ଫସଲ ଅଧିକ ସୂର୍ଯ୍ୟକିରଣ ପାଇ ଝଙ୍କାଳିଆ ହୋଇ ବଢ଼େ । ବାଲିଆ ମାଟିରେ ୭ ରୁ ୮ ଦିନରେ ପଟୁମାଟିରେ ୧୦ ରୁ ୧୨ ଦିନରେ ଏବଂ ଟିକିଟାମାଟିରେ ୧୫ ରୁ ୧୭ ଦିନରେ ଜଳସେଚନ କଲେ ଫସଲରୁ ୬୦ ରୁ ୭୦ ଦିନରେ ୩ ରୁ ୪ କୁଇଣ୍ଟାଲ ଅମଳ ମିଳେ ।

ଗ୍ରୀଷ୍ମଋତୁରେ ତୈଳବୀଜ ଫସଲ ଭାବେ ଚିନାବାଦାମ ପାଇଁ ଏକ ୧୨-୨୪, ରାଶି ପାଇଁ ବିନାୟକ, କନକ ଓ କାଳିକା ଏବଂ ସୂର୍ଯ୍ୟମୁଖୀ ପାଇଁ- ୬୮୪୧୩ ଓ ସନ୍‌ରାଇଜ ଉତ୍କୃଷ୍ଟ । ସୂର୍ଯ୍ୟମୁଖୀ ମଞ୍ଜିକୁ ୨୪ ଘଣ୍ଟା ପାଣିରେ ବତୁରାଇ ୪୫ ସେ.ମି. ବ୍ୟବଧାନରେ ଧାଡ଼ିରେ ବୁଣିଲେ ପ୍ରଚୁର ସୂର୍ଯ୍ୟକିରଣ ପାଇ ଗଛ ଭଲ ବଢ଼େ। ଜଳସେଚିତ ଚିନାବାଦାମକୁ ବାଲିଆ ଓ ପଟୁ କିସମ ମାଟିରେ ବୁଣିଲେ ଭଲ ପରାଗ ସଙ୍ଗମ ହୋଇ ସ୍ତ୍ରୀକେଶର ଧାରିକା ସହଜରେ ମାଟିରେ ପ୍ରବେଶକରି ଅଧିକ ଅମଳ ଦିଏ । ତୈଳବୀଜ ଫସଲ ୩ରୁ ୪ଥର ଜଳସେଚନ ଆବଶ୍ୟକ କରେ।



ତୈଳବୀଜ ଫସଲର ଫୁଲଫୁଟିବା ଏବଂ ମଞ୍ଜି ପାକଳ ହେବା ସମୟରେ ଜଳସେଚନ ଜରୁରୀ ଆବଶ୍ୟକ । ଗ୍ରୀଷ୍ମଋତୁରେ ଜଳସେଚନର ସୁବିଧା ଥିଲେ ଉତ୍ତମ ଉତ୍ତାପ ଓ ଅଧିକ ସୂର୍ଯ୍ୟକିରଣ ହେତୁ ପନିପରିବା ଯଥା ପୋଟଳ, ବାଇଗଣ, ଭେଣ୍ଡି, କଲରା, କଖାରୁ, ଜହ୍ନି, ଛଚିନ୍ଦ୍ରା ଏବଂ ଶାଗ ଯଥା ଖଡ଼ା, ଲେଉଟିଆ ଓ ପୋଇ ଆଦି ଭଲ ହୁଏ । ପୋଟଳ ପାଇଁ ସ୍ଥାନୀୟ ଲମ୍ବ କିସମ ଉତ୍କୃଷ୍ଟ । ଫୁଲ ଓ ଫଳ ଆସିବା ସମୟରେ ପୋଟଳକୁ ଜଳସେଚନ କରିବା ଉଚିତ୍ । ଏହାଦ୍ୱାରା ଖରାରେ ପୋଟଳ ଫାଟେ ନାହିଁ। ବାଇଗଣ ପାଇଁ ପୁଷାକ୍ରାନ୍ତି ଓ ପୁଷାପର ପଲ ଲଙ୍ଗ୍ ଭଲ। ଉକ୍ତ କିସମ ବାଙ୍ଗରା ଗୋଛାଳିଆ ହୋଇ ବଢ଼ି ମାଟିର ଜଳ ଉତ୍ସ୍ୱେଦନ ପ୍ରକ୍ରିୟା କମାଏ । ଭେଣ୍ଡି କିସମ ମଧ୍ୟରୁ ପୁଷାସ୍ୱାଳି ଓ ବିଓ-୧ ନମ୍ବର ଭଲ ଅମଳ ଦିଏ । ଉକ୍ତ କିସମ ଭଲ ସୂର୍ଯ୍ୟକିରଣ ପାଇ ପ୍ରତ୍ୟେକ ପତ୍ର ଶାଖାରେ ଫଳ ଆସେ । ଖରାଦିନେ କଲରା କିସମ କୋଏମ୍ବାଟୁର ଲଙ୍ଗ୍, ଗ୍ରୀନ୍ ଲଙ୍ଗ୍ ଓ କୁଜି କିସମ ଭଲ ବଢ଼େ । ଉତ୍ତାପ ବଢ଼ିଲେ ଉକ୍ତ କଲରା ଭଲ ଲଟି ହୋଇ ଅଧିକ ଫୁଲ ଓ ଫଳ ଦିଏ । ସାତପଡ୍ରି ଜହ୍ନି ଗ୍ରୀଷ୍ମଋତୁରେ ଜଳସେଚନ ପାଇ ଭଲ ଅମଳ ଦିଏ । କଖାରୁ କିସମ ଯଥା ଗୁଆମାଳ, ବୈଦ୍ୟବାଟିକା ଓ ଆର୍କା ଚନ୍ଦନ ଗ୍ରୀଷ୍ମଋତୁରେ ମାଟିରେ ଲଟି ବହୁତ ଫଳେ । ୩ରୁ ୪ ଗୋଟି କଖାରୁ ମଞ୍ଜି ମନ୍ଦାରେ ଖତସାର ଦେଇ ଲଗାଇ ଉଠା ପାଣିରେ ଜଳସେଚନ କଲେ କମ୍ ଜଳ ଆବଶ୍ୟକ ହୁଏ ଓ ଭଲ ଫୁଲ ଫଳ ଆସେ । ଖରାଦିନେ ତନ୍ତୁଜାତୀୟ ଫସଲ ମଧ୍ୟରେ ନଳିତା ଚାଷ ଲାଭଜନକ । ନଳିତା ଦୁଇ ପ୍ରକାରର ଯଥା ପିତା ଓ ମଧୁର । ପିତା ନଳିତା ପାଇଁ ସବୁଜସୋନା ଓ ଶ୍ୟାମଳୀ କିସମ ଉତ୍କୃଷ୍ଟ । ଉକ୍ତ ନଳିତା ଖାଲ କିସମ ଜମି ଓ ଟିକିଟାମାଟିରେ ଭଲ ବଢ଼େ । ମଧୁର ନଳିତା ପାଇଁ ବାସୁଦେବ, ବୈଶାଖୀ, ତୋଷା, ଚୈତାଳି ଢିପଜମିର ବାଲିଆମାଟିରେ ଭଲ ହୁଏ । ପିତା ନଳିତା ଚୈତ୍ର ମାସରେ ବୁଣିଲା ବେଳେ ମଧୁର ନଳିତା ବୈଶାଖ ମାସରେ ବୁଣାଯାଏ । ସୂର୍ଯ୍ୟ ତାପ ବଢ଼ିଲେ ନଳିତା ଭଲ ବଢ଼େ । ନଳିତା ଯଦିଓ ମରୁଡ଼ି ସହଣୀ, ଏହା ବଢ଼ିବା ସମୟରେ ବର୍ଷା ହେବା ପର୍ଯ୍ୟନ୍ତ ୨ ରୁ ୩ଟି ଜଳସେଚନ ଆବଶ୍ୟକ କରେ। ଗ୍ରୀଷ୍ମଋତୁରେ ହେଉଥିବା ଉତ୍ତାପ, ସୂର୍ଯ୍ୟାଲୋକ, ବାୟୁମଣ୍ଡଳର ଜଳୀୟକଣା, ସମୟ ଉପଯୋଗୀ ବର୍ଷା ଓ ଜଳସେଚନର ସୁଯୋଗ ନେଇ ଚାଷୀ ଖରାଦିନିଆ ବିଭିନ୍ନ ଫସଲ ଚାଷ କଲେ ନିଶ୍ଚୟ ଲାଭବାନ୍ ହେବେ ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୯୮୫

# ଚାଷୀଙ୍କ ପାଇଁ...

- ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତିଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ।
- ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ।
- ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ ।



- ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।
- ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲାଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

# ମଲ୍ଲୀ ଗଛରେ କଟା କଲମି



ମଲ୍ଲୀ ଗଛରେ କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳିକରି କଲମିଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ରୁଟେକ୍ସ ହର୍‌ମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟା ଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ | Balasore, Wednesday, March 23/ 2022




ଜାତୀୟ ସିନିୟର ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶାର ଝିଲି ଦଳବେହେରା (ଡାହାଣରୁ ଦ୍ୱିତୀୟ)।

# ଝିଲି, ସ୍ନେହାଙ୍କୁ ବ୍ରୋଞ୍ଜ ପଦକ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୁଇ ମହିଳା ଖେଳାଳି ଝିଲି ଦଳବେହେରା ଓ ସ୍ନେହା ସୋରେନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆରଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଝିଅ ଝିଲି ସିନିୟର ମହିଳା ବର୍ଗର ସ୍ନାଚରେ ୭୬ ଏବଂ କ୍ଲିନ ଆଣ୍ଡ ଜର୍କରେ ୯୩କେଜି ସହ ମୋଟ ୧୬୯କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବର୍ଗରେ ମଣିପୁରର ଜୀନାରାଣୀ ଦେବୀ ମୋଟ ୧୭୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ଏବଂ ଆରଏସ୍‌ପିବିର ସଞ୍ଜିତା ଚାନୁ ମୋଟ ୧୭୪ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୪୯ କେଜି ଆନ୍ତଃ ରାଜ୍ୟ ସିନିୟର ମହିଳା ବର୍ଗରେ ସ୍ନେହା ସ୍ନାଚରେ ୭୫ ଏବଂ କ୍ଲିନ ଆଣ୍ଡ ଜର୍କରେ ୯୧କେଜି ସହ ମୋଟ ୧୬୬ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ମଣିପୁରର ଜୀନାରାଣୀ ଦେବୀ ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ସାକ୍ଷୀ ମହାସ୍କେ ରୌପ୍ୟ ପଦକ ପାଇଛନ୍ତି। ୪୯ କେଜି ଯୁଥ ମହିଳା ବର୍ଗରେ ପଣ୍ଡିଚେରୀର ଭି. ମଧୁମିତା ମୋଟ ୧୫୫କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଉତ୍ତରପ୍ରଦେଶର ନିଲମ ପଟେଲ ୧୫୨ କେଜି ସହ ରୌପ୍ୟ ପଦକ ହାସଲ କରିଛନ୍ତି। ନୀଲମ ଏହି ବର୍ଗର ସ୍ନାଚରେ ସର୍ବାଧିକ ୬୭କେଜି ଉତ୍ତୋଳନ କରି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାମିଲନାଡୁର ଭି. ରିଥିକା ମୋଟ ୧୫୦ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୯କେଜି ଜୁନିୟର ମହିଳା ବର୍ଗରେ ମହାରାଷ୍ଟ୍ରର ସାକ୍ଷୀ ମହାସ୍କେ ମୋଟ ୧୬୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ଛତିଶଗଡର ଜ୍ଞାନେଶ୍ୱରୀ ଯାଦବ ୧୬୧ କେଜି ସହ ରୌପ୍ୟ ଏବଂ ପଣ୍ଡିଚେରୀର ଭି. ମଧୁମିତା ୧୫୫କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରଥମ ଓଡ଼ିଆ ଭାରୋତ୍ତୋଳକ ଭାବେ ମୁନା ନାୟକ ୬୧ କେଜି ଆନ୍ତଃରାଜ୍ୟ ସିନିୟର ପୁରୁଷ ବର୍ଗରେ ସୋମବାର ରୌପ୍ୟ ପଦକ ହାସଲ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ ସ୍ନେହା ସୋରେନ।

# ଜାତୀୟ ସବ୍‌ଜୁନିୟର ଉଶୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି)

ତାମିଲନାଡୁର ନାଗରକୋଇଲସ୍ଥିତ ନୁର୍ ଇସଲାମ ବିଶ୍ୱବିଦ୍ୟାଳୟ ପରିସରରେ ୨୧ତମ ଜାତୀୟ ସବ୍‌ଜୁନିୟର ଉଶୁ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ୨୫ ଜଣିଆ ଓଡ଼ିଶା ଦଳ ମଙ୍ଗଳବାର ତାମିଲନାଡୁ ଯାତ୍ରା କରିଛି। ଓଡ଼ିଶା ଦଳରେ ୨୧ ଖେଳାଳି ଓ ୪ ଅଫିସିଆଲ ସାମିଲ ଅଛନ୍ତି। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି। ସୁଷମା ମହନ୍ତ ଦଳର ମ୍ୟାନେଜର ଏବଂ ପଙ୍କଜ ମହନ୍ତ ଓ ଉଦୟନାଥ ରାଉତ କୋଚ୍‌ଭାବେ ଦଳ ସହ ଯାଇଛନ୍ତି। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ ଓ ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ** (ସାଣ୍ଡା-ବାଳକ): ସ୍ୟୋନ ମହନ୍ତ, ଗାର୍ଡି ମୁଣ୍ଡା, ଅକିଲ ମୁଣ୍ଡା, ମଦନ ମୁଣ୍ଡା, ରମେଶ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ପର୍ବିଲ ମୁଣ୍ଡା। ସାଣ୍ଡା-ବାଳିକା: ଶିବାନୀ ମୁଣ୍ଡା, ଦ୍ରୁପତି ମୁଣ୍ଡା, ମାଳିନୀ ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଶ୍ୱେତାରାଣୀ ମହନ୍ତ, ସବିତା ମୁଣ୍ଡା, ବାସନ୍ତି ମହାକୁଡ଼। ତାଓଲୁ-ବାଳକ: ଆର୍ଯ୍ୟନ ମହାନ୍ତି, ଆକାଶ ନନ୍ଦ। ତାଓଲୁ-ବାଳିକା: ଶୁଭଶ୍ରୀ ପାତ୍ର, ବଂଶିକା ପତି, ଦିବ୍ୟାଂଶୀ ମହାନ୍ତି, ପ୍ରତିଜ୍ଞା ବେହେରା, ଲାବଣ୍ୟ ପତି।



ଜାତୀୟ ସବ୍‌ଜୁନିୟର ଉଶୁରେ ଭାଗନେବାକୁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

**ସି.କେ. ନାଇଡୁ ଟ୍ରଫି**

## ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ ଆରମ୍ଭ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ୨୫ ବର୍ଷରୁ କମ୍ ବିସିସିଆଇ ସି.କେ. ନାଇଡୁ ଟ୍ରଫି କ୍ରିକେଟ (ଏଲିଟ ଗ୍ରୁପ୍-ସି) ମ୍ୟାଚ ମଙ୍ଗଳବାର ତ୍ରିଭେନ୍ଦ୍ରମ୍‌ର ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ଖେଳ ଶେଷ ବେଳକୁ ଝାଡ଼ଖଣ୍ଡ ୫ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ସାହିଲ ରାଜ ୨୧୦ ବଲ୍‌ରୁ ସର୍ବାଧିକ ୧୮୪ ରନ କରିଥିବାବେଳେ ଆଦିତ୍ୟ ସିଂ ୧୮୮ ବଲ୍‌ରୁ ୯୭ ଓ ସୁରଓ୍ୱାର ୩୯ ରନକରି ଅପରାଜିତ ରହିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସତ୍ୟକାମ ଭରଦ୍ୱାଜ ୧୧୩ ରନରେ ୪ଟି ଓ ରାଜେଶ ମହାନ୍ତି ଗୋଟିଏ ଉଇକେଟ ନେଇଛନ୍ତି।

# ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ୩

ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଉଦୟପୁରଠାରେ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନେ ହେଲେ ଲିପୁ ରାଉତ, ସୁମିତ ପଣ୍ଡା ଓ ପୂର୍ଣ୍ଣ ସେଠୀ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସନ୍ତରଣ ପ୍ରଶିକ୍ଷକ ଅର୍ପିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ପ୍ରତିଯୋଗୀମାନେ ସୋମବାର ଉଦୟପୁର ଯାତ୍ରା କରିଛନ୍ତି। ଭୁବନେଶ୍ୱର ରେଲଓ୍ୱେ ଷ୍ଟେଶନରେ ଅନ୍ତର୍ଜାତୀୟ ପାରା କ୍ରୀଡାବିତ୍ ରାଖାଲ ସେଠୀ ଏବଂ ସୁନୀଲ ପ୍ରଧାନ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍‌ଓବି) ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ରାଜ୍ୟ ପାରାସ୍ପୋର୍ଟ୍ସ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ପ୍ରତିଯୋଗୀ।

## ମିଜୋରାମ ୧୯୪ରେ ଅଲ୍‌ଆଉଟ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବିସିସିଆଇ ୨୫ ବର୍ଷରୁ କମ୍ ସିକେ ନାୟୁଡୁ ଟ୍ରଫିର ପ୍ଲେଟ୍‌ଗ୍ରୁପ୍ କ୍ରିକେଟ ମ୍ୟାଚ କଟକର ଡ୍ରିମ୍ସ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଗ୍ରାଉଣ୍ଡରେ ମଙ୍ଗଳବାର ଆରମ୍ଭ ହୋଇଛି। ଡ୍ରିମ୍ସରେ ଅନୁଷ୍ଠିତ ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ମିଜୋରାମ ୧୯୪ ରନରେ ଅଲ୍‌ଆଉଟ ହୋଇ ଯାଇଛି। ଦଳ ପକ୍ଷରୁ ଜେହୁ ଆଣ୍ଡରସନ ୬୬ ଓ ସାହିଲ ରେଜା ୪୦ ରନ ସ୍କୋର କରିଥିଲେ। ନାଗାଲାଣ୍ଡ ପକ୍ଷରୁ ଜୋଶୁଆ, ମେରେନ ଓ ଓଡିଲେମ୍ବା ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ନାଗାଲାଣ୍ଡ ୧୭ ରନରେ ୩ଟି ଉଇକେଟ ହରାଇଛି। କିଟ୍ ପଡ଼ିଆରେ ଆରମ୍ଭ ହୋଇଥିବା ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ମେଘାଳୟ ୧୮୯ ରନରେ ସମସ୍ତ ଉଇକେଟ ହରାଇଥିଲା। ମହମ୍ମଦ ଅସିଫ ଖାଁ ସର୍ବାଧିକ ୮୩ ରନ କରିଥିଲେ। ସିକିମ୍‌ର ଅଙ୍କୁର ୫ ଉଇକେଟ ସଫଳତା ପାଇଥିବାବେଳେ ରାହୁଲ କୁମାରଙ୍କୁ ୨ଟି ଉଇକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ସିକିମ ୪ ଉଇକେଟ ହରାଇ ୪୮ ରନ କରିଛି। ମେଘାଳୟର ଅଭିଷେକ ୩ଟି ଉଇକେଟ ନେଇଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ